- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-03 ♦SATURDAY ♦27 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୦୩ ♦ଶନିବାର ♦୨୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଯଶଙ୍କୁ ଟକ୍କର ଦେବେ ଶ୍ରଦ୍ଧା

▶ପୃଷ୍ଠା ୧୧ ଦେଖନ୍ତୁ...





TANISHQ

## Celebrating Her Traditions, Her Way

Join us for an exclusive showcase of jewellery inspired by heritage and crafted for the modern woman.

Explore handcrafted designs that blend timeless artistry with contemporary elegance.

UP TO ₹601 OFF* per gram on gold jewellery | GET 100%* Exchange value on your old gold brought from any jeweller

Offer valid from 26th to 28th June 2026

Talk to our jewellery expert to know more 1800 2966 677 | Buy online at tanishq.co.in | or Download our App | *Conditions apply, For T&C visit our website.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

## କେଇକୋ ଫୁଜିମୋରି ପେରୁର ପ୍ରଥମ ମହିଳା ରାଷ୍ଟ୍ରପତି



ଲିମା, ୨୬।୬(ଏଜେନ୍ସି): ପେରୁର ନିର୍ବାଚନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଦେଶର ଦକ୍ଷିଣପନ୍ଥୀ ନେତ୍ରୀ ୫୧ ବର୍ଷୀୟା କେଇକୋ ଫୁଜିମୋରି ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢୁଥିବା କେଇକୋ ପ୍ରାୟ ୫୦.୧ ପ୍ରତିଶତ ଭୋଟ୍ ପାଇ ନିଜର ପ୍ରତିଦ୍ୱନ୍ଦୀ ବାମପନ୍ଥୀ ପ୍ରାର୍ଥୀ ରୋବର୍ଟୋ ସାଞ୍ଚେଜଙ୍କୁ ଅତି ଅଳ୍ପ ବ୍ୟବଧାନରେ ପରାଜିତ କରିଛନ୍ତି। ଆସନ୍ତା ଜୁଲାଇ ୨୮ ତାରିଖରେ ସେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ। ପେରୁର ପୂର୍ବତନ ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରିଙ୍କ କନ୍ୟା କେଇକୋଙ୍କ ପିଲାଦିନ ଏବଂ ରାଜନୈତିକ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ନବେ ଦଶକରେ ଦେଶରେ ଉଗ୍ରବାଦୀ ହିଂସା ଚରମ ସୀମାରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପରିବାରକୁ ବଙ୍କର ଭିତରେ ଦିନ କାଟିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ପିତାମାତାଙ୍କ ମଧ୍ୟରେ ବିବାଦ ଯୋଗୁଁ ମାତ୍ର ୧୯ ବର୍ଷ ବୟସରେ ନିଜ ପାଠପଢ଼ା ଛାଡ଼ି ସେ ପେରୁର ସବୁଠାରୁ କମ୍ ବୟସ୍କ 'ଫାଷ୍ଟ ଲେଡି' ବା ପ୍ରଥମ ମହିଳା ଭାବେ ଦାୟିତ୍ୱ ତୁଲାଇଥିଲେ। ରାଜନୈତିକ ଜୀବନ ମଧ୍ୟରେ କେଇକୋଙ୍କୁ ଅର୍ଥ ହେରଫେର ଏବଂ ଅବୈଧ ନିର୍ବାଚନ ପାଣ୍ଠି ସଂଗ୍ରହ ମାମଲାରେ ୨୦୧୮ ମସିହାରେ ପ୍ରାୟ ୧୩ ମାସ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଜେଲ୍‌ରୁ ମୁକ୍ତିଲାଭ ପରେ ସେ ନିଜ ଦଳକୁ ଏକାଠି ରଖି ପୁଣି ରାଜନୀତିରେ ସକ୍ରିୟ ହୋଇଥିଲେ। ବର୍ତ୍ତମାନ ଦେଶରେ ବଢୁଥିବା ଅପରାଧ, ଦୁର୍ନୀତି ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ କେଇକୋ ପେରୁର ଶାସନ ଭାର ହାତକୁ ନେବାକୁ ଯାଉଛନ୍ତି।

## ଗୋଆରେ ଚାଲିବ କୋଚି ଭଳି ୱାଟର୍ ମେଟ୍ରୋ



ପାଣାଜୀ, ୨୬।୬(ଏଜେନ୍ସି): କେରଳର କୋଚି ସହର ଭଳି ବର୍ତ୍ତମାନ ଗୋଆରେ ମଧ୍ୟ ଜଳପଥରେ ମେଟ୍ରୋ ବା 'ୱାଟର ମେଟ୍ରୋ' ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ଗୋଆ ଗସ୍ତ ସମୟରେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ହିଁ ଶେଷ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମାଣ୍ଡୋଭୀ ନଦୀ କୂଳରେ ଅବସ୍ଥିତ ଗୋଆର ରାଜଧାନୀ ପାଣାଜୀ ସହର ସହିତ ନଦୀ କୂଳବର୍ତ୍ତୀ ଅନ୍ୟାନ୍ୟ ସହର ଏବଂ ଗ୍ରାମଗୁଡ଼ିକୁ ଜଳପଥ ମାଧ୍ୟମରେ ଯୋଡ଼ାଯିବ। କୋଚି ମେଟ୍ରୋ ରେଲ ଲିମିଟେଡ୍ ଦ୍ୱାରା ଏହି ପ୍ରକଳ୍ପର ପ୍ରାଥମିକ ସର୍ଭେ କରାଯାଇ ପ୍ରାୟ ୮ଟି ସମ୍ଭାବ୍ୟ ରୁଟ୍ ଚିହ୍ନଟ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଅନୁରୋଧ କ୍ରମେ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପାଣାଜୀ ବନ୍ଦରରେ ଏକ ନୂତନ ଟର୍ମିନାଲ୍ ଭବନ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଦେଶର ବନ୍ଦରଗୁଡ଼ିକର କ୍ଷମତା ଦୁଇଗୁଣା ବୃଦ୍ଧି ପାଇବା ସହ ଆଭ୍ୟନ୍ତରୀଣ ଜଳପଥଗୁଡ଼ିକ ମଧ୍ୟ ବାଣିଜ୍ୟ ଏବଂ ପରିବହନର ଏକ ପ୍ରମୁଖ ମାଧ୍ୟମ ସାଜିଛନ୍ତି, ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ସହାୟକ ହେବ।

## ଏନ୍‌ସିଇଆର୍‌ଟି ବହିରୁ ହଟିଲା ସମାଜବାଦୀ ଓ ଧର୍ମନିରପେକ୍ଷ ଶବ୍ଦ

**ଜରୁରୀକାଳୀନ ପରିସ୍ଥିତି ଉପରେ ଯୋଡ଼ାଗଲା ନୂଆ ଅଧ୍ୟାୟ**

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ବା ଏନସିଇଆରଟି ଦ୍ୱାରା ନବମ ଶ୍ରେଣୀର ନୂତନ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ସମ୍ବିଧାନର ପ୍ରସ୍ତାବନାକୁ ହଟାଇ ଦିଆଯାଇଛି। ଏହା ସହିତ ପ୍ରସ୍ତାବନାରେ ଥିବା 'ସମାଜବାଦୀ' ଏବଂ 'ଧର୍ମନିରପେକ୍ଷ' ଭଳି ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକୁ ମଧ୍ୟ ଏହି ବହିରୁ ବାଦ୍ ଦିଆଯାଇଥିବା ବେଳେ 'ଜରୁରୀକାଳୀନ ପରିସ୍ଥିତି' ସମ୍ପର୍କରେ ଏକ ନୂତନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ପାଠ୍ୟପୁସ୍ତକର ଏକ ଅଧ୍ୟାୟରେ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ସବୁଠାରୁ ବଡ଼ ଆହ୍ୱାନ ଭାବେ ବର୍ଣ୍ଣନା କରାଯାଇଛି। ଏଥିରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାରଙ୍କ ବିରୋଧରେ ବଢ଼ୁଥିବା ଜନଅସନ୍ତୋଷ, ମୌଳିକ ଅଧିକାରର ନିଲମ୍ବନ, ଗଣମାଧ୍ୟମ ଉପରେ କଟକଣା ଏବଂ ନେତାମାନଙ୍କ ଗିରଫଦାରୀ ବିଷୟରେ ଉଲ୍ଲେଖ ରହିଛି। ଏହା ସହିତ ବିହାର ଓ ଗୁଜରାଟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ହୋଇଥିବା ଗଣଆନ୍ଦୋଳନ ଏବଂ ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୭ ନିର୍ବାଚନରେ ଶାସକ ଦଳର ପରାଜୟକୁ ଭାରତୀୟ ଗଣତନ୍ତ୍ରର ସୁଦୃଢ଼ତାର ପ୍ରମାଣ ବୋଲି ଦର୍ଶାଯାଇଛି। ପୁସ୍ତକରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ଦ୍ୱୟକୁ ୧୯୭୬ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ହିଁ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଯୋଡ଼ାଯାଇଥିଲା। ଏହା ବ୍ୟତୀତ ଗଣତନ୍ତ୍ର ପ୍ରତି ଥିବା ଅନ୍ୟାନ୍ୟ ଆହ୍ୱାନ ଯେପରିକି ମିଥ୍ୟା ଖବର, ଦୁର୍ନୀତି, ଆଞ୍ଚଳିକତାବାଦ ଏବଂ ଲିଙ୍ଗଗତ ଅସମାନତା ଉପରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି। ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀଙ୍କ ଦାୟିତ୍ୱବୋଧ ବଢ଼ାଇବାକୁ 'ଗଣତନ୍ତ୍ର ଏବଂ ଆପଣ' ଶୀର୍ଷକ ଏକ ନୂଆ ବିଭାଗ ସ୍ଥାନ ପାଇଛି। ଏହା ସହିତ ଭାରତୀୟ ନିର୍ବାଚନ କମିଶନଙ୍କ ସଫଳତାକୁ ପ୍ରଶଂସା କରାଯିବା ସହ ଗଣମାଧ୍ୟମକୁ ଗଣତନ୍ତ୍ରର 'ଚତୁର୍ଥ ସ୍ତମ୍ଭ' ଭାବେ ଅଭିହିତ କରାଯାଇଛି।

## ୧୧ ଜଣ ବାଂଲାଦେଶୀ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜସିଟ୍

ଗୌହାଟି, ୨୬।୬(ଏଜେନ୍ସି): ଭାରତରେ ଆତଙ୍କବାଦୀ ନେଟୱାର୍କର ବିସ୍ତାର ଏବଂ ଯୁବକମାନଙ୍କୁ ସଂଗଠନରେ ସାମିଲ କରିବା ପାଇଁ ଚାଲିଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ 'ଜମାତ-ଉଲ୍-ମୁଜାହିଦ୍ଦିନ ବାଂଲାଦେଶ'ର ଏକ ଶାଖା ସହିତ ଜଡ଼ିତ ଏହି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଗୁଆହାଟୀ ସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଏନଆଇଏର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂଗଠନର ବରିଷ୍ଠ ସଦସ୍ୟ ଇମାମ ମହମୁଦ ହବିବୁଲ୍ଲା ଭାରତ ମାଟିରେ ନିଜର ଆତଙ୍କବାଦୀ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ 'ଇମାମ ମହମୁଦର କାଫିଲା' ନାମକ ଏକ ଶାଖା ଗଠନ କରିଥିଲା। ଏହି ସଂଗଠନ ଜରିଆରେ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉଗ୍ରବାଦୀ ଚିନ୍ତାଧାରାର ପ୍ରସାର କରିବା, ସ୍ଥାନୀୟ ଯୁବକମାନଙ୍କୁ ଭ୍ରମିତ କରି ସଂଗଠନରେ ସାମିଲ କରିବା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇବା ପାଇଁ ଗୁପ୍ତ ବୈଠକ ଓ ଡିଜିଟାଲ୍ ମାଧ୍ୟମର ବ୍ୟବହାର କରାଯାଉଥିଲା। ଏହି ମାମଲାରେ ଗିରଫ ହୋଇଥିବା ଦୁଇ ପ୍ରମୁଖ ଅଭିଯୁକ୍ତ ନସିମୁଦ୍ଦିନ ଆସାମରେ ଏବଂ ଜାଗିର ମିଆଁ ତ୍ରିପୁରାରେ ଏହି ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପର ନେତୃତ୍ୱ ନେଉଥିଲେ।

## 'ଅପରେସନ୍ ସିନ୍ଦୂର' ପ୍ରକାଶ ପାଇଲା ସହିଦ ଯବାନଙ୍କ ନାମ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଗତ ବର୍ଷ ମେ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ଜବାବ ଦେବାକୁ ଯାଇ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେସନ୍ ସିନ୍ଦୂର'ରେ ପ୍ରାଣବଳୀ ଦେଇଥିବା ୬ ଜଣ ବୀର ସୈନିକଙ୍କ ପରିଚୟ ପ୍ରଥମ ଥର ପାଇଁ ସାର୍ବଜନୀନ କରାଯାଇଛି। ଦେଶମାତୃକାର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ଅମର ଶହୀଦମାନଙ୍କ ନାମ ନୂଆଦିଲ୍ଲୀସ୍ଥିତ ଜାତୀୟ ସମର ସ୍ମାରକୀର 'ତ୍ୟାଗ ଚକ୍ର'ରେ ଖୋଦିତ କରାଯାଇ ସେମାନଙ୍କୁ ଚିରଦିନ ପାଇଁ ସମ୍ମାନିତ କରାଯିବ। ଶହୀଦ ହୋଇଥିବା ଏହି ସେନା ଅଧିକାରୀ ଓ ଯବାନମାନଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ୫ ଜଣ ଏବଂ ଭାରତୀୟ ବାୟୁସେନାର ଜଣେ ଯୋଦ୍ଧା ସାମିଲ ଅଛନ୍ତି। ସେମାନେ ହେଲେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂ ଏବଂ ବାୟୁସେନା ସର୍ଜେଣ୍ଟ ସୁରେନ୍ଦ୍ର କୁମାର। ଏହି ବୀରମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସେମାନଙ୍କ ଅସାଧାରଣ ସାହସିକତା ପାଇଁ ମରଣୋତ୍ତର ଭାବେ ବୀରତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ 'ବୀର ଚକ୍ର' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ମରଣୋତ୍ତର ଭାବେ 'ବାୟୁସେନା ପଦକ' ପ୍ରଦାନ କରାଯାଇଛି। ୨୦୨୫ ମସିହାର ବିଭିନ୍ନ ସାମରିକ ଅଭିଯାନ ସମୟରେ ସହିଦ ହୋଇଥିବା ସମସ୍ତ ସୈନିକଙ୍କ ନାମ ସହିତ ଏହି ୬ ଜଣ ବୀରଙ୍କ ନାମ ମଧ୍ୟ ଜାରି କରାଯାଇଛି। ସ୍ୱାଧୀନତା ପରଠାରୁ ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ପ୍ରତ୍ୟେକ ସୈନିକଙ୍କ ନାମ, ପଦବୀ ଓ ସେନା ଶାଖା ଜାତୀୟ ସମର ସ୍ମାରକୀର ୧୬ଟି ଗୋଲାକାର ଗ୍ରାନାଇଟ୍ ପ୍ରସ୍ତର କାନ୍ଥରେ ସ୍ଥାନ ପାଇଛି, ଯେଉଁଠାରେ ଏବେ ଏହି ବୀରମାନଙ୍କ ନାମ ସଦାସର୍ବଦା ପାଇଁ




ଶୋଭା ପାଇବ। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ମଇ ୭ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନର ୯ଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡା ଉପରେ ସଠିକ୍ ଓ ବେଗବାନ ଆକ୍ରମଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଏହାର ଜବାବରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଆକ୍ରମଣ ଓ ଗୋଳାବାରୁଦ ବର୍ଷଣ କରାଯିବା ଫଳରେ ଉଭୟ ଦେଶ ମଧ୍ୟରେ ଚାରି ଦିନ ଧରି ପ୍ରତ୍ୟକ୍ଷ ସଂଘର୍ଷ ଚାଲିଥିଲା। ପରେ ଭାରତ ଲାହୋରର ରାଡାର ପ୍ରତିଷ୍ଠାନ ଏବଂ ଗୁଜରାନୱାଲା ନିକଟସ୍ଥ ଆଡ୍ଡାଗୁଡ଼ିକୁ ସଫଳତାର ସହ ଧ୍ୱଂସ କରିବା ପରେ ମଇ ୧୦ ତାରିଖରେ ଦୁଇ ଦେଶର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ଆଲୋଚନା ଭିତ୍ତିରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଗତ ମାସରେ ଏହି ସଫଳ ସାମରିକ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ଅପରେସନ୍ ସିନ୍ଦୂର'କୁ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଜବାବ ଏବଂ ଜାତୀୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରତୀକ ବୋଲି ଅଭିହିତ କରିଥିଲେ। ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଭାରତୀୟ ସେନାର ଯବାନମାନେ ଯେଉଁ ଅତୁଳନୀୟ ସାହସ, ସଠିକତା ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଛନ୍ତି, ତାହା ଦେଶବାସୀଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଅମର ଶହୀଦଙ୍କ ଏହି ବଳିଦାନ ନିକଟରେ ସମଗ୍ର ଦେଶ ଆଜି କୃତଜ୍ଞତା ଜ୍ଞାପନ କରୁଛି।

## ଦିଲ୍ଲୀରେ ସେପ୍ଟିକ୍ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଦିଲ୍ଲୀର ମୁଣ୍ଡକା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶୁକ୍ରବାର ଅପରାହ୍ନରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୁଣ୍ଡକାର ସ୍ୱାଳାପୁରୀ ଅଞ୍ଚଳରେ ଥିବା ଏକ କାରଖାନାରେ ଏହି ଅଭାବନୀୟ ଘଟଣା ଘଟିଛି। ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ କିଛି ଲୋକ ଫସି ରହିଥିବା ଖବର ମିଳିଥିଲା। ଏହା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଗାଡ଼ି ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ଟାଙ୍କି ଭିତରେ ଥିବା ପ୍ରବଳ ବିଷାକ୍ତ ଗ୍ୟାସ୍ ଯୋଗୁଁ ସେମାନେ ଶ୍ୱାସରୁଦ୍ଧ ହୋଇ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ। ଅଗ୍ନିଶମ କର୍ମଚାରୀମାନେ ତିନି ଜଣଙ୍କୁ ଟାଙ୍କି ଭିତରୁ ବାହାରକୁ ଆଣିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା।

## ଡେନ୍‌ମାର୍କରେ ଅଜାନ ଉପରେ କଟକଣା ହେବ

କୋପେନହେଗେନ, ୨୬।୬(ଏଜେନ୍ସି): ଡେନମାର୍କରେ ବଢୁଥିବା ଇସଲାମୀକରଣକୁ ରୋକିବା ପାଇଁ ସେଠାକାର ସରକାର ସାରା ଦେଶରେ ମସଜିଦ୍‌ରୁ ଦିଆଯାଉଥିବା ସାର୍ବଜନୀନ ପ୍ରାର୍ଥନା ଡାକରା ବା ଅଜାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ଉପରେ ପୂର୍ବରୁ କଟକଣା ଲଗାଯାଇଥିବା ବେଳେ ବର୍ତ୍ତମାନ ଏହି ନୂଆ ପ୍ରସ୍ତାବ ଉପରେ ବିଚାର କରାଯାଉଛି। ଦେଶର ପ୍ରବାସୀ ମନ୍ତ୍ରୀ ମୋର୍ଟେନ ବୋଡସ୍କୋଭ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଡେନମାର୍କର କିଛି ଅଞ୍ଚଳ ବର୍ତ୍ତମାନ ପାକିସ୍ତାନର ରାଜଧାନୀ 'ଇସଲାମାବାଦର ଉପକଣ୍ଠ' ଭଳି ଅନୁଭୂତ ହେଉଛି। ଡେନମାର୍କ ଆକାଶରେ ଅଜାନ ଶବ୍ଦ ଶୁଣାଯିବା ଉଚିତ ନୁହେଁ ଏବଂ ଏହାର ଏଠାରେ କୌଣସି ସ୍ଥାନ ନାହିଁ। ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କ ନେତୃତ୍ୱରେ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାର୍ଥନା ଗୃହ ହଟାଇବା ସହ ଅନୁପ୍ରବେଶ ରୋକିବା ପାଇଁ ୟୁରୋପର ସବୁଠାରୁ କଠୋର ନୀତି ଆପଣାଇଛନ୍ତି। ଡେନମାର୍କରେ ମୋଟ ଜନସଂଖ୍ୟାର ପ୍ରାୟ ୫ ପ୍ରତିଶତ ମୁସଲିମ ସମ୍ପ୍ରଦାୟର ଲୋକ ଅଛନ୍ତି।

## ସରକାରୀ ଅଧିକାରୀଙ୍କ ଘରୁ ମିଳିଲା କୋଟି କୋଟି ଟଙ୍କାର ସୁନା, ହୀରା, ନଗଦ ଅର୍ଥ

ହାଇଦରାବାଦ, ୨୬।୬(ଏଜେନ୍ସି): ହାଇଦରାବାଦର ସାମିରପେଟ ଅଞ୍ଚଳର ଜଣେ ନିଲମ୍ବିତ ତହସିଲଦାର ତଥା ଯୁଗ୍ମ ଉପ-ନିବନ୍ଧକ (ଜଏଣ୍ଟ ସବ୍-ରେଜିଷ୍ଟ୍ରାର) ଥୁମ୍ମାକୋମ୍ମା ସୁଚରିତାଙ୍କ ଅସାଧୁତାକୁ ନେଇ ଏକ ବଡ଼ ପର୍ଦ୍ଦାଫାଶ ହୋଇଛି। ଭ୍ରଷ୍ଟାଚାର ନିରୋଧୀ ବ୍ୟୁରୋ (ଏସିବି) ପକ୍ଷରୁ ସୁଚରିତା ଏବଂ ତାଙ୍କ ସହଯୋଗୀମାନଙ୍କ ବିଭିନ୍ନ ବାସଭବନ ଉପରେ



କରାଯାଇଥିବା ଚଢ଼ାଉ ବେଳେ ପ୍ରାୟ ୫.୦୫ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସରକାରୀ ହିସାବ ଅନୁଯାୟୀ ଏହାର ମୂଲ୍ୟ ୫ କୋଟିରୁ ଅଧିକ ହୋଇଥିବା ବେଳେ ବଜାର ଦର ଅନୁସାରେ ଏହାର ପ୍ରକୃତ ମୂଲ୍ୟ କେତେ ଗୁଣା ଅଧିକ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ସୁଚରିତା ପୂର୍ବରୁ ୩୦ ଲକ୍ଷ ଟଙ୍କାର ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ଅଧିକ ତଦନ୍ତ କରୁଥିବା ଅଧିକାରୀମାନେ ଯେତେବେଳେ ତାଙ୍କର ଏବଂ ତାଙ୍କ ସମ୍ପର୍କୀୟ ଓ ବେନାମୀ ସହଯୋଗୀମାନଙ୍କ ଘରେ ଯାଞ୍ଚ କରିଥିଲେ, ସେତେବେଳେ ସେମାନଙ୍କ ଆଖି ଖୋସି ହୋଇଯାଇଥିଲା। ଏହି ଚଢ଼ାଉ ସମୟରେ ସିଦ୍ଦିପେଟ ଅଞ୍ଚଳରେ ୨.୧୭ ଏକର ଚାଷ ଜମି, ହାଇଦରାବାଦରେ ୩ଟି ବିଳାସପୂର୍ଣ୍ଣ ଫ୍ଲାଟ୍, ୨ଟି ପ୍ଲଟ୍, ଦୁଇଟି ଦାମୀ କାର୍, ୧.୨ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର, ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥ ଏବଂ ବ୍ୟାଙ୍କରେ ୩୮ ଲକ୍ଷ ଟଙ୍କାର ଜମା ରାଶି ଥିବା ଜଣାପଡ଼ିଛି।

## ଇଡ଼ି ଦ୍ୱାରା ୩.୬୬ କୋଟିର ଜୀବନ ବୀମା ପଲିସି ଜବତ

ଭୋପାଳ, ୨୬।୬(ଏଜେନ୍ସି):ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସହ ଜଡ଼ିତ ପ୍ରାୟ ୧, ୨୬୬ କୋଟି ଟଙ୍କାର ଏକ ବଡ଼ ଆର୍ଥିକ ପ୍ରତାରଣା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୋପାଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆର୍ଥିକ ଅପରାଧ ନିରୋଧୀ ଆଇନ (ପିଏମଏଲଏ) ଅଧୀନରେ ଇଡି 'ଆଡଭାଣ୍ଟେଜ ଓଭରସିଜ ପ୍ରାଇଭେଟ ଲିମିଟେଡ' (ଏଓପିଏଲ) କମ୍ପାନୀର ମୁଖ୍ୟ ପ୍ରବର୍ତ୍ତକ ଶ୍ରୀକାନ୍ତ ଭାସିଙ୍କ ଦୁଇଟି ଅନ୍ତର୍ଜାତୀୟ ଜୀବନ ବୀମା ପଲିସିକୁ ଜବତ କରିଛି। ଏହି ଦୁଇଟି ଜୀବନ ବୀମା ପଲିସି 'ଜୁରିକ୍ ଇଣ୍ଟରନ୍ୟାସନାଲ ଲାଇଫ୍ ଲିମିଟେଡ' ସଂସ୍ଥାରେ ଥିଲା, ଯାହାର ସାମ୍ପ୍ରତିକ ମୂଲ୍ୟ ପ୍ରାୟ ୩.୬୬ କୋଟି ଟଙ୍କା ଅଟେ। କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ରୁଜୁ ହୋଇଥିବା ପ୍ରାଥମିକ ମାମଲାକୁ ଆଧାର କରି ଇଡି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନେ ଜାଲ୍ ବ୍ୟାପାରିକ ଦସ୍ତାବିଜ ପ୍ରସ୍ତୁତ କରି ଏବଂ ବ୍ୟାଙ୍କ ଅର୍ଥକୁ ଅନ୍ୟ ଆଡ଼େ ପଠାଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ବିପୁଳ ପରିମାଣର ଆର୍ଥିକ କ୍ଷତି ପହଞ୍ଚାଇଥିଲେ।

## ପଶ୍ଚିମବଙ୍ଗରେ ଲାଗୁହେବ ସମାନ ନାଗରିକ ସଂହିତା

କୋଲକାତା, ୨୬।୬(ଏଜେନ୍ସି): ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା ବା ୟୁସିସି ଲାଗୁ କରାଯିବ ବୋଲି ଶୁକ୍ରବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଗୁଜରାଟ, ଉତ୍ତରାଖଣ୍ଡ ଏବଂ ଆସାମ ଭଳି ସମାନ ପ୍ରକ୍ରିୟା ଆପଣାଇ ପଶ୍ଚିମବଙ୍ଗରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ ଏବଂ ଆସନ୍ତା ସୋମବାର ଦିନ ବିଧାନସଭାରେ ଏହି ପ୍ରସ୍ତାବିତ ବିଲ୍‌ର ସମ୍ପୂର୍ଣ୍ଣ ରୂପରେଖ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ମେ ୨୫ ତାରିଖରେ ବିଧାନସଭାରେ ଆଗତ ହୋଇଥିବା ଏହି ବିଲ୍‌ରେ ବହୁବିବାହ ପ୍ରଥା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ସହ ବିବାହ ନକରି ଏକାଠି ରହୁଥିବା ସମ୍ପର୍କ (ଲିଭ୍-ଇନ୍ ରିଲେସନସିପ୍)ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ସହିତ ଧର୍ମ ନିର୍ବିଶେଷରେ ବିବାହ, ବିବାହ ବିଚ୍ଛେଦ ଏବଂ ସମ୍ପତ୍ତି ଉତ୍ତରାଧିକାର ପାଇଁ ଏକ ସମାନ ଆଇନଗତ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ରରେ ଏହା ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା। ପୂର୍ବତନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର କେବଳ ତୁଷ୍ଟୀକରଣ, ଦୁର୍ନୀତି ଓ ପରିବାରବାଦକୁ ପ୍ରଶ୍ରୟ ଦେଇ ରାଜ୍ୟକୁ ପଛକୁ ଠେଲି ଦେଇଥିଲା। ବର୍ତ୍ତମାନ ରାଜ୍ୟରେ ଏକ ଜାତୀୟତାବାଦୀ ସରକାର ଗଠନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଯିବ।

● ଟୋଲ୍ ପ୍ଲାଜାରେ ପିଟିହେଲା ଏଲ୍‌ପିଜି ଟ୍ୟାଙ୍କର

## ଡ୍ରାଇଭର ଜୀବନ୍ତ ଦଗ୍ଧ, ୫ ଗୁରୁତର

କୌଶାମ୍ବୀ, ୨୬।୬(ଏଜେନ୍ସି): ଉତ୍ତର ପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ନିୟନ୍ତ୍ରଣ ହରାଇ ସିହୋରୀ ଟୋଲ୍ ପ୍ଲାଜା ସହ ପିଟି ହୋଇଯାଇଥିଲା। ଟକ୍କର ଏତେ ଜୋରଦାର ଥିଲା ଯେ ଏହାପରେ ଏକ ପ୍ରକାଣ୍ଡ ବିସ୍ଫୋରଣ ହେବା ସହ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଜଣକ ଗାଡ଼ି ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ତାଙ୍କ ଶରୀର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଉଦ୍ଧାରକାରୀ ଦଳ କେବଳ କଙ୍କାଳର କିଛି ଅଂଶ ଉଦ୍ଧାର କରିଛନ୍ତି। ଏହି ଦୁର୍ଘଟଣାରେ ଟୋଲ୍ ପ୍ଲାଜାର ୫ ଜଣ କର୍ମଚାରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଟୋଲ୍ ପ୍ଲାଜା ୟାର୍ଡରେ ପାର୍କିଂ କରାଯାଇଥିବା ୧୬ଟି ମୋଟରସାଇକେଲ ଏବଂ ୨ଟି କାର୍ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ବିସ୍ଫୋରଣ ପରେ ଆକାଶରେ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା, ଯାହାଫଳରେ ହାଇୱେର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକର ଦୀର୍ଘ ଲାଇନ୍ ଲାଗିଯାଇଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ଅଧଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ କୋଖରାଜ ଥାନା ପୋଲିସ ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଭେନେଜୁଏଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି

## ସହାୟତା ପାଇଁ ଭାରତର 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ

କାରାକାସ, ୨୬।୬(ଏଜେନ୍ସି): ଗତ ବୁଧବାର ଭେନେଜୁଏଲାରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ସେଠାରେ ବ୍ୟାପକ ସଂହାର ଲୀଳା ଦେଖାଦେଇଛି। ସାମ୍ପ୍ରତିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି ପାଇଥିବା ବେଳେ ୪, ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସରକାରୀ ସୂତ୍ର ଅନୁସାରେ, ଏବେ ମଧ୍ୟ ୩୯, ୦୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଭାଙ୍ଗିପଡ଼ିଥିବା କୋଠାବାଡ଼ିର ଭଗ୍ନାବଶେଷ ତଳୁ ଏବେ ବି ଲୋକଙ୍କ ଚିତ୍କାର ଶୁଣାଯାଉଥିବାରୁ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି ଏବଂ ଅଧିକ ଲୋକ ଜୀବିତ ଉଦ୍ଧାର ହେବାର ଆଶା ରହିଛି। ଭୂକମ୍ପ ଆସିବା ସମୟରେ ଭେନେଜୁଏଲାରେ ଏକ ଜାତୀୟ ଛୁଟିଦିନ ଥିଲା ଏବଂ ଅଧିକାଂଶ ଲୋକ ଘର ଭିତରେ ରହି ବିଶ୍ୱକପ୍ ଫୁଟବଲ୍ ମ୍ୟାଚ୍ ଦେଖୁଥିଲେ। ଏହି କାରଣରୁ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକ ତଳେ ବହୁ ସଂଖ୍ୟାରେ ଲୋକ ଦେବି ହୋଇ ରହିଥିବା ଆଶଙ୍କା କରାଯାଉଛି। ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୧୦, ୦୦୦ କିମ୍ବା ତାଠାରୁ ଅଧିକ ହେବାର ଆଶଙ୍କା ରହିଛି। ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର କାର୍ଯ୍ୟକାରୀ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଏହି ମହାବିପତ୍ତି ସମୟରେ ଭେନେଜୁଏଲାବାସୀଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ସରକାର ତୁରନ୍ତ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲାର ପ୍ରଶାସନ ସହ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତୀୟ ବାୟୁସେନାର ଦୁଇଟି ବିଶାଳ ସି-୧୭ ଗ୍ଲୋବମାଷ୍ଟର ବିମାନ ଯୋଗେ ଭେନେଜୁଏଲାକୁ ସହାୟତା ସାମଗ୍ରୀ ପଠାଯାଇଛି। ଏହି ବିମାନରେ ଭାରତୀୟ ସେନାର ଏକ ସ୍ୱତନ୍ତ୍ର କ୍ଷେତ୍ରୀୟ ଚିକିତ୍ସାଳୟ (ଫିଲ୍ଡ ହସ୍ପିଟାଲ) ୟୁନିଟ୍ ପଠାଯାଇଛି, ଯାହା ସେଠାରେ ଜରୁରୀକାଳୀନ ଚିକିତ୍ସା ଯୋଗାଇବ। ଏହା ସହିତ ୩୫ ଟନରୁ ଅଧିକ ଜରୁରୀକାଳୀନ ରିଲିଫ୍ ଓ ସହାୟତା ସାମଗ୍ରୀ ମଧ୍ୟ ପ୍ରେରଣ କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ, ଏହି ମାନବୀୟ ସଙ୍କଟ ସମୟରେ ଭାରତ ଦୃଢ଼ତାର ସହ ଭେନେଜୁଏଲାବାସୀଙ୍କ ସହ ଛିଡ଼ା ହୋଇଛି ଏବଂ ସେମାନଙ୍କୁ ସମସ୍ତ ସମ୍ଭବପର ସହାୟତା ଯୋଗାଇଦେବାକୁ କୃତସଂକଳ୍ପ।

## ଫିଲିପାଇନ୍ସ ଓ ପାକିସ୍ତାନରେ ଭୂକମ୍ପ ଝଟ୍‌କା

ମାନିଲା/ଇସଲାମାବାଦ, ୨୬।୬(ଏଜେନ୍ସି): ଶୁକ୍ରବାର ଦକ୍ଷିଣ ଫିଲିପାଇନ୍ସର ମିନ୍ଦାନାଓ ଦ୍ୱୀପରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଆମେରିକାର ଭୂତାତ୍ତ୍ୱିକ ସର୍ଭେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୫ ରହିଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୨୯ କିଲୋମିଟର ଗଭୀରତାରେ ଥିଲା। ଏହି ଝଟ୍‌କା ପରେ ତୁରନ୍ତ କୌଣସି ଧନଜୀବନ ହାନିର ସୂଚନା ମିଳିନାହିଁ ଏବଂ ସୁନାମି ନେଇ କୌଣସି ସତର୍କ ସୂଚନା ମଧ୍ୟ ଜାରି କରାଯାଇ ନାହିଁ। କେବଳ ଫିଲିପାଇନ୍ସ ନୁହେଁ, ଆଜି ପାକିସ୍ତାନରେ ମଧ୍ୟ ୫.୩ ତୀବ୍ରତାର ଏକ ମଧ୍ୟମ ଧରଣର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ମିନ୍ଦାନାଓ ଦ୍ୱୀପରେ ଚଳିତ ମାସ ମଧ୍ୟରେ ଏହା ଦ୍ୱିତୀୟ ବଡ଼ ଭୂକମ୍ପ। ଏହାପୂର୍ବରୁ ଜୁନ୍ ପ୍ରଥମ ସପ୍ତାହରେ ଏଠାରେ ଏକ ପ୍ରଳୟଙ୍କରୀ ୭.୮ ତୀବ୍ରତାର ଭୂକମ୍ପ ଆସିଥିଲା, ଯେଉଁଥିରେ ୮୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହ ୧, ୩୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ସେହି ସମୟରେ ସୁନାମି ଆସିବା ଭୟରେ ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ୟାପକ ସ୍ଥାନାନ୍ତରଣ କରାଯାଇଥିଲା। ଏପରିକି ଭୂକମ୍ପ ଯୋଗୁଁ ସମୁଦ୍ର ଶଯ୍ୟା ପ୍ରାୟ ୨ ମିଟର ଉପରକୁ ଉଠିଯାଇଥିଲା, ଯାହାଫଳରେ ପାଣି ଭିତରେ ଥିବା କୋରାଲ୍ ରିଫ୍ (ପ୍ରବାଳ ପ୍ରାଚୀର) ବାହାରକୁ ଦେଖାଯାଇଥିଲା। ଫିଲିପାଇନ୍ସ ଭୌଗୋଳିକ ଭାବେ ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର୍' ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳରେ ଅନେକ ଆଗ୍ନେୟଗିରି ଏବଂ ଟେକ୍ଟୋନିକ୍ ପ୍ଲେଟ୍ ଗୁଡ଼ିକର ମିଳନ ସ୍ଥଳ ଥିବାରୁ ଏଠାରେ ପ୍ରତିଦିନ ପ୍ରାୟ ଭୂକମ୍ପ ଅନୁଭୂତ ହୋଇଥାଏ।

## ବ୍ରିଟେନରେ ୬,୦୦୦ କଏଦୀଙ୍କୁ ଆଗୁଆ ମୁକ୍ତ କରାଯିବ

ଲଣ୍ଡନ, ୨୬।୬(ଏଜେନ୍ସି): ଇଂଲଣ୍ଡ ଏବଂ ୱେଲ୍ସର ଜେଲ୍‌ଗୁଡ଼ିକରେ କଏଦୀ ସଂଖ୍ୟା ଅତ୍ୟଧିକ ବଢ଼ିଯାଇଥିବାରୁ ସେଠାକାର ସରକାର ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୬, ୦୦୦ କଏଦୀଙ୍କୁ ସେପ୍ଟେମ୍ବର ମାସରୁ ପର୍ଯ୍ୟାୟକ୍ରମେ ଆଗୁଆ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ରିଟେନର ନ୍ୟାୟ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୮ ମାସରୁ କମ୍ କାରାଦଣ୍ଡ ଭୋଗୁଥିବା ଅପରାଧୀଙ୍କୁ ଛଡ଼ାଯିବ। ପରବର୍ତ୍ତୀ ସମୟରେ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ଏବଂ ଦୀର୍ଘକାଳୀନ ସଜା କାଟୁଥିବା କଏଦୀଙ୍କୁ ମଧ୍ୟ ଏହି ନିୟମ ଆଧାରରେ ମୁକ୍ତ କରାଯିବ। ତେବେ ହତ୍ୟା ଭଳି ସଙ୍ଗୀନ ଅପରାହ୍ନରେ ଆଜୀବନ କାରାଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ବିରୋଧୀ ନେତାମାନଙ୍କ କହିବା ଅନୁଯାୟୀ, ଅପରାଧୀମାନଙ୍କୁ ସମୟ ପୂର୍ବରୁ ଛାଡ଼ିଦେବା ଦ୍ୱାରା ପୀଡ଼ିତମାନେ ନ୍ୟାୟରୁ ବଞ୍ଚିତ ହେବେ ଏବଂ ସମାଜରେ ଅସୁରକ୍ଷା ବୃଦ୍ଧି ପାଇବ।


ସମ୍ବିତଙ୍କୁ ଜାତୀୟ ସୁଯୋଗ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-03 ♦SATURDAY ♦27 JUNE 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୦୩ ♦ଶନିବାର ♦୨୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପିଲାଙ୍କ ପଢ଼ାବହିରେ ତ୍ରୁଟି: କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ମୁଖ୍ୟମନ୍ତ୍ରୀ

# ଏସ୍‌ସିଇଆର୍‌ଟିର ୪ ଅଧିକାରୀ ନିଲମ୍ବିତ


### ତ୍ରୁଟିଶୂନ୍ୟ ଶିକ୍ଷାଦାନ ପାଇଁ କମିଟିର ୧୪ ସୁପାରିସ

■ ଭୁବନେଶ୍ୱର, ୨୬।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣାରେ ହୋଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଏସସିଇଆରଟି) ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ୩ ସହକାରୀ ନିର୍ଦ୍ଦେଶକଙ୍କୁ ସରକାର ନିଲମ୍ବନ କରିଛନ୍ତି। ସେହିପରି ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କ ସହିତ ଆଉ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଳିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା। ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମୟରେ ନୂତନ ପୁସ୍ତକ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନୁରୂପ ଭାବେ ନିଲମ୍ବିତ ହୋଇଥିବା ଅନ୍ୟ ୩ ଜଣ ସହକାରୀ ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବା ତଦନ୍ତ ବେଳେ ଜଣାପଡିଛି।

ଅପରପକ୍ଷରେ ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ ତଦନ୍ତ କମିଟି ୧୪ଟି ସୁପାରିସ କରିଛି। ନୂତନ ପୁସ୍ତକ ଛପା ନ ହୋଇ ପିଲାଙ୍କୁ କିପରି ତ୍ରୁଟି ଶୂନ୍ୟ ଶିକ୍ଷାଦାନ କରାଯାଇ ପାରିବ ସେ ନେଇ ▶ପୃଷ୍ଠା-୭

### ଷଷ୍ଠ ଶ୍ରେଣୀ ଧନ୍ଦାମୂଳକ କୌଶଳ ଶିକ୍ଷାରେ 'ଝାଲ୍‌ମୁଢ଼ି'


୮ମ ଶ୍ରେଣୀ ପୁସ୍ତକରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା ନିମ୍ବୁଡ଼ା'

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ବହିରେ ମାଳମାଳ ତ୍ରୁଟି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପଢ଼ା ବହିରେ ଭୁଲ ସଂଖ୍ୟା ୨୬୦୦ ଟପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମୁଦ୍ରଣ ପ୍ରମାଦକୁ ବାଦ ଦେଲେ ଭୁଲ ତଥ୍ୟ, ଭୁଲ ଫଟୋ ଓ ଭୁଲ ପ୍ରସଙ୍ଗ ପାଠ୍ୟପୁସ୍ତକରେ ସ୍ଥାନ ପାଇଛି। ତେବେ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଧନ୍ଦାମୂଳକ କୌଶଳ ଶିକ୍ଷା ପୁସ୍ତକରେ 'ଝାଲମୁଢ଼ି' ପ୍ରସ୍ତୁତି ଶିକ୍ଷଣ ଅନେକ ଅଭିଭାବକଙ୍କୁ ବ୍ୟଥିତ କରିଛି। ପିଲାଙ୍କୁ ଝାଲମୁଢ଼ି ପ୍ରସ୍ତୁତି ଶିକ୍ଷା ଦେବା କେଉଁପ୍ରକାର କୌଶଳ ଶିକ୍ଷା ବୋଲି ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ଏପରିକି ସରକାର ପିଲାମାନଙ୍କୁ ଝାଲମୁଢ଼ି ପ୍ରସ୍ତୁତ କରି ବିକିବା ପାଇଁ ଷଷ୍ଠ ଶ୍ରେଣୀରୁ ତାଲିମ ଦେବାକୁ ପ୍ରୟାସ କରିଥିବା ମଧ୍ୟ ଅଭିଭାବକମାନେ ▶ପୃଷ୍ଠା-୭

### ବହିରେ ତ୍ରୁଟି ପଛରେ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ଶହଶହ ତ୍ରୁଟିକୁ ନେଇ ସରକାର ଅକଳରେ ପଡ଼ିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭୂମିକା ସନ୍ଦେହ ଘେରକୁ ଆସିଛି। ସରକାରୀ ପ୍ରେସ ବଦଳରେ ବାହାରେ ବେସରକାରୀ ପ୍ରେସରେ ବହି ଛାପାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡ଼ିଛି। ଓଡ଼ିଆ ପିଲାଙ୍କ ସ୍କୁଲ ବହିରେ ନିଉଟନଙ୍କୁ ପାଇଲଟ୍ ଭାବରେ ଉଲ୍ଲେଖ ପ୍ରସଙ୍ଗ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ଗଣମାଧ୍ୟମ ଓଡ଼ିଆ ଶିକ୍ଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମାତ୍ର ବିଭାଗୀୟ ମନ୍ତ୍ରୀ ଏହାକୁ ସାଧାରଣ ତ୍ରୁଟି ବୋଲି ଅଭିହିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅତ୍ୟନ୍ତ ଗୁରୁତ୍ୱର ସହ ▶ପୃଷ୍ଠା-୭

**କିଏ ଷଡ଼ଯନ୍ତ୍ର କରିଛି ତୁରନ୍ତ ତଦନ୍ତ କରାଯାଉ: କଂଗ୍ରେସ**

**ଚାଲି ନ ଜାଣି ବାଟକୁ ଦୋଷ: ବିଜେଡି**

### ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା

## ଚମ୍ପତ ରାୟଙ୍କ ସମେତ ଦୁଇ ବରିଷ୍ଠ କର୍ମକର୍ତ୍ତାଙ୍କ ଇସ୍ତଫା



■ ଅଯୋଧ୍ୟା, ୨୬।୬ (ଏଜେନ୍ସି): ଅଯୋଧ୍ୟାର ପ୍ରସିଦ୍ଧ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ନଗଦ ଦାନ ଅର୍ଥ ହେରଫେର ଅଭିଯୋଗକୁ ନେଇ ସେଠାକାର ପରିଚାଳନା କମିଟିରେ ଏକ ବଡ଼ ବିପର୍ଯ୍ୟୟ ଦେଖାଦେଇଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସ୍ୱାଧୀନ ସଂସ୍ଥାର ମୁଖ୍ୟ ମହାସଚିବ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୈତିକତା ଆଧାରରେ ଉଭୟ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦୃଢ଼ ଆଭିମୁଖ୍ୟ ଏବଂ ଏହି ଦୁର୍ନୀତିର ତଦନ୍ତ ପାଇଁ ଗଠିତ ବିଶେଷ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ରିପୋର୍ଟ ଆସିବା ପରେ ଏହି ଇସ୍ତଫା ପ୍ରକ୍ରିୟା ଘଟିଛି। ପ୍ରାଥମିକ ଆକଳନ ଅନୁଯାୟୀ, ମନ୍ଦିରର ଦାନ ବାକ୍ସରୁ ପ୍ରାୟ ସାତରୁ ସାଢେ ସାତ କୋଟି ଟଙ୍କା ଗାଏବ ଥିବା ଜଣାପଡ଼ିଛି।ଏହି ମାମଲାରେ ପୋଲିସ ପକ୍ଷରୁ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ମସୁଧା ଭଳି ▶ପୃଷ୍ଠା-୭

### ଚାବି ରଖୁଥିବା ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୮ ଗିରଫ

■ ଲକ୍ଷ୍ନୌ, ୨୬।୬ (ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାୟ ୭ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ଆତ୍ମସାତ ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ପ୍ରାଥମିକ ରିପୋର୍ଟ ଆଧାରରେ ପୁଲିସ ଗୁରୁବାର ବିଳମ୍ବିତ ରାତିରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଗଣତି କାର୍ଯ୍ୟରେ ସିଧାସଳଖ ସାମିଲ ଥିଲେ। ଏହି ମାମଲାରେ ମନ୍ଦିରର ପରିଚାଳନା ସମିତିର ସାଧାରଣ ସମ୍ପାଦକଙ୍କ ପୂର୍ବତନ ▶ପୃଷ୍ଠା-୭

### ସିଆଇଆଇ-ପୂର୍ବାଞ୍ଚଳ କାଉନସିଲ ବୈଠକ

## ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୬ (ସମିସ): ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ "ଗୋ ଇଷ୍ଟ" ନାମରେ ନୂଆ ଏକ ନୂତନ ପ୍ଲାଟଫର୍ମ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି " ଗୋ ଇଷ୍ଟ'ର ଅର୍ଥ ହେଉଛି "ଓଡ଼ିଶା ସରକାର-ଇଷ୍ଟର୍ନ ଇନଭେଷ୍ଟମେଣ୍ଟ ଆକ୍ସିଲେରେଟର୍ ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ" ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ 'ଗୋ ଇଷ୍ଟ'**

**ସମାବେଶୀ ଶିଳ୍ପାୟନରେ ଦେଶରେ ଅଗ୍ରଣୀ ହେବ ଓଡ଼ିଶା**

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଏହାଦ୍ୱାରା ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ▶ପୃଷ୍ଠା-୭

### ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସ ନୂଆ ପ୍ରଭାରୀ



■ ଭୁବନେଶ୍ୱର, ୨୬।୬ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି ଲାଲ୍‌ଜୀ ଦେଶାଇ। ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନରେ ଶ୍ରୀ ଦେଶାଇଙ୍କୁ ରାଜ୍ୟ କଂଗ୍ରେସର ପ୍ରଭାରୀ ଭାବରେ ଅବସ୍ଥାପିତ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ଶ୍ରୀ ଦେଶାଇ ଏହା ପୂର୍ବରୁ କଂଗ୍ରେସ ସେବା ଦଳର ଜାତୀୟ ସଭାପତି (ମୁଖ୍ୟ ସଂଗଠକ) ରହିଥିଲେ। ୨୦୨୪ ସାଧାରଣ ▶ପୃଷ୍ଠା-୭

### ମହେଶ ଦୀକ୍ଷିତ ଆଇବି ମୁଖ୍ୟ



■ ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ପ୍ରମୁଖ ଆଭ୍ୟନ୍ତରୀଣ ଗୁପ୍ତଚର ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ' (ଆଇବି)ର ନୂତନ ନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା ତାଙ୍କ ନାମକୁ ମଞ୍ଜୁରୀ ମିଳିଛି। ସେ ପୂର୍ବତନ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ଆନ୍ଧ୍ରପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚର ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କର ଗୁପ୍ତଚର କାର୍ଯ୍ୟକଳାପ, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି। ବିଶେଷ କରି ଶ୍ରୀନଗରର ସ୍ଥିତ ଆଇବିର ସହଯୋଗୀ ▶ପୃଷ୍ଠା-୭

### ବାଲି ମଫିଆଙ୍କ ଆତଙ୍କରାଜ

## ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଧମକ



**ଚୋରା ବାଲି ଗାଡ଼ି ଅଟକାଇବାରୁ ବଚସା**

**ରାସ୍ତାରେ ବାଲି ଢାଳି ହାଇୱା ଫେରାର୍**

**ଗାଡ଼ି ମାଲିକ ଗିରଫ ଓ କାର୍ ଜବତ**

ରାଜନଗର, ୨୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ବାଲି ମାଫିଆଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଚୋରା ବାଲି ବୋଝେଇ ଗାଡ଼ିକୁ ଅଟକାଇବାରୁ ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଏପରିକି ପୁଲିସ ଉପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ ସହ ଧମକ ଦିଆଯାଇଛି। ଚୋରା ବାଲି ବୋଝେଇ ହାଇୱା ମୁଖ୍ୟ ରାସ୍ତା ଉପରେ ବାଲି ଢାଳି ଢାଳି ଫେରାର ହୋଇଯାଇଥିବାବେଳେ ହାଇୱା ଗାଡ଼ି ମାଲିକଙ୍କୁ ଗିରଫ କରାଯାଇଛି। ତାଙ୍କ କାର୍‌କୁ ଜବତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

ଆଜି ସକାଳ ପ୍ରାୟ ୫ଟା ସମୟରେ ରାଜନଗର ଅତିରିକ୍ତ ତହସିଲଦାର ଆଶିଷ ଜେନା ଏନଫୋର୍ସମେଣ୍ଟ ଟିମ ସହିତ ଗାଡ଼ି ଚେକିଂ କରୁଥିଲେ। ରାଜନଗର ବାଇପାସ ନିକଟରେ ଓଡି-୨୦ଜି ▶ପୃଷ୍ଠା-୭


10001/311/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୋଲିଓ ଦିବସ
୨୮ ଜୁନ୍ ୨୦୨୬

ଦୁଇ ବୁନ୍ଦା ପ୍ରତ୍ୟେକ ଥର
ପୋଲିଓ ଉପରେ ବିଜୟ ରହୁ ନିରନ୍ତର



ଆମ ଦେଶ ଭାରତ ପୋଲିଓ ମୁକ୍ତ ଅଟେ। କିନ୍ତୁ ପୋଲିଓ କିଛି ପଡ଼ୋଶୀ ଦେଶ ଗୁଡ଼ିକରେ ଏବେ ବି ଅଛି ଏବଂ ପୁନର୍ବାର ଫେରିଆସିବାର ସମ୍ଭାବନା ରହିଛି। ଏଥିପାଇଁ ନିଜ ପିଲାର ସୁରକ୍ଷାରେ କୌଣସି ହେଳା କରନ୍ତୁ ନାହିଁ। ପୋଲିଓର ୨ ବୁନ୍ଦା ପ୍ରତ୍ୟେକ ଥର ଦିଅନ୍ତୁ। ପୋଲିଓ ଉପରେ ଆମ ଦେଶର ବିଜୟ ଜାରି ରଖିବା ପାଇଁ ଆପଣଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ।

ପୋଲିଓ ଦିବସ
୨୮ ଜୁନ୍ ୨୦୨୬
ରବିବାର

ଅଧିକ ବିବରଣୀ ଜାଣିବା ପାଇଁ ଆଶା/ ଏ.ଏନ.ଏମ୍/ ଅଙ୍ଗନବାଡ଼ି କର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ।

OIPR-10001/10003/2/26-27/0036

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/


# ଗଞ୍ଜେଇ କାରବାରରେ ସରକାରୀ ଶିକ୍ଷକ



**ଏସ୍‌ଟିଏଫ୍‌ର ଅପରେସନ 'ଗ୍ରୀନ୍ କ୍ଲିନ୍'**

**ମିଳିଲା ଛିଣ୍ଡା ୧୦ ଟଙ୍କିଆ ନୋଟ୍**

**କିଙ୍ଗପିନ୍ ଦୁର୍ବାସା ସହ ୩ ଗିରଫ**

**୪ ରାଜ୍ୟରେ କରୁଥିଲେ ଚାଲାଣ**

**୭ ଦିନିଆ ରିମାଣ୍ଡ ଆବେଦନ**

■ ଭୁବନେଶ୍ୱର ୨୬।୬ (ସମିସ): ମାସେ ଧରି ଚାଲିଥିବା ଗୁପ୍ତ ଅପରେସନ୍ ପରେ ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟର ପର୍ଦ୍ଦାଫାସ୍ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗଞ୍ଜେଇ ଚାଲାଣର କିଙ୍ଗପିନ୍ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସରକାରୀ ଶିକ୍ଷକ ତଥା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକିରପଡ଼ାର ଦୁର୍ବାସା ସାହୁ, ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା ଓ ପ୍ରକାଶ ଖଟୁଆ।

ଏସ୍‌ଟିଏଫ୍ ସୂଚନା ଅନୁସାରେ, ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଆଠଗଡ଼ ବେଣ୍ଟପଡ଼ା କାଜୁ ଜଙ୍ଗଲରେ ଚଢ଼ଉ କରି ୧୯୦ କିଲୋ ଗଞ୍ଜେଇ ଜବତ କରିବା ସହ ଫିରିଙ୍ଗିଆର ନୀଳାମ୍ବର କହଁରକୁ ଗିରଫ କରିଥିଲା। ତା' ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମିଳିବା ପରେ ସିନେମା ଶୈଳୀରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଗୋଟିଏ ୧୦ ଟଙ୍କିଆ ନୋଟକୁ ଦୁଇ ଭାଗ କରି ଖଣ୍ଡେ ଡ୍ରାଇଭରକୁ ଓ ଆଉ ଖଣ୍ଡେ ରିସିଭରକୁ ଦେଉଥିଲା। ଗଞ୍ଜେଇ ବୋଝେଇ ଗାଡ଼ି ଠିକଣା ପହଞ୍ଚିବା ପରେ ୧୦ ଟଙ୍କିଆ ନୋଟ୍ ମ୍ୟାଚ୍ କରି ଡେଲିଭେରୀ ଦେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ନୀଳାମ୍ବର ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ଜବତ ହେବାପରେ ସିଣ୍ଡିକେଟର ମୁଖିଆ ଓ ରିସିଭରକୁ ଧରିବା ଲାଗି ଏସ୍‌ଟିଏଫ୍ ଜାଲ ବିଛାଇଥିଲା।

ଶୁକ୍ରବାର ସକାଳେ ସିଣ୍ଡିକେଟର କିଙ୍ଗପିନ୍ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ମିଶି ଗଞ୍ଜେଇ ଡିଲ୍ ପାଇଁ ପଶ୍ଚିମବଙ୍ଗ ଯାଉଥିବା ଖବର ମିଳିଥିଲା। ଏସ୍‌ଟିଏଫର ଗୋଟିଏ ଟିମ୍ ବୌଦ୍ଧ ▶ପୃଷ୍ଠା-୭

# ବ୍ୟବସାୟୀ ଘରୁ ଦୁଇ ଲକ୍ଷ ଟଙ୍କା ସହ ଗହଣା ଲୁଟ୍

ଧରାକୋଟ,୨୬।୬(ସମିସ)



ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ପଙ୍କଲବାଡ଼ି ଗ୍ରାମର ଏକ ଲୁଗାଦୋକାନ ମାଲିକଙ୍କ ଘରେ ନଗଦ ଦୁଇ ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟ ନେଇ ଧରାକୋଟ ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ପିତାମ୍ବର ଗୌଡ଼ଙ୍କ ଘରେ ଗତକାଲି ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ଘର ପଛ ପଟ କବାଟ ଭାଙ୍ଗି ମଝି ଘରେ ପହଞ୍ଚି ଆଲମାରୀରୁ ନଗଦ ଦୁଇ ଲକ୍ଷ ଟଙ୍କା ସମେତ ପ୍ରାୟ ୧୫ ଭରି ସୁନା ଅଳଙ୍କାରକୁ ମଧ୍ୟ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଖବର ମିଳିବା ପରେ ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଥାନା କେସ ନମ୍ବର ୨୬୧/୨୬ ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ପହଞ୍ଚିଛନ୍ତି। ପୁଲିସ ସୂଚନା ଅନୁଯାୟୀ ପିତାମ୍ବର ଓ ତାଙ୍କ ପରିବାର ଲୋକେ ଘର ମଧ୍ୟରେ ଶୋଇଥିବା ବେଳେ ଘର ବାରିପଟ କବାଟ ଭାଙ୍ଗି ଘରୁ ସମସ୍ତ ସୁନା ଅଳଙ୍କାର ଓ ଦୁଇ ଲକ୍ଷ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପ୍ରକାଶ ଥାଉକି ଗତ ମାସ ୨୨ ତାରିଖରେ ଧରାକୋଟ ଥାନା ଢଉଗାଁ ବଡ ଦାଣ୍ଡ ସାହିର ଅବସର ପ୍ରାପ୍ତ ସୈନିକ ବନମାଳୀ ବେହେରାଙ୍କ ଘରୁ ନଗଦ ୫୦ ହଜାର ଟଙ୍କା ସହ ଦଶ ଭରି ସୁନା ଅଳଙ୍କାର ଲୁଟ ହୋଇଥିଲା। ସେହି ଘଟଣା ରେ କେହି ଦୁବୃତ୍ତ ଆଜି ପର୍ଯ୍ୟନ୍ତ ଧାରା ପଡ଼ିନାହାନ୍ତି। ଗୋଟିଏ ପଞ୍ଚାୟତରେ ଦୁଇଟି ଚୋରି ସମାନ ଢଙ୍ଗରେ ହେଉଛି। ଏଣୁ ଏହା ପେସାଦାର ଚୋର ଦଳର କାମ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ପୋଲିସ ନିଶ୍ଚିତ ଭାବେ ଏହି ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ପ୍ରକାଶ କରିଛି।

## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ନାରୀ ସଶକ୍ତୀକରଣ




ବେଲଗୁଣ୍ଠା,୨୬।୬(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠାନ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶକ୍ତିଶ୍ରୀ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ପିଙ୍କି ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଇତିହାସ ବିଭାଗୀୟ ମୁଖ୍ୟ ଅଶୋକ କୁମାର ସ୍ୱାଇଁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼ ପ୍ରଫୁଲ୍ଲ କୁମାର ଜେନା, ସପନ କୁମାର ପ୍ରଧାନ, ଲକ୍ଷ୍ମୀ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ସାଥୀ ଭାବେ ଅଞ୍ଜଳି ତ୍ରିପାଠୀ,ମନିଷା ସାହୁ,ବନିତା ଗୌଡ଼, ଅଭିଲିପ୍ସା ଦାସ ଏବଂ ଜ୍ୟୋତି ବିଷୋୟୀ ମନୋନୀତ ହୋଇଥିଲେ। ଅଧ୍ୟାପିକା ପିଙ୍କି ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏନ୍ଏଚ୍‌ରେ ବ୍ରିଜ୍ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରେ ପଡ଼ି ବାଇକ ଚାଳକ ମୃତ

ରଙ୍ଗେଇଲୁଣ୍ଡା,୨୬।୬(ସମିସ): ଗୋଳନ୍ଥରା ଥାନା ସୋରଳ ଜଙ୍ଗସନ ନିକଟରେ ଜାତୀୟ ରାଜପଥରେ ଅଣ୍ଡର ପାସ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ଦାସନପେଟା ଅଞ୍ଚଳର ନିରଞ୍ଜନ ମହାରଣା (୪୪) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ପ୍ରକାରେ ନିରଞ୍ଜନ ଗୁରୁବାର ରାତି ପ୍ରାୟ ସାଢେ ୯ଟା ବେଳେ ବ୍ରହ୍ମପୁରରୁ କାମ ସାରି ବାଇକରେ ଫେରୁଥିବା ସମୟରେ ସୋରଳ ଜଙ୍ଗସନ ଠାରେ ଜାତୀୟ ରାଜପଥ ପକ୍ଷରୁ ଏକ ନିର୍ମାଣାଧୀନ ଅଣ୍ଡର ପାସ୍ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରେ ବାଇକ ସହ ଖସି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏ ନେଇ ମୃତ ନିରଞ୍ଜନଙ୍କ ଭାଇ ପ୍ରଭାତ ମହାରଣା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଥାନା କେସ୍ ନଂ ୨୩୫/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ ରାଜପଥ ନିର୍ମାଣ ସଂସ୍ଥା ପକ୍ଷରୁ ଉକ୍ତ ଅଣ୍ଡର ପାସ ନିର୍ମାଣ ସ୍ଥାନରେ ଆଲୋକୀକରଣ କରାଯାଇ ନଥିବା ବେଳେ କୌଣସି ସିଗନାଲ ବୋର୍ଡ କିମ୍ବା ରେଡ଼ିଅମ ଷ୍ଟିକର ଲାଗି ନଥିବାରୁ ବାରମ୍ବାର ଗାଡି ଚାଳକମାନେ ଦୁର୍ଘଟଣାରେ ଶିକାର ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ମତ ପ୍ରକାଶ ପାଉଛି।

## ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ



ରମ୍ଭା,୨୬।୬(ସମିସ): ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକରେ କାର୍ଯ୍ୟରତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଶିକ୍ଷାବିତ୍ ସତ୍ୟ ନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ପୋଷାକ ବିତରଣ, ମଧ୍ୟାହ୍ନ ଭୋଜନ, ୟୁଡାଇସ୍ ସ୍ଥିତି, ବାଳିକାମାନଙ୍କୁ ଆଇଟିଆଇ ଭଳି ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରିବା, ଉଲ୍ଲାସ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ବ୍ୟାପକ କରି ସାକ୍ଷରତା ହାର ଅଭିବୃଦ୍ଧି କରିବା ଆଦି ପ୍ରସଙ୍ଗ ଉପରେ ବିଶଦ ଆଲୋଚନା ହୋଇଥିଲା। ଆହୁରି ମଧ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ଯେଉଁ ସବୁ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ସହିତ ଉଚ୍ଚ ବିଦ୍ୟାଳୟ ରହିଛି, ସେହିସବୁ ବିଦ୍ୟାଳୟରେ ଅଭାବ ରହିଥିବା ଖାଲି ପଦ ସକାଶେ ଶିକ୍ଷାଦାନ ବ୍ୟାହତ ହେଉଥିବାରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଶିକ୍ଷାଦାନ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଷୋହଳଟି କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ।

## ଉଠା ଜଳସେଚନ ପ୍ରକଳ୍ପ ଅଚଳ; ବିଦ୍ୟୁତ ସଂଯୋଗ ଅପେକ୍ଷାରେ ଚାଷୀ

ବୁଗୁଡ଼ା,୨୬।୬(ସମିସ): ଚାଷ ଜମିପାଇଁ ବର୍ଷସାରା ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ମୋଟାବାଡିରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ତାହା ଅଚଳ ହୋଇ ପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପାଣି ପାଉନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତର ୧୬ ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩ଟି କ୍ଲଷ୍ଟର ମାଧ୍ୟମରେ ୨୦ ହଜାର ଟଙ୍କା ଲେଖାଏଁ ଜମା କରିବା ପରେ ବୋରୱେଲ ଖୋଳାଯାଇଥିଲା। ଗତ ୨୦୨୨ ମସିହାରୁ ପ୍ରକଳ୍ପର



ନିର୍ମାଣ କାମ ଶେଷ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ଅଭାବରୁ ମୋଟର ଚାଲୁ ହୋଇପାରୁନାହିଁ। ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଜଳସେଚନ ସୁବିଧା ନ ମିଳିବାରୁ ଧାନ ସମେତ ଅନ୍ୟାନ୍ୟ ଫସଲ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ଚାଷୀମାନେ ଗଞ୍ଜାମ ଜିଲ୍ଲାପାଳ, ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ। ଫଳରେ ଚିନ୍ତାରେ ଥିବା ଚାଷୀମାନେ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ନିମନ୍ତେ ଦାବି କରିଛନ୍ତି, ଅନ୍ୟଥା ସେମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି।

## ମୋ ଯୁବ ଭାରତ ପକ୍ଷରୁ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ




ଗଞ୍ଜାମ /ଛତ୍ରପୁର,୨୬।୬(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମୋ ଯୁବ ଭାରତ ପକ୍ଷରୁ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡା ବାଉଁଶ ଦିଗ ବିଜୟୀ ଓ ରାଜନାପଲ୍ଲୀ ଗ୍ରାମର ଶ୍ରୀ ରାଧାକୃଷ୍ଣ ଯୁବକ ସଙ୍ଘରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଥିଲା। ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋ ଯୁବ ଭାରତ ଅନୁଷ୍ଠାନ ର ଜିଲ୍ଲା ସଂଯୋଜକ ସଙ୍କେତ ମିନା ଯୋଗଦେଇ ନିଶାମୁକ୍ତ ଭାରତର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଉଭୟ ଯୁବକ ସଙ୍ଘକୁ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ୟୁଥ ଫର ଭିଲେଜ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ଡି. ଦେବହରି ରେଡି ଯୋଗଦେଇ ସୁସ୍ଥ ମାନବ ସମାଜ ଗଠନ କରିବାକୁ ହେଲେ ଯୁବ ସମାଜ ନିଶା ଠାରୁ ଦୁରେଇ ରହିବା ଜରୁରୀ ବୋଲି ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସୁବାସ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଯୁବକ ସଂଘ ନିଶା ଠାରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥିବା ସୂଚନା ଦେଇଥିଲେ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ରକ୍ତଦାନ ଶିବିର

ଛତ୍ରପୁର, ୨୬।୬(ସମିସ): କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିବସ ଅବସରରେ ତାଙ୍କର ଖାସ ଅନୁଗତ ବୋଲି କୁହାଯାଉଥିବା ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଭ ଅବସରକୁ ସ୍ମରଣୀୟ କରିବା ପାଇଁ ୧୫୦୧ ୟୁନିଟ ରକ୍ତ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଛନ୍ତି ଛତ୍ରପୁର ବିଧାୟକ। ଯୁବପିଢ଼ିଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖାଦେଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ, ଜିଲ୍ଲା ସମ୍ପାଦକ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ କୁମାର ବେହେରା, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡ୍ଡୀ, ଯୁବ ନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଯୁବ ମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସଭାପତି ସୋମନାଥ ପାତ୍ର, ସଂଜିତ କୁମାର ରାଉଳ, କାଉନସିଲର ଦେବାଶିଷ ମିଶ୍ର, ମହାରାଜା କୃଷ୍ଣ ଚନ୍ଦ୍ର ନାୟକ, ବିଭୁତି ଭୂଷଣ ସ୍ୱାଇଁ, କଣମଣା ମଣ୍ଡଳ ସଭାପତି ଏନ. ଦିନବନ୍ଧୁ, କେ. ରାମବାବୁଙ୍କ ସମେତ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବହୁ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଯୁବପିଢ଼ି, ଜନପ୍ରତିନିଧି ମାନେ ଯୋଗଦେଇ ଥିଲେ।ଛସୂଚନା ଯୋଗ୍ୟ ଗତ ୨୦୨୪ ସାଧାରଣ ନିର୍ବାଚନରେ ଛତ୍ରପୁର



ବିଧାନସଭା ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ନିମନ୍ତେ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଟିକଟ ଦେବାର ମୁଖ୍ୟ ଭୂମିକା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରହିଥିଲା ବୋଲି ସାଧାରଣରେ ଆଲୋଚନା ହୋଇଛି।

## ୪ କେଜି ଗଞ୍ଜେଇ ଜବତ; ୨ ଗିରଫ



ବେଗୁନିଆପଡ଼ା, ୨୬।୬(ସମିସ): ଗଞ୍ଜାମ ବେଗୁନିଆପଡ଼ା ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ଓଡନଇ ଖରଖରୀ ବ୍ରିଜ ନିକଟରୁ ୪୪ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବେଗୁନିଆପଡ଼ା ଥାନା ପୋଲିସ। ବେଗୁନିଆପଡ଼ା ପୋଲିସ ସଂଧ୍ୟାରେ ପେଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇ ଅଚାନକ ଚଢ଼ଉ କରିଥିଲା। ଏକ ଅଟୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଛି ପୋଲିସ। ଗଞ୍ଜେଇ ଓ ମାଦକ ଦ୍ରବ୍ୟ କାରବାର ଉପରେ କଡା ନଜର ରଖାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କହିଛନ୍ତି ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ।

## ବେଗୁନିଆପଡ଼ା ବ୍ଲକ ସାମ୍ବାଦିକ ସଂଘ ଗଠିତ

ବେଗୁନିଆପଡ଼ା, ୨୬।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ ଏକ ବୈଠକ ଝାଡେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ୧୪ ଜଣ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବା ବେଳେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମାସ୍ୟା ଓ ତାହାର ସମାଧାନକୁ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏହି ଅବସରରେ ବେଗୁନିଆପଡ଼ା ବ୍ଲକର ସାମ୍ବାଦିକ ମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଛି। ବାବା ଶ୍ରୀ ଦଣ୍ଡିଶ୍ୱର ସାମ୍ବାଦିକ



ସଂଘ ନାମରେ ସଂଘ ଗଠନ କରାଯାଇଛି। ଲଟେରୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା କର୍ମକର୍ତ୍ତା ଚୟନ। ଏଥିରେ ସୂର୍ଯ୍ୟ ନାରାୟଣ ବଡୁ ସଭାପତି ହୋଇଥିବା ବେଳେ କୃଷ୍ଣ ଚନ୍ଦ୍ର ପଲେଇ ସଂପାଦକ, ଭଞ୍ଜ କିଶୋର ମହାରଣା ଉପ ସଭାପତି, ସିମାଞ୍ଚଳ ଦୋରା ଯୁଗ୍ମ ସଂପାଦକ ହୋଇଛନ୍ତି। ସେହିପରି ସୁଶାନ୍ତ କୁମାର ପଟ୍ଟନାୟକ କୋଷାଧ୍ୟକ୍ଷ ହୋଇଥିବା ସୂଚନା ମିଳିଛି। ସମସ୍ତ ସାମ୍ବାଦିକ ଏକତା ରକ୍ଷା କରି ସଂଘର କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ପ୍ରତି ବର୍ଷ ସଂଘର କର୍ମକର୍ତ୍ତା ଚୟନ ଲଟେରୀ ମାଧ୍ୟମରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ପ୍ରତି ମାସକୁ ଥରେ ଗୋଟିଏ ବୈଠକ ସଂଘର ଅନୁଷ୍ଠିତ ହେବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ନାୟକ, ବାପୁନୀ କୁମାର ମାଲୁ, ଦେବାଶିଷ ମହାରଣା, ଗୁଲସନ୍ କର, ଭଗବାନ ପାଢୀ, ସନ୍ତୋଷ ସାହୁ, ଟୁକୁନା ପ୍ରଧାନ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ମନୋନୀତ ପରେ ସମସ୍ତ କର୍ମକର୍ତ୍ତା ଏବଂ ସଙ୍ଘ ସଦସ୍ୟ ଙ୍କୁ ଧନ୍ୟବାଦ ଜଣାଇବା ସହିତ ସାଧୁବାଦ ଜଣାଇଛନ୍ତି ସୂର୍ଯ୍ୟ ନାରାୟଣ ବଡୁ।

## ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ



ଗଞ୍ଜାମ, ୨୬।୬(ସମିସ): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ଅବସରରେ ଶୁକ୍ରବାର ୯ଟା ୩୦ରେ ଗଞ୍ଜାମ କଲେଜ, ଗଞ୍ଜାମର ଆଇସିଟି ସେମିନାର ହଲ୍‌ରେ ଛତ୍ରପୁର ତାଲୁକ ଆଇନ ସେବା କମିଟିର ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ପ୍ରଦୀପ ସାମଲ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ଉପଖଣ୍ଡ ନ୍ୟାୟିକ ଦଣ୍ଡାଧିକାରୀ (ଏସଡିଜେଏମ୍) ବିଷ୍ଣୁପ୍ରିୟା ସାମନ୍ତରାୟ ଏବଂ ତାଲୁକ ଆଇନ ସେବା କମିଟିର ସଦସ୍ୟ ମନୋଜ କୁମାର ପାଢ଼ୀ ନିଶାଦ୍ରବ୍ୟ ସଚେତନତା ଓ ଡ୍ରଗ୍ ଆୱାରନେସ୍ ଆଣ୍ଡ ୱେଲନେସ୍ ନାଭିଗେସନ୍ (ଡ଼ଇଡଘ) ବିଷୟରେ ଆଲୋକପାତ କରି ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ଓ ସୁସ୍ଥ, ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ମତ ରଖିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ଶ୍ରୀ ସାମଲ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବା ସହ ସୁସ୍ଥ, ଶୃଙ୍ଖଳିତ ଓ ଦାୟିତ୍ୱବାନ ଜୀବନଯାପନ କରିବାକୁ ଆହ୍ୱାନ ଦେଇଥିଲେ। ଗଞ୍ଜାମ କଲେଜ ଅଧ୍ୟକ୍ଷା ଡ଼. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁପରିଚାଳିତ ହୋଇଥିଲା।

### ଗଞ୍ଜାମରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ଉଦ୍‌ଯାପିତ

# ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ

ଛତ୍ରପୁର, ୨୬।୬(ସମିସ)




ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ତସକରି ବିରୋଧ ଦିବସ-୨୦୨୬ ଅବସରରେ ଗଞ୍ଜାମ ଜିଲ୍ଲାରେ ଗତ ୧୭ ଜୁନରୁ ଆରମ୍ଭ ହୋଇଥିବା ୧୦ ଦିନବ୍ୟାପୀ "ନିଶାମୁକ୍ତ ଭାରତ ଅଭିଯାନ" ଛତ୍ରପୁରଠାରେ ବ୍ୟାପକ ଜନସହଭାଗିତା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା। ଏହି ଅବସରରେ ଶୁକ୍ରବାର ସକାଳେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଏବଂ ସୁନୀଲ କୁମାର କେରକେଟା ମିଳିତ ଭାବେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ନିଶାମୁକ୍ତି ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ବ୍ୟାନର ଧରି ଅଂଶଗ୍ରହଣକାରୀମାନେ ଛତ୍ରପୁର ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ଅନସ୍‌ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ସମୂହ ଶପଥପାଠ କରାଯାଇଥିଲା। ଉପସ୍ଥିତ ସମସ୍ତେ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବା ଓ ସମାଜରୁ ନିଶା ଦୂର କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

ଜିଲ୍ଲାବ୍ୟାପୀ ପାଳିତ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍କୁଲ, କଲେଜ ଓ ବ୍ଲକ ସ୍ତରରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, ଶପଥ ଗ୍ରହଣ ଓ ସଚେତନତା ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ନିଶାମୁକ୍ତ ବ୍ୟକ୍ତିବିଶେଷ ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଲକ୍ଷ୍ୟ କରାଯାଇଥିଲା। ନିଶା ସେବନ ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ପ୍ରେରିତ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଖଲ୍ଲିକୋଟ ଏବଂ କନିସିଠାରେ କାର୍ଯ୍ୟରତ ତିନୋଟି ସମନ୍ୱିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଏହି ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ନିଶାମୁକ୍ତ ବ୍ୟକ୍ତିବିଶେଷ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଏଥିରେ ଛତ୍ରପୁର ଓ ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ

କବିସୂର୍ଯ୍ୟନଗର,୨୬।୬(ସମିସ): ସ୍ଥାନୀୟ ଗୋପବନ୍ଧୁ ଆଇଟିଆଇ ସୁନ୍ଦରିଆପଡା ଠାରେ କବିସୂର୍ଯ୍ୟନଗର ତାଲୁକ ଲିଗାଲ ସର୍ଭିସିଂ କମିଟି ପକ୍ଷରୁ କମିଟିର ଅଧ୍ୟକ୍ଷ ତଥା ଜେଏମଏଫସି ଅମ୍ବିକେଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ନିଶାମୁକ୍ତ ଭାରତ ଗଠନରେ ଯୁବ ସମାଜର ସହଯୋଗ ଉପରେ




ଆଲୋଚନା ହୋଇଥିଲା। ଅତିଥି ଭାବେ କବିସୂର୍ଯ୍ୟନଗର ବାର ଆସୋସିସନ ସଭାପତି ଆଇନଜୀବୀ ସୁକୁମାର ମାଝୀ, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ପ୍ରାକ୍ତନ ବାରସଭାପତି ଭଗବାନ ମହାପାତ୍ର, ସମାଜସେବୀ ଇ. ମାହେଶ୍ୱରୀ ଦୋରା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ମହାପାତ୍ର, ସରକାରୀ ଓକିଲ ମୁରଲୀଧରି ପାଣିଗ୍ରାହୀ, ଯଦୁକୁଳ ପଟ୍ଟନାୟକ ଯୋଗ ଦେଇଥିଲେ। ଏହାକୁ ସଂଯୋଜନା କରିଥିଲେ ଅଧ୍ୟକ୍ଷ ଇଂ,ଦିଲ୍ଲୀପ କୁମାର ଖଣ୍ଡୁଆଳ। ଟ୍ରେନିଂ ଅଫିସର ପି. ସିମାଞ୍ଚଳ ପାତ୍ର, ଏ. ଗୋପାଳ ଆଚାରୀ, ପ୍ରଭୁଦତ୍ତ ସାମନ୍ତରା, ସନ୍ତୋଷ କୁମାର ମହାରଣା, ବରାହ ମିହିର ମିଶ୍ର, ରଂଜିତା କୁମାରୀ ଶତପଥୀ ଆଦି ସହଯୋଗ କରିଥିଲେ। ଆଇଟିଆଇ ଛାତ୍ରଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବଢ଼ିଲା ଫେରାର ବିଜେପି ନେତାଙ୍କ ଅଡୁଆ

ବ୍ରହ୍ମପୁର,୨୬।୬(ସମିସ)






- ଫେରାର ଥାଇ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଅଭିଯୋଗ
- ଭବାନୀ ଓ ତାଙ୍କ ଭାଇଙ୍କ ନାମରେ ମାମଲା ରୁଜୁ
- ଜାମିନ୍‌ଦାରଙ୍କୁ ଗିରଫ କରିବାକୁ ଦାବି ଜୋର୍
- ପୁଲିସର ପଦକ୍ଷେପକୁ ନେଇ ଉଠିଛି ପ୍ରଶ୍ନ

ବଢିଲା ଫେରାର ବିଜେପି ନେତା ଭବାନୀ ଶଙ୍କର ଦାଶଙ୍କ ଅଡୁଆ। ମାଗଣାରେ ଉଚ୍ଚଶିକ୍ଷାର ପ୍ରଲୋଭନ ଦେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇ ପରବର୍ତ୍ତୀ ସମୟରେ ସର୍ତ୍ତମୂଳକ ଜାମିନରେ ଆସି ଫେରାର ହୋଇଛନ୍ତି ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ରହି ଭବାନୀ ପିଡିତାଙ୍କ ପରିବାର ଏପରିକି ଅଭିଯୋଗକାରିଣୀଙ୍କୁ ମାମଲା ପ୍ରତ୍ୟାହାର କରିବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଗତ ମେ ୧୮ ତାରିଖରୁ ଭବାନୀ ଫେରାର ହୋଇଥିବା ବେଳେ ଚଳିତ ମାସ ୨୩ତାରିଖରେ ଅଭିଯୋଗକାରିଣୀଙ୍କୁ ଭବାନୀଙ୍କ ନାମରେ ଦୁଇଜଣ ମୁଖାଧାରୀ ବ୍ୟକ୍ତି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରିଣୀ ନିଜେ ନିମଖଣ୍ଡି ଥାନାରେ ଲିଖିତ ଏତଲା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ଫେରାର ଭବାନୀ ନିଜକୁ ଜଣେ ବିଜେପି ପରିବାରର ସଦସ୍ୟ ବୋଲାଇ ନକଲି ହୋମିଓପାଥିକ ସାର୍ଟିଫିକେଟ ଜରିଆରେ ଜଣେ ଡାକ୍ତର କହି ବାଜପେୟୀ ଆରୋଗ୍ୟମ କ୍ଲିନିକ ମଧ୍ୟ ଚଳାଇଥିଲା। ଗତ ୭ତାରିଖରେ ନିଜର ଏକମାତ୍ର ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବା ପାଇଁ ହାଇକୋର୍ଟରୁ ସର୍ତ୍ତମୂଳକ ତଥା ୧୦ଦିନ ପାଇଁ ଜେଲରୁ ମୁକୁଳିବା ପରେ ଭବାନୀ ଆଉ ଜେଲକୁ ଫେରିନଥିଲା। ଗତ ମେ ୧୮ ତାରିଖରେ କୋର୍ଟରେ ଆତ୍ମ ସମର୍ପଣ କରି ଜେଲକୁ ଫେରିବାକୁ ଥିବାବେଳେ ଭବାନୀ ଆଜି ପର୍ଯ୍ୟନ୍ତ ଫେରାର ଥିବା ଜଣାପଡିଛି। ୧୮ ତାରିଖରେ କୋର୍ଟରେ ହାଜର ନହେବାରୁ ବା ଆତ୍ମ ସମର୍ପଣ ନକରିବାକୁ କୋର୍ଟରୁ ଭବାନୀଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି। ଭବାନୀଙ୍କୁ ଜାମିନରେ ନେଇଥିବା ଦୁଇଜାମିନଦାର ନିରାକାରସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଜୁନ ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୫ତାରିଖରେ ଭବାନୀଙ୍କୁ ଗିରଫ କରିବାରେ ତଥା ହାଜର କରିବାରେ ଜାମିନଦାର ଓ ପୁଲିସ ଫେଲ ମାରିଥିଲେ। ଫଳରେ ଆସନ୍ତା ଜୁଲାଇ ୨୯ତାରିଖରେ ଭବାନୀଙ୍କୁ କୋର୍ଟରେ ହାଜର କରିବାକୁ ଦିନ ଧାର୍ଯ୍ୟ ହୋଇଛି। ସମ୍ପୃକ୍ତ ନେତାଙ୍କୁ ପୁଲିସ ଗିରଫ କରିବାରେ ତତ୍ପରତା ପ୍ରକାଶ କରୁନାହିଁ ଅଥବା ରାଜନୈତିକ ଚାପ ପଡୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କନ୍ଧମାଳ ଜିଲ୍ଲା ରାଇକିଆର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନେହରୁ ନଗର ନିବାସୀ ୨୪ତାରିଖରେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଥିଲା ଗତ ୨୩ତାରିଖରେ ଦିନ ପ୍ରାୟ ସାଢେ ୯ଟା ସମୟରେ ଯେତେବେଳେ ସେ ନିଜ ସ୍ୱାମୀଙ୍କ ସହିତ ସ୍କୁଲକୁ ଯାଉଥିଲେ ଫୁଲଟା ରାସ୍ତାରେ ଦୁଇଜଣ ଅଜଣା ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇ ଭବାନୀ ଦାଶଙ୍କ ବିରୁଦ୍ଧରେ ବୈଦ୍ୟନାଥପୁର ଥାନାରେ ଦାଏର ହୋଇଥିବା ପକସୋ ମାମଲା ପ୍ରତ୍ୟାହାର କରିବାକୁ କହିଥିଲେ। ଫେରାର ଭବାନୀଙ୍କ ଭାଇ ଜଣେ ବରିଷ୍ଠ ଓକିଲ ଏବଂ ସେମାନଙ୍କ କଥାକୁ ନଶୁଣିଲେ ନିଜର ରାଜନୈତିକ ଓ ସରକାରୀ ଚାପ ପ୍ରୟୋଗ କରି ଅଭିଯୋଗକାରିଣୀଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଦେବେ ବୋଲି ଧମକ ଦେଇଛନ୍ତି। ସେପଟେ ଗଜପତି ଜିଲ୍ଲାରେ ମଧ୍ୟ ଭବାନୀଙ୍କର ରାଜନୈତିକ ଦବଦବା ରହିଥିବା ନେଇ ସେମାନେ ସ୍ପଷ୍ଟ କରିଛନ୍ତି। ଅଭିଯୋଗକାରିଣୀଙ୍କ ଏତଲା ପ୍ରକାରେ ନିମଖଣ୍ଡି ଥାନାରେ ଫେରାର ଅଭିଯୁକ୍ତ ତଥା ବିଜେପି ନେତା ଭବାନୀ ଶଙ୍କର ଦାଶଙ୍କ ସମେତ ତାଙ୍କ ଭାଇ ଓ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏହି ମାମଲାରେ ଭବାନୀ ଓ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ମଞ୍ଚରେ ଅଙ୍ଗନବାଡ଼ି କର୍ମୀଙ୍କୁ ଅପମାନିତ କରିବା ଦୁର୍ଭାଗ୍ୟଜନକ : ରଂଜିତା



ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁର ଭରା ମଞ୍ଚରେ ସେପୁଣି ସର୍ବସମ୍ମୁଖରେ ନିଜ ସମସ୍ୟା ଉପସ୍ଥାପନ କରିଥିବା ଜନୈକା ଅଙ୍ଗନୱାଡି କର୍ମୀଙ୍କ ପ୍ରତି ସ୍ଥାନୀୟ ବିଧାୟକଙ୍କ କଟୁ ମନ୍ତବ୍ୟକୁ ତିବ୍ର ନିନ୍ଦା କରିବା ସହିତ ଘୋର ବିରୋଧ କରିଛନ୍ତି ଆସିକା ସାଂସଦ ପ୍ରାର୍ଥୀନି ରଂଜିତା ସାହୁ। ଜଣେ ନିର୍ବାଚିତ ଜନ ପ୍ରତିନିଧିଙ୍କ ପକ୍ଷେ ଏଭଳି ଆଚରଣ ଆଦୌ ଶୋଭନୀୟ ନୁହେଁ। ଅତିଥି ଦେବୋ ଭବ ବୋଲି ଆମେ ଦାବି ଦେଉଥିବା ବେଳେ ନିଜ ଅଞ୍ଚଳର ସେପୁଣି ଜଣେ ବୟସ୍କା ମହିଳାଙ୍କୁ ବିଧାୟକଙ୍କ ଏଭଳି କଟୁ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଅଙ୍ଗନୱାଡି କର୍ମୀମାନେ ଜଣେ ଜଣେ ନୀରବ ସେବକ ଭାବେ ପିଲାଙ୍କ ଭବିଷ୍ୟତ ଗଠନ ସହିତ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି। ସେମାନଙ୍କ ପ୍ରତି ଏଭଳି ଅହଙ୍କାର ପୂର୍ଣ୍ଣ ଭାଷା ସହିତ ବ୍ୟବହାରରେ ସଂଜମତା ନଥିବା ଦୃଶ୍ୟ ଯାହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଜନ ପ୍ରତିନିଧିଙ୍କ ଏଭଳି ଆଚରଣକୁ କେହି ଆଦୌ ବରଦାସ୍ତ କରିବେ ନାହିଁ। ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ଅପମାନର ନୁହେଁ ବରଂ ସମ୍ମାନର ରାଜନିତିର ଆବଶ୍ୟକତା ଅଛି ବୋଲି ମତ ଦେଇ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ନେତ୍ରୀ ତଥା ଆସିକା ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ।

## ଖଣ୍ଡା ଦେଖାଇ ଲୁଟ୍ ଓ ଜାତିଆଣ ଆକ୍ଷେପ ମାମଲା; ପୁଣି ୨ ଗିରଫ

ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁର ସହରର ବଡ଼ବଜାର ଥାନା ଅନ୍ତର୍ଗତ ହର୍ଷ ବିହାର ଅଞ୍ଚଳରେ ଜଣେ ନାବାଳକଙ୍କୁ ଖଣ୍ଡା ଦେଖାଇ ସୁନା ଚେନ୍ ଲୁଟିବା ସହ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ପୁଲିସ ପୁଣି ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଶଙ୍କର ପରିଡ଼ା(୨୪) ଓ ଅଶୋକ ବେହେରା(୨୪)। ପୂର୍ବରୁ ଏହି ମାମଲାରେ ଲାଠି ଅଞ୍ଚଳରେ ରହୁଥିବା ସ୍ଥାନୀୟ ବାଲାଜୀପେଣ୍ଟ ଗୋଲାସାହିର ପ୍ରବୀଣ ଚୌଧୁରୀଙ୍କୁ ପୁଲିସ ଗିରଫ କରିଥିଲା।



ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୩୦ତାରିଖ ରାତି ପ୍ରାୟ ୮.୩୦ମିନିଟ୍ ସମୟରେ ଧାନମେରା ସାହିର ଆର୍ଯ୍ୟାନ ଓରଫ ଅମ୍ରିତ ନାୟକ ନିଜର ଦୁଇ ବନ୍ଧୁଙ୍କ ସହ ହର୍ଷବିହାର ଅଞ୍ଚଳକୁ ଯିବା ବେଳେ ଅଭିଯୁକ୍ତ ପ୍ରବୀଣ ଚୌଧୁରୀ, ଶଙ୍କର ପରିଡ଼ା ଓ ଅଶୋକ ବେହେରା ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଅମ୍ରିତ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଅଭିଯୁକ୍ତମାନେ ଏକ ଖଣ୍ଡା ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ବେକରୁ ସୁନା ଚେନ୍ ଛଡ଼ାଇ ନେଇ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ନାବାଳକଙ୍କ ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ଏକ ମାମଲା(୨୮୦/୨୬) ରୁଜୁ ହୋଇଥିଲା। ଅଭିଯୁକ୍ତ ପ୍ରବୀଣ ନାମରେ ବ୍ରହ୍ମପୁରର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି।

## ବୋମା ଓ ପଥରମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୬।୬(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଶାନ୍ତିମାର୍ଗରେ ହୋଇଥିବା ବୋମାମାଡ଼ ଓ ଆକ୍ରମଣ ମାମଲାରେ ଆଉଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ତୃତୀୟ ଲାଇନର ସମୀର କୁମାର ବେହେରା (୨୪)। ସୂଚନା ପ୍ରକାରେ, ଗଣେଶ ପୂଜା ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୮ ତାରିଖ ରାତି ପ୍ରାୟ ୭ଟା ୩୦ମିନିଟ୍ ସମୟରେ ଶ୍ରୀରାମନଗରର ମହେଶ ତ୍ରିପାଠୀ ଓରଫ ଜାକି ଏବଂ ବିପକ୍ଷ ଗୋଷ୍ଠୀର ରୁଦ୍ର ଡାକୁଆଙ୍କ ମଧ୍ୟରେ ବଚସା ଓ ଗାଳିଗୁଲଜ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରୁଦ୍ର ଡାକୁଆ ଏବଂ ତାଙ୍କର ସହଯୋଗୀମାନେ ସଂଘବଦ୍ଧ ଭାବେ ଖଣ୍ଡା, କାତି ଓ ବୋମା ଭଳି ମାରଣାସ୍ତ୍ରରେ ମହେଶ ତ୍ରିପାଠୀଙ୍କ ଘର ଉପରକୁ ପଥର ସହ ବୋମାମାଡ଼ କରିଥିଲେ। ବୋମାମାଡ଼ରେ ମହେଶଙ୍କ ପତ୍ନୀ କମଳ କୁମାରୀ ନାୟକ ଏବଂ ତାଙ୍କ ବୃଦ୍ଧ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଗୁରୁତର ଆହତ ହୋଇ ବ୍ରହ୍ମପୁର ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ପରବର୍ତ୍ତୀ ସମୟରେ କମଳ କୁମାରୀଙ୍କ ଲିଖିତ ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ଏକ ମାମଲା୧୬୨/୨୬) ରୁଜୁ ହୋଇଥିଲା। ଘଟଣା ପରେ ସାଇଣ୍ଟିଫିକ୍ ଟିମ୍ ଏବଂ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରୁଦ୍ର ଡାକୁଆ, ଶିଶିର ବେହେରା, ସନ୍ତୋଷ ଗୌଡ଼, କାଳିପ୍ରସାଦ ମହାରଣା, ମଣିକାନ୍ତ ରଥ ଏବଂ ସଞ୍ଜୟ ମହାପାତ୍ର ଓରଫ ମେଣ୍ଟାଲ ଭିକିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଆଜି ଉକ୍ତ ଘଟଣାରେ ଗିରଫ ସମୀର ବେହେରାଙ୍କର କୌଣସି ଅପରାଧିକ ପୃଷ୍ଠଭୂମି ରହିଛି କି ନାହିଁ ସେନେଇ ପୋଲିସ ତଦନ୍ତ କରୁଛି।




## ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୨୬।୬(ସମିସ): ଉତ୍କଳ ଆଶ୍ରମ ପକ୍ଷରୁ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ମାସ ୨୩ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଲୋକନାଟ୍ୟ ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ନୂଆଦିଲ୍ଲୀରୁ ଫେରିବା ପରେ ବ୍ରହ୍ମପୁର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ରୀ ପାତ୍ର ଓ ତାଙ୍କ ସାନପୁଅ ସାଇବ ପାତ୍ର ଓ ଯୋଗ ଦେଇଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ଅନନ୍ତରାମ କର କୌଣ୍ଡିନ୍ୟ, ବଡ଼ଖେମୁଣ୍ଡି ରାଜ ପରିବାର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ପ୍ରଦୋଷ ସ୍ୱାଇଁ, ଡ. ଅଶୋକ ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲବ, ରାଜଗୋପାଳ ପାଢ଼ୀ, ଡ. ମିହିର କୁମାର ତ୍ରିପାଠୀ, ସମୀର ଆଚାର୍ଯ୍ୟ ଓ ରବୀନ୍ଦ୍ର ନାୟକ ପଦ୍ମଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପୀତବାସ ହତ୍ୟା ମାମଲା; ୨୯ରେ ମଦନ ଓ ସୁନିଲଙ୍କ ସମେତ ୫ ଅଭିଯୁକ୍ତ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର,୨୬।୬(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳାଇ, ସୁନିଲ ହୋତା, ଯୋଗୀ ରାଉତ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁ ଆଦି ୫ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୯ ତାରିଖରେ ହାଇକୋର୍ଟରେ ହେବାକୁ ଦିନଧାର୍ଯ୍ୟ ହୋଇଛି। ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ଏହି ଜାମିନ ଆବେଦନ ଶୁଣାଣି ହେବ, ଯାହା ଉପରେ ରହିଛି ସମସ୍ତଙ୍କ ନଜର। ସୂଚନାଯୋଗ୍ୟ ଯେ, ଗତ ୨୦୨୫ମସିହା ଅକ୍ଟୋବର ୬ତାରିଖ ତଥା କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ସ୍ଥିତ ବାସଭବନ ନିକଟରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୪ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀଭାବେ ଥିବାବେଳେ ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଫୁଲବାଣୀ ଜେଲରେ ବନ୍ଦୀ ଭାବେ ଅଛନ୍ତି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ ଜାମିନ ପାଇ ଜେଲରୁ ମୁକୁଳିଛନ୍ତି। ସେପଟେ ଅଭିଯୁକ୍ତ ଶିବ ଶଙ୍କର ଦାଶ, ବିକ୍ରମ କୁମାର ପଣ୍ଡା, ମଦନ ମୋହନ ଦଳାଇ, ଯୋଗେନ୍ଦ୍ର ରାଉତ, ବିପିନ ସ୍ୱାଇଁ, ସୁନିଲ କୁମାର ହୋତା ଓ କାଳୁ ଚରଣ ଭୂୟାଁ ଆଦି ୭ଜଣ ଅଭିଯୁକ୍ତ ହାଇକୋର୍ଟର ଜାମିନ ଆବେଦନ କରିଛନ୍ତି। ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ କୋର୍ଟରେ ମଦନ, ଯୋଗୀ, ବିପିନ, ସୁନିଲ, କାଳୁ ଆଦି ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୯ ତାରିଖରେ ହେବ ବୋଲି ଜଣାପଡ଼ିଛି।

## ଧର୍ମେନ୍ଦ୍ରଙ୍କ ଜନ୍ମତିଥିରେ ରକ୍ତଦାନ ଶିବିର



ବ୍ରହ୍ମପୁର,୨୬।୬(ସମିସ): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସ୍ଥାନୀୟ ରୟାଲ ପେଲେସ କଲ୍ୟାଣମଣ୍ଡପ ଠାରେ "ରକ୍ତଦାନ ମହାଦାନ" ବାର୍ତ୍ତାକୁ ଦୃଷ୍ଟିରେ ରଖି ବହୁ ଯୁବକ ଓ ସମାଜସେବୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ରକ୍ତଦାନ ଶିବିରକୁ ବିଜେପି ଜିଲ୍ଲା ସଭାପତି ଉଦଘାଟନ କରିଥିଲେ। ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଶିବ ଦାଶ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ ଷଡଙ୍ଗୀ, ଜିଲ୍ଲା ଉପସଭାପତି ଗୌରୀ ସାମନ୍ତରାୟ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୋମନାଥ ପାତ୍ର, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ବିକ୍ରମ ଦାସ, ବର୍ଷା ବିଦୁସ୍ମିତା, ରାଜ୍ୟ ପ୍ରବକ୍ତା ଟି. ଗୋପି, ମଣ୍ଡଳ ପ୍ରଭାରୀ ମନିତା ଦାଶ, ସଂଜୟ ଜେନା, ଆଲୋକ ତ୍ରିପାଠୀ, ବରୁଣ ପାଢୀ, ସ୍ୱାଗତ ପାଢୀ, ଚିତ୍ତ ସାହୁ, ସାଗର ସାହୁ, ରବି କୁମାର, ସଚିନ ପଣ୍ଡା, ଶିବ ଯାଦବ, ଗୋପାଳ ରଥ, ଭିକି ଆଚାରୀ, ଆଶିଷ ଦାଶ ଓ ସୀମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ସରୋଜ ସାବତ ରକ୍ତଦାନ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉତ୍ତମ ଜୀବନ କାମନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୫୭ବର୍ଷ ବୟସରେ ପାଦ ଥାପି ଥିବାରୁ ୫୭ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ରୁବେନ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର,୨୬।୬(ସମିସ): ସ୍ୱର୍ଗତ କେ. କୋଟେଶ୍ୱର ରାଓ ଓରଫ ରୁବେନଙ୍କ ତୃତୀୟ ପୂଣ୍ୟତିଥି ଅବସରରେ ଏମକେସିଜି ମେଡିକାଲ୍ ପରିସରରେ ଶୁକ୍ରବାର ରୁବେନ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମ୍ପାଦକ ତଥା ସ୍ୱର୍ଗତ ରୁବେନଙ୍କ ସାନ ଭାଇ କେ. ଲକ୍ଷ୍ମଣ ରାଓ, ଅର୍ବାନ ବ୍ୟାଙ୍କ ସଭାପତି ଆର୍. ମୂରଲୀ ମୋହନ, କର୍ପୋରେଟ ଡି. କରୁଣାକର, ପ୍ରଦୀପ କୁମାର ଶତପଥୀ, କେ. ତରୁଣ ରାଓ, କେ. ଅରୁଣ ରାଓ, ବାପି ପଣ୍ଡା, ରୋଶନ କୁମାର ପାଳ, ସମାଜସେବୀ ଶିବ ସେଠୀ, ପ୍ରିନ୍ସ କାଲୁଙ୍କ ସମେତ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

## ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ କଂଗ୍ରେସର ଉଦ୍‌ବେଗ

ବ୍ରହ୍ମପୁର,୨୬।୬(ସମିସ)

ସର୍ବ ଭାରତୀୟ ସ୍ତରରେ ନିଟ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ଓ ସିବିଏସଇ ପରୀକ୍ଷା ପରିଚାଳନାରେ ତ୍ରୁଟିକୁ ନେଇ କଂଗ୍ରେସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ଜାତୀୟସ୍ତରର ନେତା ପୱନ ଖେଡା ଯୋଗ ଦେଇଥିଲେ। ଏହି କ୍ରମରେ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ସବୁ ବ୍ଲକରେ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ଏହି କ୍ରମରେ ବ୍ରହ୍ମପୁର ଠାରେ ଜିଲ୍ଲା କଂଗ୍ରେସ (ପୂର୍ବ) ପକ୍ଷରୁ ସ୍ଥାନୀୟ ବାପୁଜୀ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ସଭାପତି ରଶ୍ମୀରଂଜନ ପଟ୍ଟନାୟକଙ୍କ ସମେତ ରାଜ୍ୟ ପ୍ରେଦେଶ କଂଗ୍ରେସ କମିଟିର ମୁଖପାତ୍ର ଜୟଶ୍ରୀ ପାତ୍ର ଉପସ୍ଥିତ ରହି 'ନିଟ' ପରୀକ୍ଷା ବର୍ତ୍ତମାନ 'ଚିଟ୍' ପରୀକ୍ଷା ହୋଇସାରିଥିବା କହିଛନ୍ତି। ୧୨ବର୍ଷର ଏନଡିଏ ସରକାରରେ ସର୍ବାଧିକ ୮୯ଥର ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ବେଳେ ୪୮ଥର ପୁନଃ ପରୀକ୍ଷା କରାଯାଇଛି। କହିବାକୁ ଗଲେ ବର୍ତ୍ତମାନ ପରୀକ୍ଷା କ୍ଷେତ୍ରରେ ସୁଧାର ନୁହେଁ ବରଂ ନିଟ ଚିଟ ଓ ରିପିଟ ଆଧାରରେ ଚାଲିଛି। ଦେଶରେ ଚାଷୀଙ୍କ ଠାରୁ ଅଧିକ ସଂଖ୍ୟାରେ ଯୁବ ଓ ଛାତ୍ର ଆତ୍ମହତ୍ୟା କରିଥିବା ଏକ ସର୍ଭେରୁ ଜଣାପଡିଛି। ସିବିଏସଇ ପରୀକ୍ଷାରେ ପୂର୍ବରୁ ବ୍ଲାକ ଲିଷ୍ଟେଡ୍ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା। ନିଟରେ ୨୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ରାଜ୍ୟରେ ସରକାରଙ୍କ ନିଜସ୍ୱ ମୁଦ୍ରଣ ସଂସ୍ଥା ଓ ବିଭାଗ ଥିବା ସତ୍ତ୍ୱେ ଏଆଇରେ ନକଲ କରି ଗୁଜରାଟର ଏକ ଘରୋଇ ସଂସ୍ଥାକୁ ପୁସ୍ତକ ମୁଦ୍ରଣ ଦାୟିତ୍ୱ ଦେଇ ମାଳମାଳ ଭୁଲ କରାଯାଇଥିବା ଅଭିଯୋଗ ହୋଇଛି; ଯଦ୍ୱାରା ଜାତୀୟ ସ୍ତରରେ ଓଡିଶା ବଦନାମ ହେଲା। ଏଥିରେ ପ୍ରାୟ ୫୦କୋଟିର ମହାଦୁର୍ନୀତି ସହ ମୁଦ୍ରଣରେ ପ୍ରିୟାପ୍ରୀତି ତୋଷଣ ହୋଇଛି। ଏନସିଇଆରଟିର ନିର୍ଦ୍ଦେଶିକା ଓ ସଚିବଙ୍କ ବିରୋଧରେ ଫୌଜଦାରୀ ମାମଲା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ତ୍ରୁଟିଶୂନ୍ୟ ତଥା ନୂତନ ପୁସ୍ତକ ପିଲାଙ୍କୁ ଅବିଳମ୍ବେ ଯୋଗାଇ ଦିଆଯାଉ ବୋଲି କଂଗ୍ରେସ ପକ୍ଷରୁ ଦୃଢ ଦାବି କରାଯାଇଛି। ଦଳ ପକ୍ଷରୁ ଯୁବାବର୍ଗଙ୍କୁ ସାଙ୍ଗରେ ନେଇ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନରେ ଛାତ୍ରଙ୍କ ଗୁଞ୍ଜରଣରେ ଉଭୟ ଶାସନ ଓ ସରକାର ଥରିବ ବୋଲି ଚେତାବନୀ ଦେଇଛନ୍ତି ରାଜ୍ୟ କଂଗ୍ରେସର ମୁଖପାତ୍ର ଜୟଶ୍ରୀ ପାତ୍ର। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ (ପୂର୍ବ) ରଶ୍ମୀରଂଜନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା, ମେୟର ପ୍ରାର୍ଥୀନୀ ମଞ୍ଜୁ ରଥ, ଛାତ୍ର ନେତା ତତ୍‌ସତ ସୁବୁଦ୍ଧି ଓ ଯୁବନେତା ରାଜୀବ ଖୁଣ୍ଟିଆ ପ୍ରମୁଖଙ୍କ ସମେତ କଂଗ୍ରେସର ବିଭିନ୍ନ ଛାମୁଆ ସଙ୍ଗଠନର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।




## ଏମ୍‌କେସିଜିରେ ପ୍ଲାଜ୍‌ମା ଓ ରେଡ୍ ସେଲ୍ ଏକ୍ସଚେଞ୍ଜ୍

ବ୍ରହ୍ମପୁର,୨୬।୬(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ 'ପ୍ଲାଜମା ଓ ରେଡ୍ ସେଲ୍ ଏକ୍ସଚେଞ୍ଜ' ଚିକିତ୍ସା ଉପଲବ୍ଧ ହୋଇଛି। ପ୍ରଥମ ଥର ପାଇଁ ୨ ଜଣ ରୋଗୀଙ୍କ ଠାରେ 'ଥେରାପ୍ୟୁଟିକ୍ ପ୍ଲାଜମା ଏକ୍ସଚେଞ୍ଜ(ଟିପିଇ) ଓ 'ଥେରାପ୍ୟୁଟିକ୍ ରେଡ୍ ସେଲ୍ ଏକ୍ସଚେଞ୍ଜ' ସଫଳତାର ସହ କରାଯାଇଛି। ଏମକେସିଜ ମେଡିକାଲକୁ ଆସିଥିବା ଜଣେ ୪୦ ବର୍ଷୀୟା ମହିଳା 'ଆଟିପିକାଲ୍ ହେମୋଲାଇଟିକ୍ ୟୁରେମିକ୍ ସିଣ୍ଡ୍ରୋମ୍' ନାମକ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ମେଡିସିନ୍ ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କର କିଡନୀ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏକ ଡାକ୍ତରୀ ଟିମ୍ ଏହି ମହିଳା ରୋଗୀଙ୍କ ଶରୀରରେ ପ୍ଲାଜମା ଏକ୍ସଚେଞ୍ଜ କରିଥିଲ। ଏପଟେ ଏମକେସିଜିକୁ ଆସିଥିବା ଜଣେ ସିକିଲସେଲ୍ ରୋଗୀଙ୍କ ରେଡ୍ ସେଲ୍ ଅଦଳବଦଳ କରାଯାଇଥିବା ସୂଚନା ଦିଆଯାଇଛି।। ଏହି ରୋଗୀଙ୍କ ଶରୀରରେ ରେଡ ସେଲ ଏକ୍ସଚେଞ୍ଜ ଚିକିତ୍ସା ଦ୍ୱାରା ତାଙ୍କ ରକ୍ତରେ ଥିବା ଖରାପ ବା ସିକିଲ୍ ହିମୋଗ୍ଲୋବିନର ମାତ୍ରା ୭୬% ରୁ ହ୍ରାସ ପାଇ ମାତ୍ର ୩୦% କୁ ଚାଲିଆସିଛି। ଏହାପରେ ସଂପୃକ୍ତ ରୋଗୀଙ୍କୁ ବାରମ୍ବାର ରକ୍ତ ନେବାକୁ ପଡ଼ିବ ନାହିଁ ଏବଂ ସେମାନେ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବେ ବୋଲି ସୂଚନା ଦିଆଯାଇଛି। ତେବେ ଦକ୍ଷିଣ ଓଡ଼ିଶାରେ ସିକିଲ୍ ସେଲ୍ ଏକ ବଡ଼ ଜନସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଥିବା ବେଳେ ଏମକେସିଜି ସଫଳତାର ସହ ପ୍ରଥମ ଥର 'ରେଡ୍ ସେଲ୍ ଏକ୍ସଚେଞ୍ଜ' ରୋଗୀଙ୍କ ପାଇଁ ବେଶ ସହାୟ ହେବ ବୋଲି କୁହାଯାଇଛି। ଏହି ଦୁଇଟି ଅତ୍ୟାଧୁନିକ ଚିକିତ୍ସା ସେବା ଉପଲବ୍ଧ ହେବା ଦ୍ୱାରା ଦକ୍ଷିଣ ଓଡ଼ିଶାର ରୋଗୀଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ପୂର୍ବରୁ ଏଥିପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବାହାରକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ଏମକେସିଜିରେ ଏହା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଏମକେସିଜି ଡିନ ତଥା ଅଧକ୍ଷ ପ୍ରଫେସର ଡାକ୍ତର ହରିକୃଷ୍ଣ ଦଳେଇ କହିଛନ୍ତି। ସେହିପରି ଏମକେସିଜ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଦୀପା ଦାସ ସମଗ୍ର ଡାକ୍ତରୀ ଦଳକୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ଏଭଳି ସ୍ପେଶାଲିଟି ସେବାର ଆହୁରି ସମ୍ପ୍ରସାରଣ କରାଯିବ ବୋଲି କହିଛନ୍ତି।

### ଅଜବ ନୀତି ଆପଣାଇଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

# ରୋଗୀଙ୍କୁ ବୋହୁଛି ଫିଟ୍‌ନେସ୍ ନ ଥିବା ଦୁଇ ଆମ୍ବୁଲାନ୍ସ

ବ୍ରହ୍ମପୁର,୨୬।୬(ସମିସ)

**ସିଟି ହସ୍ପିଟାଲରେ ନାହିଁ ଆମ୍ବୁଲାନ୍ସ, ଅଛନ୍ତି ଡ୍ରାଇଭର ଓ ହେଲ୍ପର**

ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲରେ ରୋଗୀ ସେବା ପାଇଁ ଆବଶ୍ୟକ ଆମ୍ବୁଲାନ୍ସ ବ୍ୟବସ୍ଥା ପ୍ରାୟ ଅଚଳ ହୋଇପଡ଼ିଛି। ହସ୍ପିଟାଲରେ ଥିବା ଦୁଇଟି ଆମ୍ବୁଲାନ୍ସର ଫିଟନେସ ଶେଷ ପରେ ସେଗୁଡ଼ିକ ବର୍ତ୍ତମାନ ଅଫ୍‌ରୁଟ୍‌ରେ ରହିଛି। ଫଳରେ ଜରୁରୀ ସମୟରେ ରୋଗୀଙ୍କୁ ଉଚ୍ଚତର ବା ଉତ୍ତମ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରିବାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଆମ୍ବୁଲାନ୍ସକୁ ଅଫ୍‌ରୁଟ୍ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତି ହୋଇଥିବା ଡ୍ରାଇଭର ଓ ହେଲ୍ପର ବର୍ତ୍ତମାନ ସିଡ଼ିଏମଓଙ୍କ ଅଧିନରେ ଥିବା ଏଡଭାନ୍ସଡ୍ ଲାଇଫ୍ ସପୋର୍ଟ(ଏଏଲଏସ) ଆମ୍ବୁଲାନ୍ସର କାର୍ଯ୍ୟରତ ରହିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଭଳି ଅଜବ ନୀତି ଯୋଗୁଁ ଜରୁରୀ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଛି। ଯଦି ଶୀଘ୍ର ନୂଆ ଆମ୍ବୁଲାନ୍ସ ଯୋଗାଇ ଦିଆନଯାଏ, ତେବେ ଜରୁରୀ ସ୍ୱାସ୍ଥ୍ୟ ସେବା ଆହୁରି ବ୍ୟାହତ ହେବାର ଆଶଙ୍କା ରହିଛି। ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ଉପରେ ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୩୦ରୁ ୩୫କିଲୋମିଟର ଦୂରଦୂରାନ୍ତର ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। ସେହିକ୍ରମେ ପ୍ରତିଦିନ ପ୍ରାୟ ୧୨ଶହରୁ ଅଧିକ ରୋଗୀ ଓପିଡ଼ିକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆସୁଥିବା ବେଳେ ହସ୍ପିଟାଲର ବିଭିନ୍ନ ବିଭାଗରେ ଶତାଧିକ ରୋଗୀ ଇନ୍ ଡୋର ଚିକିତ୍ସା ହୋଇଛନ୍ତି। ହସ୍ପିଟାଲରେ ଚିକିତ୍ସିତ ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ଡ଼ାକ୍ତର ଉନ୍ନତ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସିଟି ହସ୍ପିଟାଲରେ ଦୁଇଟି ଆମ୍ବୁଲାନ୍ସ ରହିଥିଲା। କିଛି ବର୍ଷ ପୂର୍ବେ ଗୋଟିଏ ଆମ୍ବୁଲାନ୍ସର ଫିଟନେସ ଅବଧି ଶେଷ ପରେ ଉକ୍ତ ଆମ୍ବୁଲାନ୍ସ ଅଫ୍‌ରୁଟ୍ ହୋଇଯାଇଥିଲା। ଏହାର କିଛି ମାସ ହେବ ଆଉ ଏକ ଆମ୍ବୁଲାନ୍ସର ମଧ୍ୟ ଫିଟନେସ ଶେଷ ହୋଇଯାଇଥିଲା। ଫଳରେ ବର୍ତ୍ତମାନ ହସ୍ପିଟାଲର ସମସ୍ତ ଆମ୍ବୁଲାନ୍ସ ଅଫ୍‌ରୁଟ ରହିଛି। ଆମ୍ବୁଲାନ୍ସ ନଥିବାରୁ ବେଳେ ଏଥିରେ ନିଯୁକ୍ତି ଥିବା ଡ୍ରାଇଭର ଓ ହେଲ୍ପର ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି। ଏଭଳି କ୍ଷେତ୍ରରେ ଜରୁରୀ ରୋଗୀ ପରିବହନ ସେବା ଉପରେ ସିଧାସଳଖ ପ୍ରଭାବ ପଡୁଛି। ଆବଶ୍ୟକ ସ୍ଥଳେ ୧୦୮ ଆମ୍ବୁଲାନ୍ସ ଜରିଆରେ ରୋଗୀ ସିଟି ହସ୍ପିଟାଲରୁ ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥାନ୍ତି। ବିଭିନ୍ନ ସମୟରେ ଆମ୍ବୁଲାନ୍ସ ସଠିକ ସମୟରେ ପହଞ୍ଚୁ ନଥିବାରୁ କିଛି ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ରହିଛି। ଜିଲ୍ଲାର ପ୍ରମୁଖ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଅଭାବ ଯୋଗୁଁ ପ୍ରତିଦିନ ଅନେକ ରୋଗୀ ଓ ସେମାନଙ୍କ ପରିବାର ଲୋକେ ହଇରାଣ ହେଉଛନ୍ତି। ବାଧ ହୋଇ ସେମାନେ ବେସରକାରୀ ଆମ୍ବୁଲାନ୍ସ ଭଡ଼ା କରି ଅଧିକ ଅର୍ଥ ବ୍ୟୟ କରୁଛନ୍ତି। ସ୍ୱାସ୍ଥ୍ୟ ସେବା ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏପରି ସ୍ଥିତିରେ ଅବଧି ଶେଷ ହୋଇଥିବା ଆମ୍ବୁଲାନ୍ସ ବଦଳରେ ତୁରନ୍ତ ନୂତନ ଆମ୍ବୁଲାନ୍ସ ଯୋଗାଇବାକୁ ଲୋକେ ଦାବି କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ସହ ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।

-ଜେ ଏଫ୍ କେନେଡ଼ି

## ଅଭିଭାବକତ୍ୱର ଦ୍ୱନ୍ଦ୍ୱ

ଆଇନ ପ୍ରଣୟନ କରିବା ପୂର୍ବରୁ ଏହାର ସର୍ବବ୍ୟାପୀ ପ୍ରଭାବ ସମୀକ୍ଷା ନ କରି ତରବରିଆ ଭାବେ କେବଳ ସଂଖ୍ୟାଗରିଷ୍ଠତା ବଳରେ ପାରିତ କରାଇ ନେବାର ପରିଣତି କ'ଣ ହୋଇପାରେ ତାହା ଏଆରଟି ଓ ସରୋଗେସୀ ଆଇନ ପରବର୍ତ୍ତୀ ଉପୁଜିଥିବା ଜଟିଳ ସମସ୍ୟା ଏବଂ ମାନବାଧିକାର, ବୈଧାନିକ ଓ ସାମ୍ବିଧାନିକ ବିବାଦକୁ ତର୍ଜମା କଲେ ବୁଝାପଡ଼ିଯିବ। ଏବେ ପରିସ୍ଥିତି ଏଭଳି ହେଲାଣି ଯେ ଆଇନଗତ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ଯେଉଁ ଆଇନ ପ୍ରଣୟନ ହୋଇଥିଲା ତାହା ହିଁ ଏବେ ଖୋଦ୍ ନ୍ୟାୟିକ ଜାଲରେ ଛନ୍ଦି ହୋଇପଡ଼ିଛି। ଦିନକୁ ଦିନ ମାମଲା ବୋଝ ବଢ଼ିବାରେ ଲାଗିଛି। କେତେକ ମାମଲା ଆନ୍ତର୍ଜାତିକ ଆଇନ ସହିତ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ପ୍ରାକୃତିକ କାରଣରୁ ଯେଉଁ ମହିଳାମାନେ ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି ସେମାନଙ୍କ ପାଇଁ ବିଜ୍ଞାନ ବରଦାନ ସାବ୍ୟସ୍ତ ହୋଇଛି। ଟେଷ୍ଟଟ୍ୟୁବ୍ ବେବି ପରେ ଏବେ 'ସରୋଗେସି ମଦର'(ଅନ୍ୟର ଭ୍ରୂଣକୁ ନିଜ ଗର୍ଭାଶୟରେ ରଖି ବିକଶିତ କରୁଥିବା ମହିଳା) ଏବଂ ଭ୍ରୂଣକୁ ଭଣ୍ଡାରଣ କରି ପରବର୍ତ୍ତୀ ସମୟରେ ସନ୍ତାନ ଜନ୍ମ କରିବାର ଯୋଜନା ଓ କୌଶଳ ଆଦୃତ ହେବାରେ ଲାଗିଛି। ଏପରିକି ବିଦେଶରେ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଏହାଛଡ଼ା ଆଜିର ବ୍ୟସ୍ତବହୁଳ ଜୀବନରେ କର୍ମଜୀବୀ ମହିଳାମାନେ ମାତୃତ୍ୱର ଜଞ୍ଜାଳକୁ ଆଦରି ନେବାକୁ ଚାହୁଁ ନ ଥିବା ବେଳେ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେମାନେ ସନ୍ତାନସନ୍ତତି ଅପରିହାର୍ଯ୍ୟ ବୋଲି ମନେ କରୁଛନ୍ତି। ଏହି ପରସ୍ପର ବିରୋଧୀ ମାନସିକତା ଓ ବାଧ୍ୟବାଧକତାରୁ ଜନ୍ମ ନେଇଛି ସରୋଗେସି ମଦର ଓ ଭ୍ରୂଣ ଭଣ୍ଡାରଣ ଭଳି ଅଭିନବ ପରିକଳ୍ପନା।

ବିଜ୍ଞାନର ଏହି ବରଦାନ କିନ୍ତୁ ବିଭିନ୍ନ ଦେଶ ସମେତ ଭାରତରେ ମଧ୍ୟ ଆଇନଗତ ଜଟିଳତା ଓ ମାମଲା ବୋଝ ସୃଷ୍ଟି କରୁଥିବାରୁ ତାହାର ନିରାକରଣ ପାଇଁ ଭାରତ ସରକାର ୨୦୨୧ ମସିହାରେ 'ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲଜି(ରେଗୁଲେସନ୍) ଆକ୍ଟ'(ଏଆରଟି) ଓ 'ସରୋଗେସି(ରେଗୁଲେସନ୍) ଆକ୍ଟ' ପ୍ରଣୟନ କରିଛନ୍ତି, ଯାହା ୨୦୨୨ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମାମଲା ବୋଝମାନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଆଇନରେ ଥିବା ବୟସ ସୀମା ହିଁ ଏବେ ଅଧିକ ବିବାଦ ଓ ଜଟିଳତା ସୃଷ୍ଟି କରିଛି। ଏହାଛଡ଼ା ଆହୁରି କେତେକ ମାନବାଧିକାର ପ୍ରଶ୍ନ ଏଥିସହିତ ସ୍ୱତଃ ଯୋଡ଼ି ହୋଇଯାଉଛି।

ଏଆରଟି ଆଇନ ଅନୁଯାୟୀ ମହିଳାଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ସର୍ବୋଚ୍ଚ ୫୦ ବର୍ଷ ଏବଂ ପୁରୁଷଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ୫୫ ବର୍ଷ ହୋଇଥିବା ଆବଶ୍ୟକ। ସେହିପରି ସରୋଗେସୀ ଆଇନ ଅନୁଯାୟୀ ମହିଳାଙ୍କ ସର୍ବନିମ୍ନ ବୟସସୀମା ୨୩ - ୫୦ ବର୍ଷ ମଧ୍ୟରେ ଏବଂ ପୁରୁଷ କ୍ଷେତ୍ରରେ ୨୬- ୫୫ ବର୍ଷ ହେବା ବାଞ୍ଛନୀୟ। କିନ୍ତୁ ଏଠାରେ ଆଉ ଏକ ଆଇନଗତ ଜଟିଳତା, ଦ୍ୱନ୍ଦ୍ୱ ବା ବିବାଦ ଉଠିଛି। ଯେଉଁ ପୁରୁଷ ଓ ମହିଳାମାନେ ଏଆରଟି ଓ ସରୋଗେସୀ ଆଇନ ପାରିତ ହେବା ପୂର୍ବରୁ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁର ଭଣ୍ଡାରଣ କରି ରଖିଛନ୍ତି ତାହାକୁ ଭ୍ରୂଣରେ ପରିବର୍ତ୍ତନ କରିବା ବେଳେ ଆଇନ ଅନୁମୋଦିତ ବୟସ ସୀମା ଲାଗୁ ହେବ କି ନାହିଁ? ଏଭଳି ଏକ ବିବାଦର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ଡିଭିଜନ୍ ବେଞ୍ଚ ୨୦୨୫ ଅକ୍ଟୋବର ମାସରେ ଏକ ରାୟରେ କହିଥିଲେ ଯେ ଆଇନ ପ୍ରଣୟନ ପୂର୍ବରୁ ପିଛିଲା ଭାବେ ବୟସ କଟକଣା ଲାଗୁ ହୋଇପାରିବ ନାହିଁ। ପ୍ରଶ୍ନ ଓ ସମାଧାନ କେବଳ ଏତିକିରେ ସରିନାହିଁ। ଆଇନର ଗୋଟିଏ ଧାରାର ତର୍ଜମା ସହିତ ଅନ୍ୟ ଏକ ବିବାଦ ଓ ଦ୍ୱନ୍ଦ୍ୱ ଜନ୍ମ ନେଉଥିବାରୁ ଆଇନ କ୍ରମଶଃ ଜଟିଳ ହେଉଛି ଏବଂ ଏହାକୁ ଏବେ ସର୍ବୋଚ୍ଚ ନ୍ୟାୟାଳୟର ସମ୍ବିଧାନ ଖଣ୍ଡପୀଠକୁ ପଠାଇ ଦିଆଯାଇଛି।

ଏବେ ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ଥିବା କେତେକ ପ୍ରଶ୍ନ ଏହିପରି - ଆଇନ ପ୍ରଣୟନ ପୂର୍ବରୁ ବୟସ ସୀମା ନିର୍ବିଶେଷରେ ଡିମ୍ବାଣୁ ଓ ଶୁକ୍ରାଣୁ ଦାନ ଦ୍ୱାରା ପ୍ରୟୋଗଶାଳାରେ ଭ୍ରୂଣ ଗଠିତ ହୋଇସାରିଥିଲେ ଭ୍ରୂଣ ବିକାଶ ବେଳେ ଅଭିଭାବକଙ୍କ ପାଇଁ ଆଇନର ବୟସ ସର୍ତ୍ତ ଲାଗୁ ହେବ କି ନାହିଁ? ଗ୍ୟାମେଟ୍ସ(ପ୍ରଜନନକ୍ଷମ କୋଷ) ଦାତାଙ୍କ ମୃତ୍ୟୁ ପରେ ଭ୍ରୂଣକୁ ବିକଶିତ କରାଯାଇପାରିବ କି ନାହିଁ? ଏବଂ ଏହାର ଉତ୍ତରାଧିକାର କାହା ପାଖରେ ରହିବ? କାରଣ ଏଆରଟି ଆଇନରେ ଗେମେଟ୍ ବା ଭ୍ରୂଣର ଉତ୍ତରାଧିକାର ବା ନୋମିନି ବ୍ୟବସ୍ଥାକୁ ବାରଣ କରାଯାଇଛି। ଭଣ୍ଡାରଣ ହୋଇଥିବା ଶୁକ୍ରାଣୁ ଓ ଡିମ୍ବାଣୁ ବା ଭ୍ରୂଣକୁ ଅନ୍ୟକୁ ଦାନ କରାଯାଇପାରିବ କି ନାହିଁ? ଏକ ଦୀର୍ଘ ଭବିଷ୍ୟତ ପାଇଁ ଭ୍ରୂଣ ଭଣ୍ଡାରଣ ହୋଇସାରିବା ପରେ ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୁଏ, ତେବେ ଭ୍ରୂଣରୁ ଜନ୍ମ ନେବାକୁ ଥିବା ଶିଶୁର ଅଭିଭାବକ କିଏ ହେବ? ପୁଣି ଭଣ୍ଡାରଣ ହୋଇଥିବା ଭ୍ରୂଣର ବିକାଶ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯଦି କୌଣସି ପକ୍ଷ(ସ୍ୱାମୀ କିମ୍ବା ସ୍ତ୍ରୀ) ଚୁକ୍ତିନାମାରୁ ଓହରି ଯାଆନ୍ତି(ଆଇନରେ ଏଭଳି ବ୍ୟବସ୍ଥା ରହିଛି) ତେବେ ତାହାକୁ କୌଣସି ପ୍ରୟୋଗଶାଳାରେ ବିକାଶ କରାଯାଇପାରିବ କି ନାହିଁ? ସେ କ୍ଷେତ୍ରରେ ଭ୍ରୂଣର ଅଭିଭାବକତ୍ୱ କିଏ ନେବ? ଯଦି ଅଭିଭାବକ ସ୍ଥିର ନ ହୁଏ ତେବେ ଭ୍ରୂଣଟିକୁ ନଷ୍ଟ କରି ଦିଆଯିବ କି? ଯଦି ସେଭଳି ହୁଏ ତେବେ ଭ୍ରୂଣ ହତ୍ୟା ଅପରାଧଭୁକ୍ତ ହେବ ନାହିଁ କି? ଏଆରଟି ଆଇନ ଅନୁଯାୟୀ, ଭ୍ରୂଣ ବିକଶିତ ହୋଇ ଶିଶୁ ରୂପରେ ଜନ୍ମ ନ ନେବା ପର୍ଯ୍ୟନ୍ତ ଜଣେ ମହିଳା ମାତୃତ୍ୱର ଦାବି କରିପାରିବ ନାହିଁ। କିନ୍ତୁ ଯଦି ଭ୍ରୂଣ ବିକାଶ ହେବା ପୂର୍ବରୁ ଛାଡ଼ପତ୍ର ପରି ସମସ୍ୟା ଆସେ ତେବେ ବିବାହିତାଙ୍କୁ ମାତୃତ୍ୱ ଅଧିକାରରୁ ବଞ୍ଚିତ କଲା ଭଳି ହେବ ନାହିଁ କି?

ସମସ୍ୟା ଏତିକିରେ ସରି ନାହିଁ। ଯଦି କୌଣସି ମହିଳା ଭାରତରେ ଭ୍ରୂଣ ଭଣ୍ଡାରଣ ପରେ ବିଦେଶ ଚାଲିଯାଇଛନ୍ତି ଏବଂ ଦୀର୍ଘବର୍ଷ ପରେ(ଆଇନ ପାରିତ ହେବା ପରେ) ପୁଣି ଭାରତରେ ସରୋଗେସୀ ଜରିଆରେ ସନ୍ତାନ ଜନ୍ମ କରିବାକୁ ଚାହୁଁଛନ୍ତି ସେଭଳି କ୍ଷେତ୍ରରେ ଏଆରଟି ଆଇନ ସମ୍ପୃକ୍ତ ମହିଳାଙ୍କ ଅନୁମତି ଦେଉ ନାହିଁ। ସେହିଭଳି ଛାଡ଼ପତ୍ର ହୋଇସାରିଥିବା ବା ସ୍ୱାମୀ ପରିତ୍ୟକ୍ତ ଜଣେ ମହିଳାଙ୍କ କ୍ଷେତ୍ରରେ ସରୋଗେସୀ ବା ଏଆରଟି ଜରିଆରେ ସନ୍ତାନ ଲାଭ ପାଇଁ ଅନୁମତି ଥିବା ବେଳେ ଜଣେ ସ୍ତ୍ରୀ ପରିତ୍ୟକ୍ତା ବା ଛାଡ଼ପତ୍ର ହୋଇଥିବା ପୁରୁଷ ବଂଶରକ୍ଷା ପାଇଁ ସେ ଅଧିକାର ପାଇପାରିବେ ନାହିଁ। ଏଆରଟି ଆଇନ ଆଧାରିତ ବୟସ ସୀମା ମଧ୍ୟରେ ଏକାଧିକ ଗେମେଟ୍ ଦାନ ଓ ଗ୍ରହଣ ହୋଇସାରିଥିଲେ ମଧ୍ୟ ଯଦି ଗୋଟିକର ବିଫଳତା ପରେ ଅନ୍ୟଟିର ପ୍ରୟୋଗ ବେଳକୁ ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ବୟସ ସୀମା ଅତିକ୍ରାନ୍ତ ହୋଇସାରିଥିବ ତେବେ ଭ୍ରୂଣ ବିକାଶ ପାଇଁ ଆଇନ ଅନୁମତି ଦେଉନାହିଁ। ଯଦି ଏକ ଦମ୍ପତି ଏକାଧିକ ଭ୍ରୂଣ ଭଣ୍ଡାରଣ କରି ରଖିଥା'ନ୍ତି ଏବଂ ସେଥିମଧ୍ୟରୁ ଗୋଟିକର ପ୍ରତିରୋପଣରେ ସଫଳତା ମିଳେ ବା ଶିଶୁ ଜନ୍ମ ନିଏ ତେବେ ଅନ୍ୟଗୁଡ଼ିକୁ କ'ଣ କରାଯିବ ସେହି ପ୍ରଶ୍ନର ଉତ୍ତର ମଧ୍ୟ ଆଇନରେ ନାହିଁ। ●

## ପାଞ୍ଚଘଣ୍ଟା ବନାମ୍ ପାଞ୍ଚଶହ ଟଙ୍କା

ଡ. ନିରଞ୍ଜନ ସାହୁ

ଦିଅଁ କହୁଁ କହୁଁ ପ୍ରତି ଓଡ଼ିଆଙ୍କ ଆଖିଆଗରେ ନାଚିଯାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ସାଙ୍କେତିକ ରୂପ ଚକାଆଖି। ଭାବନା ଆରମ୍ଭ ହେଉଁ ହେଉଁ ଚକ୍ଷୁ ଲୋତକାପ୍ଳୁତ ହୁଏ। ଶହଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଉତ୍କଳୀୟମାନଙ୍କ ହୃଦୟରେ ରହିଆସିଛନ୍ତି ମହାପ୍ରଭୁ। ବଡ଼ଦେଉଳର ରତ୍ନ ସିଂହାସନରେ ବସିଥିବା କାଳିଆଠାକୁରଙ୍କୁ ଦର୍ଶନର ଅଭିଳାଷ କେଉଁ ହିନ୍ଦୁର ବା ନାହିଁ?

ମାତ୍ର କାଳିଆଠାକୁରଙ୍କୁ ରତ୍ନବେଦୀରେ ଦର୍ଶନ କରିବା କିଛି ବର୍ଷ ହେଲା ହୋଇପଡ଼ିଛି ଅତ୍ୟନ୍ତ କଷ୍ଟସାଧ୍ୟ। ବୟସ ବଢ଼ିଲେ ଦିଅଁଙ୍କ ଦର୍ଶନ କରିବାର ଆଗ୍ରହ ବହୁଗୁଣ ବର୍ଦ୍ଧିତ ହୁଏ। ମାତ୍ର ବର୍ଷୀଆନମାନଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ଦୁର୍ମୂଲ୍ୟ ଅନୁଭବ ପାଇବାର ସମ୍ଭାବନା ହୋଇଯାଇଛି ଶୂନ୍ୟର ପାଖାପାଖି। ଦର୍ଶନାର୍ଥୀଙ୍କ ଭିଡ଼କୁ ଶୃଙ୍ଖଳିତ କରିବା ପାଇଁ ଯେ ପ୍ରୟାସ କରାଯାଇନାହିଁ, ତାହା ନୁହେଁ। ମାତ୍ର ଫଳ ହୋଇଛି ନିତାନ୍ତ ନୈରାଶ୍ୟଜନକ। ଶ୍ରୀଜଗନ୍ନାଥ ଧାମରେ ଦର୍ଶନକୁ ଶୃଙ୍ଖଳିତ ଓ ସମନ୍ୱିତ କରିବା ପାଇଁ ହୋଇଥିବା ପ୍ରଚେଷ୍ଟା ଉପରେ ଅତୀତରେ ଆକ୍ରମଣ ହୋଇଛି ବାରମ୍ବାର। ସବୁ ସଂସ୍କାରକୁ ସାଧାରଣତଃ ବିରୋଧ କରାଯାଇଥାଏ। ଏହା ଏକ ସଚରାଚର ଦୃଶ୍ୟ। ପ୍ରାୟ ଶହେ ବର୍ଷ ତଳେ ଯେତେବେଳେ ପୁରୀକୁ ବିଜୁଳି ଆଲୁଅ ଆସିଲା ସେତେବେଳେ ମନ୍ଦିର ବେଢ଼ାକୁ ଆଲୋକିତ କରିବା ପରି ଏକ ପ୍ରସ୍ତାବକୁ ମନ୍ଦିର ସହିତ ସଂପୃକ୍ତ ପାରିଷଦ ଓ ସେବାୟତମାନେ ପ୍ରବଳ ବିରୋଧ କରିଥିଲେ। ବିଗତ ସରକାର ବଡ଼ ଦେଉଳ ସାମ୍ନା ଏବଂ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର ଓ ଉନ୍ମୁକ୍ତ ରଖିବାକୁ ଚେଷ୍ଟାକଲା ବେଳେ ମଧ୍ୟ ବହୁ ବିରୋଧର ସାମ୍ନା କରିଥିଲେ। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଫଳରେ ତାହା ସମ୍ଭବ ହୋଇଥିଲା। ଧାଡ଼ି ଦର୍ଶନକୁ ମନ୍ଦିରର ସେବାୟତମାନେ ବିରୋଧକରି କହିଥିଲେ ଆମ ବଡ଼ଠାକୁରଙ୍କର ଏକ ଦର୍ଶନ ହେଉଛି ସାହାଣମେଳା। ତାହା ଧାଡ଼ି ଦର୍ଶନର ଠିକ୍ ବିପରୀତ। ସାହାଣମେଳା ଅର୍ଥ ହେଲା ଭିଡ଼ ସଂସ୍କୃତି। ଅର୍ଥାତ୍ ସେଠାରେ ଯେକୌଣସି କାର୍ଯ୍ୟ ବି ସମ୍ଭବ। ଠେଲାପେଲା ହେଲେ ବୃଦ୍ଧ, ମହିଳା, ବାଳକ / ବାଳିକାଙ୍କର ଅବସ୍ଥା କ'ଣ ହୋଇପାରେ ଆପଣ ଚିନ୍ତା କରନ୍ତୁ। ଇଂରାଜୀରେ ଏହାର ସମାନ ଅର୍ଥବୋଧକ ହୋଇପାରେ ଫ୍ରି ଫର ଅଲ୍। ମାତ୍ର ଏକ ସଭ୍ୟ ଜଗତ ସବୁବେଳେ ଆଶା କରେ ଭକ୍ତମାନଙ୍କ ପାଇଁ ଏକ ଶୃଙ୍ଖଳିତ ଓ ନିରୁପଦ୍ରୁତ ଦର୍ଶନ। ବର୍ତ୍ତମାନ ଅବସ୍ଥାରେ ସେ ପରିଦର୍ଶନ କହିଲେ ବୋଧହୁଏ ଆପଣ ଓ ମୁଁ ସମସ୍ତେ ଭାବିବା ତାହା କେବଳ ଭି.ଆଇ.ପି. ଦର୍ଶନ।

ଏବେ ଯଦି ଆପଣ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ତା'ହେଲେ ହାରାହାରି ପାଞ୍ଚଘଣ୍ଟା ଲାଗିବ। ଗୁଗୁଲ ପଢ଼ି ଘଣ୍ଟେରୁ ଦୁଇଘଣ୍ଟାର ଅବଧି ଭିତରେ ହୋଇ ପାରୁଥିବା ଦର୍ଶନ କଥା ଭାବି ଧାଡ଼ିରେ ଠିଆ ହୋଇ ଆପଣ ଦୀର୍ଘଶ୍ୱାସ ଛାଡୁଥିବେ। ଧାଡ଼ିରେ ବି ଠେଲାପେଲାରୁ ନିସ୍ତାର ନାହିଁ। ମଝିରେ ମଝିରେ କୌଣସି ଅଜ୍ଞାତ କାରଣରୁ ଧାଡ଼ି ସ୍ଥିର ହୋଇ ରହିଯିବ। ଅନ୍ୟ ବିଶିଷ୍ଟ ମନ୍ଦିରରେ ଯେପରି ମଝିରେ ମଝିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣର ବ୍ୟବସ୍ଥା ଅଛି, ଏଠାରେ ତା'ର ଅବସ୍ଥିତି ନଗଣ୍ୟ। ଧାଡ଼ି ମଧ୍ୟ ଠାକୁରଙ୍କ ନିକଟପର୍ଯ୍ୟନ୍ତ ପରିବ୍ୟାପ୍ତ ନୁହେଁ। ଧାଡ଼ି ଯେଉଁଠି ଶେଷ ହୋଇଛି ସେଠାରୁ ମାତ୍ର କେଇ ପାହୁଣ୍ଡର ଦୂରତା ସାତପାହାଚକୁ। ମାତ୍ର ସେତିକି ଧୈର୍ଯ୍ୟ କାହାରି ନାହିଁ ଯେମିତି! କିଛିଲୋକ ସେଇ ଦୌଡ଼ ଓ ଠେଲାପେଲାରେ ନିତିଦିନ ଆହତ ହୁଅନ୍ତି। ଭି.ଆଇ.ପିଙ୍କ ଆଗରେ ବିନମ୍ର ଆଜ୍ଞାଧୀନ ପରି ଆଚରଣ କରୁଥିବା ସେବାୟତମାନେ ଆମମାନଙ୍କ ପରି ସାଧାରଣ ଦର୍ଶନାର୍ଥୀଙ୍କ ଉପରେ କିପରି ବ୍ୟବହାର କରନ୍ତି ଆମ ଭିତରୁ ପ୍ରାୟ ସମସ୍ତେ ଅନୁଭବୀ।

ଆପଣଙ୍କୁ ଲାଗୁଥିବ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଆସୁଥିବା ଭକ୍ତଙ୍କର ସଂଖ୍ୟା ଅତ୍ୟଧିକ ହେଉଥିବାରୁ ଯାହା ପ୍ରସ୍ତୁତି କଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ପ୍ରାପ୍ତ ତଥ୍ୟ ଅନୁସାରେ ପର୍ବପର୍ବାଣୀକୁ ଛାଡ଼ିଦେଲେ ଶ୍ରୀଗଜନ୍ନାଥ ଦର୍ଶନ ପାଇଁ ପ୍ରତିଦିନ ଅନ୍ତତଃ ପଚାଶହଜାର ଲୋକ ଯାଆନ୍ତି। ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ତିରୁପତି ବାଲାଜୀଙ୍କ ମନ୍ଦିରରେ ସେମିତି ସାଧାରଣ ଦିନରେ ଭକ୍ତଙ୍କ ସଂଖ୍ୟା ସତୁରୀହଜାରରୁ ଲକ୍ଷେ ଭିତରେ ଏବଂ ଗତବର୍ଷରୁ ଭକ୍ତଙ୍କ ପାଇଁ ଖୋଲିଥିବା ଶ୍ରୀରାମଜନ୍ମଭୂମି ଅଯୋଧାରେ ଦୈନିକ ଦର୍ଶନାର୍ଥୀ ସଂଖ୍ୟା ଲକ୍ଷେରୁ ଦେଢ଼ଲକ୍ଷ ଭିତରେ। ଯଦି ସେଠାରେ ଶୃଙ୍ଖଳିତ ଦର୍ଶନ ସମ୍ଭବ ହେଉଛି ପୁରୀ ମନ୍ଦିରରେ ତାହା ଅସମ୍ଭବ କାହିଁକି?

ପୁରୀ ମନ୍ଦିରରେ ସାଧାରଣ ଯାତ୍ରୀଟିଏ ଧାଡ଼ି ଦର୍ଶନରେ ଯାଇ ଫେରିବା ପରେ ତାଙ୍କର ଅନୁଭୂତି ବର୍ଣ୍ଣନା କଲେ ଆପଣ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବେ। ଆଉ ଏତିକି ବେଳେ ଆଉ ଜଣେ ନିଜର ବିରଳ ଦର୍ଶନର ଅନୁଭୂତି ବର୍ଣ୍ଣନା କରି ଆପଣଙ୍କୁ ପ୍ରଲୁବ୍ଧ କରିଦେବେ। ଅବିଶ୍ୱାସ ଲାଗୁଥିଲେ ବି ସତ ଯେ ଅନେକ ସେବାୟତ ବୋଲି ନିଜକୁ ପରିଚୟ ଦେଇ ପାଞ୍ଚଶହ ଟଙ୍କା ନେଇ ଯାତ୍ରୀଙ୍କୁ ସିଧା ନାଟମଣ୍ଡପରେ ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚାଇ ଦେଉଛନ୍ତି। ଏହା ଧାଡ଼ିଦର୍ଶନ କରି ଆପଣଙ୍କ ପରି ଆଜ୍ଞାବହଙ୍କ ପ୍ରତି କେଡ଼େ ବେଦନାଦାୟକ ତାହା ମନେ ପକାନ୍ତୁ। ଶ୍ରୀଜଗନ୍ନାଥ ମନ୍ଦିର କାହାରି ବ୍ୟକ୍ତିଗତ ସଂପତ୍ତି ନୁହେଁ, ଏହାର ପରିଚାଳନା ଦାୟିତ୍ୱ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁସାରେ ଓଡ଼ିଶା ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଉପରେ ନିର୍ଦ୍ଧାରିତ। ଯଦି ଦୈନିକ ଅନ୍ତତଃ ଚାଳିଶ ହଜାରରୁ ଅଧିକ ଲୋକ ଅଶାନ୍ତି ହୋଇ ଦର୍ଶନ ସାରି ଫେରୁଥିବେ ତା'ହେଲେ ତାହା ସରକାରକୁ କେତେ ଅସୁବିଧାରେ ପକାଇପାରେ ସେ ବିଷୟରେ ସରକାର କ'ଣ ସଚେତନ ନୁହନ୍ତି? ନା ତାଙ୍କଠାରେ ଦୃଢ଼ତାର ଘୋର ଅଭାବ!

ଦକ୍ଷିଣ ଭାରତରେ ଥିବା ବିଭିନ୍ନ ହିନ୍ଦୁ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବରେ ସେବା ଦିଅନ୍ତି ନାହିଁ। ସେମାନେ ମାସିକ ଦରମାରେ ଚାକିରି କରୁଥିବାରୁ ଚାକିରି ଚାଲିଯିବାର ଭୟର ବାଧ୍ୟବାଧକତା ସେମାନଙ୍କୁ ଅଧିକ ଦାୟିତ୍ୱବାନ ଓ ଶୃଙ୍ଖଳାସମ୍ପନ୍ନ କରାଏ। ପୁରୀ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବେ ନିୟୋଜିତ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ଅନୁସାରେ ମନ୍ଦିରରେ କାର୍ଯ୍ୟରତ ସେବାୟତଙ୍କ ସଂଖ୍ୟା ୨୧୩୦ ପ୍ରାୟ ଆଠଶହ ବର୍ଷତଳେ ଥିବା ଏହି ସଂଖ୍ୟା ଗତ ଶହଶହ ବର୍ଷ ଭିତରେ ବଢ଼ିବଢ଼ି ପଚାଶ ହଜାର ପାଖାପାଖି ପହଞ୍ଚିଲାଣି। ଦିନକୁ ମାତ୍ର ସତୁରୀ/ଅଶୀ ଜଣ ସେବାୟତଙ୍କୁ ସେବା କରିବାର ସୁଯୋଗ ମିଳେ। ତେଣୁ ମୂଳ ସେବାୟତ ବଂଶର ବହୁମୁଖୀ ବିଭାଜନ ଫଳରେ ସେମାନେ କାଁ ଭାଁ ସେବା କରିବାର ସୁଯୋଗ ପାଆନ୍ତି। ତେଣୁ ସେମାନଙ୍କ ଭିତରେ ଉଗ୍ରତା ପ୍ରକାଶ ପାଇବା ଏକ ମନସ୍ତାତ୍ତ୍ୱିକ ବାସ୍ତବତା। ଅନେକ ସାଧାରଣ ଲୋକଙ୍କ ବିଚାର ହେଲା ସେବାୟତମାନଙ୍କର ଏକାଧିକାର ବନ୍ଦ ନ ହେଲେ ମନ୍ଦିର ବ୍ୟାପାରକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ। ମାତ୍ର ଏକଥା ନିରାଟ ସତ ଯେ କୌଣସି ନିର୍ଦ୍ଦିଷ୍ଟ ସେବାୟତଙ୍କ ମନମୁଖି କାରବାର ପାଇଁ ରାଜ୍ୟସରକାର ନିନ୍ଦିତ ହୁଅନ୍ତି ଓ ଲଜ୍ଜିତ ହୁଅନ୍ତି। ମାତ୍ର କୌଣସି ମନସ୍ତାତ୍ତ୍ୱିକ କାରଣ ପାଇଁ ରାଜ୍ୟ ସରକାରମାନେ ସବୁବେଳେ ସେମାନଙ୍କ ପ୍ରତି କୋହଳ ମନୋଭାବ ଗ୍ରହଣ କରିଥା'ନ୍ତି। ଯାତ୍ରୀଙ୍କ ଅପମାନ ଓ ଉପେକ୍ଷା ତୁଳନାରେ ସେବାୟତଙ୍କ ଦୁର୍ଦ୍ଦଶା ତାଙ୍କୁ ବେଶୀ ଘାରେ।

ପାଞ୍ଚଶହ ଟଙ୍କା ନେଇ ବେଆଇନ ଭାବରେ ଦର୍ଶନ କରାଇଦେବା କଥା ଆଉ ଲୁଚାଛପା ଘଟଣା ହୋଇ ରହିନାହିଁ। ଏହା ଏକ ଅବିସମ୍ବାଦିତ ସତ୍ୟ। ତା'ଛଡ଼ା ବିଭିନ୍ନ ଗଣମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମରେ ଏହା ବାରମ୍ବାର ପ୍ରକାଶିତ ହୋଇଆସୁଛି। ମାତ୍ର ସରକାରଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ସଶକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ। ଯେଉଁମାନଙ୍କର ବୟସ ଅଧିକ ସେମାନଙ୍କ ପାଇଁ ଧାଡ଼ିରେ ଏତେ ସମୟ କଷ୍ଟ। ପୁଣି ଅନେକ ଅଛନ୍ତି ଯେଉଁମାନେ ପାଞ୍ଚଶହ ଟଙ୍କା ଦେବାକୁ ସକ୍ଷମ ନୁହନ୍ତି; ସେମାନେ ବହୁ ଦୂର ତାରଜାଲିରୁ ପତିତପାବନଙ୍କୁ ଦର୍ଶନ କରି ଆଖିର ଲୁହକୁ ସମର୍ପଣ କରି ମନସ୍ତାପରେ ଫେରନ୍ତି।

୨୦୧୮ ମସିହାରେ ମୃଣାଳିନୀ ପାଢ଼ୀ ବନାମ ଭାରତ ସରକାର ନାମକ ଏକ ପି.ଆଇ.ଏଲ୍ ଶୁଣାଣି କରି ପୁରୀ ମନ୍ଦିରର ଅବ୍ୟବସ୍ଥା, ଅନିୟମିତତା ଓ ତୀର୍ଥଯାତ୍ରୀଙ୍କୁ ଉତ୍ପୀଡ଼ନ ଉପରେ ମାନନୀୟ ସୁପ୍ରିମକୋର୍ଟ ଏକ ରିପୋର୍ଟ ତଲବ କରିଥିଲେ। ତତ୍କାଳୀନ ପୁରୀ ଜିଲ୍ଲାଜଜ୍ ପର୍ଯ୍ୟାୟକ୍ରମେ ପୁରୁଷାନୁକ୍ରମିକ ସେବାପୂଜାକୁ ଲୋପ କରିବାକୁ ସୁପାରିସ କରିଥିଲେ। ମାତ୍ର ମାନ୍ୟବର ସୁପ୍ରିମକୋର୍ଟ କିଛି ଦୂରଦର୍ଶୀ ସଂସ୍କାରମୂଳକ କାର୍ଯ୍ୟକ୍ରମ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଦାୟିତ୍ୱ ଦେଇ ନିଜ ଦାୟିତ୍ୱ ସମାପ୍ତ କରି ଦେଇଛନ୍ତି। କେବେ ଓଡ଼ିଶା ସରକାର ତାଙ୍କ ଦାୟିତ୍ୱ ତୁଲେଇବେ, ତା'ଉପରେ ସମସ୍ତଙ୍କ ନଜର। କେବଳ ଆଶ୍ୱାସନା ଦେଇ ସରକାର କେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ ଅଟକାଇ ପାରିବେ? ●

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ସଙ୍କଟ

ତପନ ସାହୁ

ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବା ପରେ ଦେଶରେ ଶିକ୍ଷାର ପରିସର ଅନେକ ବିସ୍ତାରିତ ହୋଇଛି। ତଥାପି ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ନିରନ୍ତରତାର ଅଭାବ ଶିକ୍ଷାର ମୌଳିକ ଢାଞ୍ଚାକୁ ଦୁର୍ବଳ କରିଚାଲିଛି। ଏହି ସମସ୍ୟା ନୀତି ନିର୍ଦ୍ଧାରକ ଓ ଶିକ୍ଷା ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ତରଫରୁ ଦୀର୍ଘମିଆଦୀ ଓ ତତ୍କାଳ ଧ୍ୟାନ ଦାବି କରୁଛି। ଭାରତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ତରରେ ଖଣ୍ଡିତ ଥିବାରୁ ଶିକ୍ଷା ପ୍ରଦାନର ଗୁଣବତ୍ତା ଓ କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି।

ନିତି ଆୟୋଗଙ୍କ 'ଭାରତରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା: ଗୁଣବତ୍ତା ବୃଦ୍ଧି ପାଇଁ ସାମୟିକ ବିଶ୍ଳେଷଣ ଏବଂ ନୀତି ମାର୍ଗଦର୍ଶିକା' ରିପୋର୍ଟ ଅନୁସାରେ, ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ଅସଙ୍ଗତିକୁ ବୁଝିବା ପାଇଁ ପାଞ୍ଚଟି ପ୍ରମୁଖ ଦିଗ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ(ୟୁଡାଇଜ୍ ପ୍ଲସ୍) ୨୦୨୪୨୫ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭.୩ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ମାତ୍ର ୧.୪ ଲକ୍ଷ। ଏହି ବିଶାଳ ଅସମାନତା ଶିକ୍ଷାର ପ୍ରାରମ୍ଭିକ ଓ ଉଚ୍ଚ ସ୍ତର ମଧ୍ୟରେ ଥିବା ବ୍ୟବଧାନକୁ ପ୍ରକାଶ କରେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରର ପୃଥକ ପୃଥକ ବିଦ୍ୟାଳୟ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ୫, ୮ ଓ ୧୦ ପରେ ବିଦ୍ୟାଳୟ ପରିବର୍ତ୍ତନ ପାଇଁ ବାଧ୍ୟ କରେ, ଯାହା ଅନେକ ସମୟରେ ଶିକ୍ଷା ଛାଡ଼ିବାର କାରଣ ହୋଇଥାଏ। ଚିନ୍ତାର ବିଷୟ ହେଉଛି, ଦେଶର କେବଳ ପ୍ରାୟ ୫ ପ୍ରତିଶତ ବିଦ୍ୟାଳୟ ଶ୍ରେଣୀ ୧ରୁ ୧୨ ପର୍ଯ୍ୟନ୍ତ ନିରନ୍ତର ଶିକ୍ଷାର ସୁବିଧା ପ୍ରଦାନ କରେ।

ଦ୍ୱିତୀୟତଃ, ଭାରତର ବହୁସଂଖ୍ୟକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅତ୍ୟନ୍ତ କମ୍। ଏକ-ତୃତୀୟାଂଶରୁ ଅଧିକ ବିଦ୍ୟାଳୟରେ ୫୦ରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି। ପ୍ରାୟ ୫.୧ ପ୍ରତିଶତ ବିଦ୍ୟାଳୟରେ ୧୦ରୁ କମ୍ ଏବଂ ୮ ପ୍ରତିଶତ ବିଦ୍ୟାଳୟରେ ୧୧ରୁ ୨୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏପରି କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକୁ ପରିଚାଳନା କରିବା ଅର୍ଥନୈତିକ ଭାବେ ଅକାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଭାବେ କଠିନ ହୋଇପଡ଼େ। ତୃତୀୟତଃ, ଶିକ୍ଷକ ଅଭାବ ଆଜି ମଧ୍ୟ ଏକ ଗମ୍ଭୀର ସମସ୍ୟା। ୟୁଡାଇଜ୍ ପ୍ଲସ୍‌ର ୨୦୨୪-୨୫ ତଥ୍ୟ ଅନୁସାରେ, ଦେଶର ୧ଲକ୍ଷରୁ ଅଧିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ସମୁଦାୟ ବିଦ୍ୟାଳୟର ୭ ପ୍ରତିଶତରୁ ଅଧିକ। ଏପରି ପରିସ୍ଥିତିରେ ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀକୁ ପଢ଼ାଇବା, ପ୍ରଶାସନିକ କାର୍ଯ୍ୟ ସମ୍ଭାଳିବା, ଅଭିଭାବକଙ୍କ ସହ ଯୋଗାଯୋଗ କରିବା ଓ ମଧ୍ୟାହ୍ନ ଭୋଜନ ଯୋଜନାର ତଦାରଖ କରିବାକୁ ପଡ଼େ। ଫଳରେ ଗୁଣାତ୍ମକ ଶିକ୍ଷାଦାନ ପ୍ରାୟ ଅସମ୍ଭବ ହୋଇପଡ଼େ।

ଚତୁର୍ଥତଃ, ଶୂନ୍ୟ-ନାମଲେଖା ବିଦ୍ୟାଳୟର ସଂଖ୍ୟା ମଧ୍ୟ ସଂସ୍ଥାଗତ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଛି। ଦେଶରେ ପ୍ରାୟ ୭, ୯୯୩ଟି ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏହାର ସଂଖ୍ୟା ପଶ୍ଚିମବଙ୍ଗ ଓ ତେଲଙ୍ଗାନା ପରି ରାଜ୍ୟରେ ଅଧିକ। ଓଡ଼ିଶାର ସ୍ଥିତି ତୁଳନାତ୍ମକ ଭାବେ ଭଲ ଥିଲେ ମଧ୍ୟ ରାଜ୍ୟରେ ଏବେ ମଧ୍ୟ ୩ଟି ଶୂନ୍ୟ-ନାମଲେଖା ବିଦ୍ୟାଳୟ, ୧, ୦୮୯ଟି ଏକକ-ଶିକ୍ଷକ ବିଦ୍ୟାଳୟ ଏବଂ ପ୍ରାୟ ୪୭, ୯୪୦ ଛାତ୍ରଛାତ୍ରୀ ଏପରି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପଞ୍ଚମତଃ, ଅସମାନ ନାମଲେଖା ଓ ସମ୍ବଳ ବଣ୍ଟନର ବିଷମତା ଶିକ୍ଷାର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରୁଛି। ଅନେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ମଧ୍ୟ ରହିଛି। ଫଳରେ ଶିକ୍ଷକମାନେ ଏକକ କକ୍ଷରେ ବହୁ-ଶ୍ରେଣୀ ଶିକ୍ଷାଦାନ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଅଧିକାଂଶ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ-ଶ୍ରେଣୀ ଶିକ୍ଷାଦାନ ପ୍ରଣାଳୀ ଉପରେ ପର୍ଯ୍ୟାପ୍ତ ଗୁରୁତ୍ୱ ଦିଆଯାଏ ନାହିଁ। ଏହାର ପରିଣାମ ସ୍ୱରୂପ ଶିକ୍ଷାର ଫଳାଫଳ ଅସମାନ ରହିଯାଏ।

ଏହି ସମସ୍ୟାଗୁଡ଼ିକର ସମାଧାନ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଛାଡ଼ିବା ହାର କମାଇବା ପାଇଁ ଗଠନମୂଳକ ସଂସ୍କାର ଅତ୍ୟାବଶ୍ୟକ। ସମନ୍ୱିତ ବିଦ୍ୟାଳୟ(କମ୍ପୋଜିଟ୍ ସ୍କୁଲ୍) ଏବଂ ପ୍ରମାଣ-ଆଧାରିତ ବିଦ୍ୟାଳୟ ପୁନର୍ଗଠନ ଏହାର ମୁଖ୍ୟ ଉପାୟ ହୋଇପାରେ। ପିରାମିଡ୍ ଆକୃତିର ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତେ ଏକ ସିଲିଣ୍ଡର ଆକୃତିର ବ୍ୟବସ୍ଥା ଗଢ଼ି ଉଠିଲେ ଛାତ୍ରଛାତ୍ରୀମାନେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଏକ ସମନ୍ୱିତ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ଏହି ପୁନର୍ଗଠନ ଜାତୀୟ ଶିକ୍ଷାନୀତି ୨୦୨୦ର ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ସହିତ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷା ସମ୍ବଳର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିପାରିବ। ସେହିପରି, ଶିକ୍ଷାନୀତି୨୦୨୦ର ଧାରା ୭.୬ରେ ପ୍ରସ୍ତାବିତ ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ମଡେଲରେ ଏକ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଏହାର ଚାରିପାଖରେ ୫ରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅନ୍ୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏହା ସହ ଯୋଡ଼ିତ ହେବେ।

ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥା ଶିକ୍ଷାଗତ ନିରନ୍ତରତା, ସମାନ ସମ୍ବଳ ବଣ୍ଟନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିପାରିବ। ଏହାଦ୍ୱାରା ବିଷୟଭିତ୍ତିକ ଶିକ୍ଷକ, ବିଜ୍ଞାନ ଓ ଆଇସିଟି ପରୀକ୍ଷାଗାର, ପୁସ୍ତକାଳୟ, କ୍ରୀଡ଼ା ସୁବିଧା ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତମ ବ୍ୟବହାର ସମ୍ଭବ ହେବ। ଏହା ସହିତ ଶିକ୍ଷକମାନଙ୍କ ମଧ୍ୟରେ ପରସ୍ପର ଶିକ୍ଷା, ସହଯୋଗମୂଳକ ବୃତ୍ତିଗତ ବିକାଶ ଏବଂ ଅଧିକ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥା ଗଢ଼ିଉଠିବ। ବିଶେଷକରି ଗ୍ରାମାଞ୍ଚଳ, ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ଏହି ମଡେଲ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଏହି ଆଲୋଚନା ଭାରତର ଶିକ୍ଷା ବ୍ୟବସ୍ଥାର ଅନେକ ସମସ୍ୟା ମଧ୍ୟରୁ କେବଳ ଗୋଟିଏ ଦିଗକୁ ଉପସ୍ଥାପନ କରିଛି। ଗଠନମୂଳକ ଖଣ୍ଡୀକରଣ ବ୍ୟତୀତ ଅନେକ ଶିକ୍ଷାଗତ, ପ୍ରଶାସନିକ ଓ ସାମାଜିକ-ଆର୍ଥିକ ବାଧା ମଧ୍ୟ ଶିକ୍ଷାର ସାମଗ୍ରିକ ଉନ୍ନତିକୁ ପ୍ରଭାବିତ କରୁଛି। ତେଣୁ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ସମୟରେ ଏହି ସମସ୍ତ ଦିଗକୁ ବିଚାର କରିବା ଅତ୍ୟାବଶ୍ୟକ, ଯାହା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ ଏବଂ ଦେଶବ୍ୟାପୀ ଶିକ୍ଷାର ଫଳାଫଳର ଉନ୍ନତି ସୁନିଶ୍ଚିତ ହୋଇପାରିବ। ●

(ଅଧ୍ୟାପକ, ଲକ୍ଷ୍ମୀନାରାୟଣ କଲେଜ)
ଝାରସୁଗୁଡ଼ା, ମୋ: ୮୨୪୯୪୦୩୩୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତୀୟ ପରମ୍ପରାର କ୍ଷେତ୍ର ବିସ୍ତାର ନୀତିକୁ ଅଶୋକ ସ୍ପଷ୍ଟ ଭାବରେ ପରିତ୍ୟାଗ କରିଥିବାରୁ ଏହା ଆଶ୍ଚର୍ଯ୍ୟ ଲାଗିପାରେ ଯେ ସେ କାହିଁକି କଳିଙ୍ଗକୁ ତା'ର ପୂର୍ବ ସ୍ୱାଧୀନତା ଫେରାଇ ଦେଇ ନ ଥିଲେ, ଅର୍ଥାତ୍ କଳିଙ୍ଗକୁ ସ୍ୱତନ୍ତ୍ର କରି ନ ଥିଲେ। ଏଠାରେ ଦର୍ଶାଇବାକୁ ହେବ ଯେହେତୁ ଅଶୋକ ଯୁଦ୍ଧ ନୀତି ପରିତ୍ୟାଗ କରିଥିଲେ, ତେଣୁ କଳିଙ୍ଗକୁ ପୁଣି ସ୍ୱାଧୀନ କରିଦେବା ଉଚିତ ଥିଲା, କିନ୍ତୁ ସେ ତାହା କଲେନାହିଁ। କିନ୍ତୁ ଏଭଳି ଅନେକ ସଙ୍କେତ ତଥା ପ୍ରମାଣ ରହିଛି ଯେ ନିଜର ନୂତନନୀତି (ଧର୍ମନୀତି/ଅହିଂସା) ସତ୍ତ୍ୱେ ଅଶୋକ ନିଜର ସାମ୍ରାଜ୍ୟବାଦୀ ଅଭିଳାଷ ଛାଡ଼ି ନଥିଲେ ଏବଂ ନୂତନ ନୀତି ଗ୍ରହଣ କରିବା ପୂର୍ବରୁ ହିଁ କଳିଙ୍ଗ ଯୁଦ୍ଧ ଜୟ କରାଯାଇ ସାରିଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ସେଠାରେ ସାଧାରଣ ଶିଳାଲେଖ (ଯେଉଁଥିରେ ସେ କଳିଙ୍ଗବାସୀଙ୍କୁ ନିଜର ପ୍ରଜା ବୋଲି କହିଥିଲେ) ଖୋଦେଇ କରିଥିଲେ। ଏହାର ମୁଖ୍ୟ କାରଣ ଥିଲା ଯୁଦ୍ଧରେ ପରାଜିତ ଓ ବିଦ୍ରୋହୀ କଳିଙ୍ଗବାସୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ତଥା ସେମାନଙ୍କ ବିଶ୍ୱାସ ଜିତିବା ଏବଂ ମୌର୍ଯ୍ୟ ସାମ୍ରାଜ୍ୟ ସହ ସେମାନଙ୍କୁ ସାମିଲ କରି ସୁଦୃଢ଼ ଶାସନ ପ୍ରତିଷ୍ଠା କରିବା।

ଏହି ଆଲୋଚନା ଉଦ୍ଦେଶ୍ୟରେ ଆମକୁ ଅଶୋକଙ୍କର ସମସ୍ତ ଶିଳାଲେଖକୁ ତିନିଗୋଟି ଭାଗରେ ବିଚାର କରିବାକୁ ହେବ। (୧) ଯେଉଁ ଶିଳାଲେଖସବୁ ସମଗ୍ର ସାମ୍ରାଜ୍ୟରେ ପ୍ରକାଶିତ ହୋଇଥିଲା, ଏପରିକି କଳିଙ୍ଗରେ ମଧ୍ୟ ଏବଂ ସେଗୁଡ଼ିକ ହେଲା ପ୍ରଥମରୁ ଦଶମ ଓ ଚତୁର୍ଦ୍ଦଶ; (୨) ଯେଉଁଗୁଡ଼ିକ କଳିଙ୍ଗରେ ପ୍ରକାଶିତ ହୋଇ ନ ଥିଲା ଲବଯ ତାହା ହେଲା ଏକାଦଶରୁ ତ୍ରୟୋଦଶ। (୩) ଯେଉଁଗୁଡ଼ିକ କଳିଙ୍ଗରେ ମିଳିଥିଲା, ସେଗୁଡ଼ିକ ହେଉଛି ଦୁଇଟିଯାକ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ। କ୍ଷୁଦ୍ର ଶିଳଲେଖ ପର୍ଯ୍ୟାୟ ଅଥବା ସ୍ତମ୍ଭ ଶିଳାଲେଖ ପର୍ଯ୍ୟାୟର କୌଣସି ସଂସ୍କରଣ ଓଡ଼ିଶା ଅଞ୍ଚଳରେ ମିଳିନାହିଁ। କିନ୍ତୁ ଏଗୁଡ଼ିକର ବଣ୍ଟନ ଅତ୍ୟନ୍ତ ଅନିୟମିତ ହୋଇଥିବାରୁ ଓଡ଼ିଶାରେ ଏହାର ଅନୁପସ୍ଥିତି ଐତିହାସିକ ଦୃଷ୍ଟିକୋଣରୁ ସମ୍ଭବତଃ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମାତ୍ର ଭୁବନେଶ୍ୱରରେ ଏକଦା ଅଶୋକସ୍ତମ୍ଭ ଥିବାର ଜଣାଯାଇଛି।

ସାମ୍ରାଜ୍ୟ ବ୍ୟାପୀ ପ୍ରକାଶିତ ଶିଳାଲେଖ: ନଂ ୧ - ପଶୁବଳି ଏବଂ ଅଶୋକଙ୍କ ଦ୍ୱାରା ଅନୁମୋଦିତ ନଥିବା ସାମାଜିକ ସମାବେଶକୁ ନିଷେଧ। ଏହି ରାଜ ନିୟମର ବ୍ୟବସ୍ଥାଗୁଡ଼ିକ ସମ୍ଭବତଃ କେବଳ ରାଜଧାନୀରେ ଲାଗୁ ହୋଇଥିଲା। ଏହି ଅନୁଶାସନରେ ମଧ୍ୟ ରାଜପ୍ରାସାଦରେ ମାଂସଭୋଜନ ପ୍ରାୟତଃ ଉଚ୍ଛେଦ କରାଯାଇଥିଲା। ନଂ ୨ - ସାମ୍ରାଜ୍ୟ ଭିତରେ ତଥା ସାମ୍ରାଜ୍ୟର ସୀମା ବାହାରେ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଚିକିତ୍ସା ସୁବିଧା ପ୍ରଦାନ। ନଂ ୩ - ଅଧିକାରୀମାନଙ୍କୁ ସେମାନଙ୍କ ଅଞ୍ଚଳ ମଧ୍ୟରେ ଚାରିଆଡ଼େ ଅନ୍ୟୂନ ପ୍ରତି ପାଞ୍ଚବର୍ଷରେ ଥରେ ଗସ୍ତ କରିବା ନିମନ୍ତେ ନିର୍ଦ୍ଦେଶ। ନଂ ୪ - ଧର୍ମର ପ୍ରସାର ତଥା ଅଗ୍ରଗତିର ବିବରଣୀ। ନଂ ୫ - ସମସ୍ତ ସାମ୍ରାଜ୍ୟରେ ଧର୍ମ ଅଧିକାରୀ (ଧର୍ମ ମହାମାତ୍ର)ମାନଙ୍କ ନିଯୁକ୍ତି। ନଂ ୬ - ଜନସାଧାରଣଙ୍କ କାର୍ଯ୍ୟ ଅଥବା ରାଜକାର୍ଯ୍ୟ ସଠିକ୍ ଭାବେ ତୁଲାଇବା ନିମନ୍ତେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଯେଉଁ ସମୟରେ ମଧ୍ୟ ତାଙ୍କୁ ସୂଚନା ଦିଆଯିବ। ଶିଳାଲେଖଟି ଏକ ଭାବପୂର୍ଣ୍ଣ ଅନୁଚ୍ଛେଦ ସହିତ ଶେଷ ହୋଇଛି, ଯେଉଁଥିରେ ଅଶୋକ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ତାଙ୍କର ଚିନ୍ତା ବ୍ୟକ୍ତ କରିଛନ୍ତି। ନଂ ୭ - ସାଂପ୍ରଦାୟିକ ଗୋଷ୍ଠୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ ପାଇଁ ଏକ ସଂକ୍ଷିପ୍ତ ଆହ୍ୱାନ। ନଂ ୮ - ଅଶୋକ ଶିକାର ଓ ଆମୋଦପ୍ରମୋଦ ଜନିତ ଭ୍ରମଣ ତ୍ୟାଗ କରିବା ଏବଂ ସେଗୁଡ଼ିକ ସ୍ଥାନରେ ଧର୍ମ ଯାତ୍ରା (ଧର୍ମ ପ୍ରଚାର ଓ ଲୋକ କଲ୍ୟାଣକାରୀ ଭ୍ରମଣ) ପ୍ରଚଳନ। ନଂ ୯ - ଅଶୋକ ନିରର୍ଥକ ଧର୍ମାନୁଷ୍ଠାନ ତଥା ରୀତିନୀତି ପାଳନକୁ ବନ୍ଦ କରିବା ନିମନ୍ତେ ତାଙ୍କ ପ୍ରଜାମାନଙ୍କୁ ପରାମର୍ଶ ଦେବା ସହ ସେଗୁଡ଼ିକୁ ପରିତ୍ୟାଗ କରି ତା' ବଦଳରେ 'ଧମ୍ମ'ର (ଧର୍ମ) ରୀତିନୀତି ଅର୍ଥାତ୍ ସଦାଚାର ଓ ଭଦ୍ର ଆଚରଣ ପାଳନ କରିବା ନିମନ୍ତେ ଆହ୍ୱାନ କରିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେମୁଣା ବ୍ୟବସାୟୀଙ୍କ ହତ୍ୟା ଘଟଣା

# ବାଲେଶ୍ୱର ଗସ୍ତ ପାଇଁ ଟିମ୍ ଗଢ଼ିଲା ବିଜେଡି

**ତଥ୍ୟାନୁଧ୍ୟାନ କରି ନବୀନଙ୍କୁ ଦିଆଯିବ ରିପୋର୍ଟ**

ଭୁବନେଶ୍ୱର,୨୬।୬(ସମିସ): ରେମୁଣାର ବ୍ୟବସାୟୀ ଏସକେ ହମିଦଙ୍କ ହତ୍ୟାକାଣ୍ଡକୁ ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଗତ ୨୫ ଜୁନ୍‌ରେ ବାଲେଶ୍ୱର ସହରରେ କିଛି ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ଏହି ହତ୍ୟା ଘଟିଥିଲା। ଏହି ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗମ୍ଭୀର ପ୍ରଶ୍ନ ଉଠାଇଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ଅନୁଧ୍ୟାନ ପାଇଁ ଏକ ଟିମ୍ ଗଠନ ହୋଇଛି। ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଏହି ଟିମ୍ ଉକ୍ତ ସ୍ଥାନକୁ ଗସ୍ତ କରିବ। ଟିମ୍ ଘଟଣାସ୍ଥଳ ପରିଦର୍ଶନ ସହ ବାଲେଶ୍ୱର ବଜାର କମିଟି, ସ୍ଥାନୀୟ ବ୍ୟବସାୟୀ, ମୃତକଙ୍କ ପରିବାର ଓ ଅନ୍ୟାନ୍ୟ ଲୋକମାନଙ୍କ ସହ ଆଲୋଚନା କରିବ। ପରେ ପୁଲିସ୍ ପ୍ରଶାସନକୁ ଭେଟି ନିରପେକ୍ଷ, ନ୍ୟାୟସଂଗତ ଓ ସମୟସୀମା ଭିତରେ ତଦନ୍ତ କରିବାକୁ ଅନୁରୋଧ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଟିମ୍ ତଦନ୍ତ ପରେ ଏକ ବିସ୍ତୃତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଏହି ଟିମ୍‌ରେ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ତଥା ଲେଖଶ୍ରୀ ସାମନ୍ତସିଂହାର, ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ରହିଛନ୍ତି।

### ଏସ୍ଆଇଆର୍ କାମ ଅଟକାଇ ପାରିଲାନି ବଜ୍ରପାତ

# ଆହତ ହେବା ପରେ ବି ୧୦୦% କାମ ଶେଷ କଲେ ପ୍ରମିଳା ଓଝା

ଭୁବନେଶ୍ୱର,୨୬।୬(ସମିସ): କର୍ତ୍ତବ୍ୟ ପ୍ରତି ଅନନ୍ୟ ନିଷ୍ଠା ଓ ଦାୟିତ୍ୱବୋଧର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୧୮୬ର ବୁଥ ସ୍ତରୀୟ ଅଧିକାରୀ (ବିଏଲ୍ଓ) ପ୍ରମିଳା ଓଝା। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟ ସମୟରେ ସେ ନିଜର ଦେଶଭକ୍ତି ଓ ସେବା ମନୋଭାବର ପରିଚୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ୍) ସମୟରେ ହଠାତ ତାଙ୍କ ଉପରେ ଏକ ଭୟଙ୍କର ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ ପ୍ରମିଳା ଓଝା ଏବଂ ତାଙ୍କ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଏଥିସହିତ ତାଙ୍କର ମୋବାଇଲ ଫୋନ୍ଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏଭଳି ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ ମେଡିକାଲରୁ ସୁସ୍ଥ ହୋଇ ଫେରିବା ମାତ୍ରେ ନିଜ ଶରୀରର କଷ୍ଟକୁ ଭୁଲି ପୁଣି କାମରେ ଲାଗିପଡ଼ିଥିଲେ। ସେ ନିଜ ଦାୟିତ୍ୱରେ ଥିବା ସମସ୍ତ ପରିଗଣନା ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ସମୟ ଅବଧି ପୂର୍ବରୁ ଶେଷ କରିଛନ୍ତି। ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜିକରଣ ଅଧିକାରୀ ଅରୁଣ କୁମାର ନାୟକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା କରିବା ସହିତ ସହାୟତା ଓ ପ୍ରୋତ୍ସାହନ ସ୍ୱରୂପ ଏକ ନୂଆ ମୋବାଇଲ୍ ଫୋନ୍ ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରମିଳା ଓଝାଙ୍କର ଏହି ନିଷ୍ଠା ଆଜିର ସମାଜରେ ଜନସେବାର ପ୍ରକୃତ ମନୋଭାବ ବା ଆଦର୍ଶକୁ ପ୍ରତିଫଳିତ କରୁଛି, ଯାହା ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ବଜ୍ରପାତରେ ଶ୍ରମିକ ମୃତ, ଯୁବତୀ ଆହତ

ଅମ୍ବାଭୋନା,୨୬।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଶୁକ୍ରବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମହିଳା ଆହତ ହୋଇଛନ୍ତି। ମୃତକ ହେଲେ ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ମହମ୍ମଦ ଅନ୍ସାର (୩୫)। ଅମ୍ବାଭୋନା ବ୍ଲକ ଲଖନପୁର ଗ୍ରାମରେ ରହି ମହମ୍ମଦ ରାଜମିସ୍ତ୍ରୀ ଓ ଟାଇଲ୍ କାମ କରୁଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗାଁରେ କାମ କରୁଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କର୍ଲା ପଞ୍ଚାୟତ କର୍ଲା ଗାଁର ସୌଦାମିନୀ ଭୁଏ(୨୪) ମଧ୍ୟ ବଜ୍ରପାତରେ ଗୁରୁତର ହୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

**AFFIDAVIT**

I Rama Chandra sahoo,S/o-late Bhika Sahoo Resident at satya nagar semiliguda,ps-Semiliguda, Dist-Koraput,Pin-764036,Odisha declare by this affidavit no-358on date-22/06/2026 that onwards I shall be known as **Rama Chandra Sahu** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Rourkela , dated 24-06-2026 I, **Binual Lamga**, resident of House, Road, Dongabandh VTC: Dalki, PO: Dalki Sub District: Raiboga District Sundergarh, Odisha Pin Code: 770033 declare that I have changed my name from **Binu Lomga** to **Binual Lamga.** Henceforth, I shall be known as **Binual Lamga** for all purposes.

**Binual Lamga**

**AFFIDAVIT**

By virtue of an affidavit (SI No. 226, dtd- 19/06/2026) sworn before the Executive Magistrate, Khariar, Nuapada. I, **Debarchan Mallik** (new name), S/o Gouranga Mallik, resident of Village: Badamula, PO: Bhuliasikuan, PS: Khariar, Dist: Nuapada, Odisha declare that I have changed my name from **Babulu Jhakar** (old name) to **Debarchan Mallik** (new name). Henceforth, I shall be known as **Debarchan Mallik** (new name) for all purpose.

**Debarchan Mallik**

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no. 438 dated 23.06.2026, I Govinda Seth, S/o-Radhacharan Seth resident of At/Po.- T. Gandapali, Ps.- Bijepur, Dist.- Bargarh, PIN- 768032, Odisha state that, I have changed the name of my minor daughter from **Pragnyashree Seth** to **Smruti Swarupa Seth**. Henceforth she will be known as **Smruti Swarupa Seth** for all future purposes.

Sd/- Govinda Seth

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିଇଆର୍‌ଟିର ୪...

କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ସୁପାରିସ ମଧ୍ୟରେ ଏସସିଇଆରଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରିବାକୁ କୁହାଯାଇଛି। ଅର୍ଥାତ୍ କଣ ତ୍ରୁଟି ରହିଛି ଏବଂ ତାହା ପ୍ରକୃତରେ କଣ ହେବ, ତାହାର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ ହେବ। ସେହିପରି ଗୁରୁତର ତ୍ରୁଟି ଥିବା ପୃଷ୍ଠାଗୁଡ଼ିକ ପାଇଁ ପୁନଃମୁଦ୍ରିତ ପୃଷ୍ଠା କିମ୍ବା ପରିବର୍ତ୍ତିତ ଇନସର୍ଟ ଯୋଗାଇ ଦେବା, ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଦ୍ରିତ ସଂଶୋଧନ ପତ୍ର ବଣ୍ଟନ କରିବା, ସଂଶୋଧିତ ପିଡିଏଫ୍ ସଂସ୍କରଣକୁ ସରକାରୀ ଶିକ୍ଷାଦାନ ପାଇଁ ଅଧିକୃତ ସଂସ୍କରଣ ଭାବେ ଘୋଷଣା କରିବା, ଶିକ୍ଷକମାନଙ୍କ ପାଇଁ ସଂଶୋଧନ ସମ୍ବନ୍ଧୀୟ ତୁରନ୍ତ ଅଭିମୁଖୀକରଣ ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ସେହିପରି ପୁସ୍ତକର ପ୍ରତ୍ୟେକ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ଡିଟିପି ଏଜେନ୍ସି, ମୁଦ୍ରକ ଏବଂ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ କରି ଆବଶ୍ୟକ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଅର୍ଥାତ୍ ଆଗକୁ କାର୍ଯ୍ୟାନୁଷ୍ଠାନ ତାଲିକା ଆହୁରି ଲମ୍ବିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏସସିଇଆରଟି ପାଠ୍ୟପୁସ୍ତକ ପାଇଁ ଗୁଣବତ୍ତା ନିଶ୍ଚିତକରଣ ସେଲ୍ ଗଠନ କରିବା, ଏନ୍‌ସିଇଆରଟି ଢାଞ୍ଚାରେ ବିଷୟଭିତ୍ତିକ ପାଠ୍ୟକ୍ରମକୁ ବିକାଶ କରିବା ପାଇଁ କମିଟି ଗଠନ କରିବା, ପୁସ୍ତକ ମୁଦ୍ରଣ ପୂର୍ବରୁ ତ୍ରୁଟିଶୂନ୍ୟ ବୋଲି ନିଶ୍ଚିତ କରିବାକୁ ଚାରି-ସ୍ତରୀୟ ପ୍ରୁଫ୍ ଯାଞ୍ଚ ବ୍ୟବସ୍ଥା ଏବଂ ପିଡିଏଫ୍ ପ୍ରଣାଳୀ ପ୍ରଚଳନ କରିବା, ସାର୍ବଜନୀନ ଏରାଟା ପୋର୍ଟାଲ୍ କରିବା, ପ୍ରିଣ୍ଟର ଓ ଡିଟିପି କରୁଥିବା ବ୍ୟକ୍ତି ବା ସଂସ୍ଥାଙ୍କ ପାଇଁ ଜରିମାନା, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ଏବଂ କାର୍ଯ୍ୟରେ ଅବହେଳା କଲେ ବ୍ଲାକଲିଷ୍ଟିଂ ବ୍ୟବସ୍ଥା କରିବା, ପ୍ରତ୍ୟେକ ନୂତନ ପାଠ୍ୟପୁସ୍ତକ ପାଇଁ ପାଇଲଟ୍ ପରୀକ୍ଷଣ କରିବାକୁ ସୁପାରିସ କରାଯାଇଛି। ଭବିଷ୍ୟତରେ ପୁସ୍ତକକୁ ତ୍ରୁଟିଶୂନ୍ୟ କରିବାକୁ ବିନା ଅନୁମୋଦନରେ ମୁଦ୍ରଣ ପାଇଁ ପଠାଯିବ ନାହିଁ ବୋଲି କୁହାଯାଇଛି। ତଦନ୍ତ କମିଟିର ସମସ୍ତ ୧୪ ଟି ସୁପାରିସକୁ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଷଷ୍ଠ ଶ୍ରେଣୀ...

କଟାକ୍ଷ କରିଛନ୍ତି । ସେହିପରି ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା...ନିମ୍ବୁଡ଼ା...' ଛପାଯିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କୁ ସହଜ ଖାଦ୍ୟ ପ୍ରସ୍ତୁତି, ପରିଷ୍କାର-ପରିଚ୍ଛନ୍ନତା, ପୌଷ୍ଟିକତା ଏବଂ ଦୈନନ୍ଦିନ ଜୀବନ କୌଶଳ ସହ ପରିଚିତ କରାଯାଉଥିବା କୁହାଯାଉଥିବା ସମୟରେଏହାର ଶିକ୍ଷାଗତ ଗୁରୁତ୍ୱକୁ ନେଇ ମତଭେଦ ସୃଷ୍ଟି ହୋଇଛି।

କିଛି ଅଭିଭାବକ କହିଛନ୍ତି ଯେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ବିଜ୍ଞାନ, ଗଣିତ ଏବଂ ଭାଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପାଠ୍ୟପୁସ୍ତକରେ ଖାଦ୍ୟ ପ୍ରସ୍ତୁତି ଭଳି ବିଷୟ ରହିବା ଠାରୁ ବୈଜ୍ଞାନିକ ଚିନ୍ତାଧାରା, ଡିଜିଟାଲ ଶିକ୍ଷା ଓ ସମସ୍ୟା ସମାଧାନ କୌଶଳ ଉପରେ ଅଧିକ ଅଧ୍ୟାୟ ରହିବା ଉଚିତ। ମାତ୍ର ପାଠ୍ୟପୁସ୍ତକରେ ଶସ୍ତା ଓ ଚାଲୁ ପ୍ରସଙ୍ଗକୁ ସ୍ଥାନ ଦେଇ ଏହାର ଗୁରୁତ୍ୱ ହ୍ରାସ ପାଇଁ ସରକାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । କିଛି ଶିକ୍ଷକ ଓ ଶିକ୍ଷାବିତ୍ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଦୈନନ୍ଦିନ ଜୀବନରେ ଉପଯୋଗୀ କୌଶଳ ବିକଶିତ କରିବାରେ ସହାୟକ ହେବ ବୋଲି କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଏହା ସରକାରଙ୍କର ଏକ ଚାତୁରୀ ଓ ଶିକ୍ଷାକୁ ରୁଗ୍ଣ କରିବାକୁ ଏହା ଏକ ପ୍ରୟାସ ବୋଲି ଅନେକ ଅଭିଯୋଗ କରିଛନ୍ତି। ତେଣୁ ଷଷ୍ଠ ଶ୍ରେଣୀ ବହିରେ 'ଝାଲ ମୁଢ଼ି' ପ୍ରସ୍ତୁତି ପାଠ୍ୟକ୍ରମର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୁନଶ୍ଚ ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଦିଲ୍ ଦେ ଚୁକେ ସନମ୍‌ର 'ନିମ୍ବୁଡ଼ା ନିମ୍ବୁଡ଼ା... ଛୋଟା ଛୋଟା କାଚା କାଚା ନିମ୍ବୁଡ଼ା..' ଗୀତକୁ ସ୍ଥାନୀତ କରାଯିବା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଲାମାନଙ୍କୁ ଏହି ଗୀତ ପଢ଼ାଇ ସରକାର କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି ।

### ବହିରେ ତ୍ରୁଟି...

ଘଟଣାକୁ ଗ୍ରହଣ କରିଛନ୍ତି । ଏପରି ବିଭ୍ରାଟର ତଦନ୍ତ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଆଧାରରେ ୪ ଜଣଙ୍କୁ ନିଲମ୍ବନ କରାଯାଇଛି ଓ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ମାତ୍ର ପଢ଼ା ବହିରେ ରହିଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଏବେ ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି କରିଛି । ଗତକାଲି ଏକ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ପଢ଼ା ବହିରେ ତ୍ରୁଟି ଏକ 'ଷଡ଼ଯନ୍ତ୍ର' ବୋଲି ଅଭିହିତ କରିଛନ୍ତି ।

ସେ କହିଛନ୍ତି ଯେ ପୂର୍ବରୁ ବହି ଛାପାରେ ତ୍ରୁଟି ରହୁଥିଲା । ମାତ୍ର ଏଥର ପରିମାଣ ଅସାଧାରଣ ଭାବରେ ଅଧିକ । ଏହା ପଛରେ ଷଡ଼ଯନ୍ତ୍ର ରହିଛି। ସ୍କ୍ରିପ୍ଟ ପ୍ରସ୍ତୁତି ଓ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସନ୍ଦେହ ହୋଇଥିବା ସନ୍ଦେହ ହେଉଛି। ଯେଉଁମାନେ ଏଥିରେ ଜଡିତ ବୋଲି ଜଣାପଡିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ବାବଦ ସମସ୍ତ ବ୍ୟୟ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଷଡ଼ଯନ୍ତ୍ର ସନ୍ଦେହକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର କଥା ମାନିଥିବା ସ୍ୱାଗତଯୋଗ୍ୟ। ମାତ୍ର କିଏ ଷଡ଼ଯନ୍ତ୍ରକାରୀ, କିଏ ଏହାକୁ ଭୁଲ ଛପାଇଲା ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି । କେଉଁ ଅଫିସର ଭୁଲ କରିଛନ୍ତି, ତାହା ସରକାର ସ୍ପଷ୍ଟ କରନ୍ତୁ । ଯିଏ ଭୁଲ ବହି ଛପାଇଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଭକ୍ତ କହିଛନ୍ତି । ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର ସନ୍ଦେହ ସମ୍ପର୍କରେ ସ୍ପଷ୍ଟ କରନ୍ତୁ । ସମ୍ପାଦନା ମଣ୍ଡଳୀରେ କିଛି ଜଣାଶୁଣା ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେହି ଷଡ଼ଯନ୍ତ୍ର କରିଥାଇପାରେ । ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଲେ କିନ୍ତୁ ଅସ୍ମିତା ହାତରୁ ଖସିଗଲା। ଚାଲି ନଜାଣି ବାଟର ଦୋଷ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ କମିଟି ଗଠନ ହୋଇଥିବ; ଯଦି ଷଡ଼ଯନ୍ତ୍ରର ଗନ୍ଧ ବାରୁଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଭାଷାକୁ ଅପମାନ ଅକ୍ଷମଣୀୟ ଅପରାଧ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

### ଚମ୍ପତ ରାୟଙ୍କ...

ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ସିସିଟିଭି ଚିତ୍ର ଆଧାରରେ ମାମଲାରେ ସମ୍ପୃକ୍ତ ଥିବା ଆଠ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଟଙ୍କା ଗଣତି ଦାୟିତ୍ୱରେ ଥିବା ଛଅ ଜଣ ମନ୍ଦିର କର୍ମଚାରୀ ଓ ବ୍ୟାଙ୍କର ପୂର୍ବତନ କର୍ମଚାରୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତଦନ୍ତ ରିପୋର୍ଟ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସତ୍ୟକୁ ସାମ୍ନାକୁ ଅଣାଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ଏହି ଇସ୍ତଫାର ନାଟକ କରାଯାଉଛି ଏବଂ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ସେଠାକୁ ଆସୁଥିବା ବେଳେ ବାର୍ଷିକ ଶହ ଶହ କୋଟି ଟଙ୍କାର ଦାନ ଆସୁଛି। ଏଭଳି ପରିସ୍ଥିତିରେ ଏତେ ବଡ଼ ପରିମାଣର ଅର୍ଥ ହେରଫେର ଏବଂ ଦୁଇ ଜଣ ଶୀର୍ଷ ପଦାଧିକାରୀଙ୍କ ଇସ୍ତଫା ମନ୍ଦିରର ଆଭ୍ୟନ୍ତରୀଣ ପରିଚାଳନା ଓ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ସରକାରୀ ସ୍ତରରେ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ଚାବି ରଖୁଥିବା...

ଗାଡ଼ି ଚାଳକ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଛି, ଯାହାଙ୍କ ପାଖରେ ଦାନ ବାକ୍ସର ଚାବି ରହୁଥିଲା। ଏହା ବ୍ୟତୀତ ଟଙ୍କା ଗଣତି ଦାୟିତ୍ୱରେ ଥିବା ବ୍ୟାଙ୍କର ପୂର୍ବତନ କର୍ମଚାରୀ ସୁଭାଷ ଶ୍ରୀବାସ୍ତବ, ମନ୍ଦିର ସେବକ ଅବିନାଶ ଶୁକ୍ଳା, ରାମଶଙ୍କର ମିଶ୍ର, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ ଯାଦବ ଏବଂ କରୁଣେଶ ପାଣ୍ଡେଙ୍କୁ ଗିରଫ କରାଯାଇଛି। କେତେକ ଅଭିଯୁକ୍ତଙ୍କ ଘର ଏବଂ ବ୍ୟାଙ୍କ ଆକାଉଣ୍ଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମଧ୍ୟ ଜବତ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରସିଦ ମାଧ୍ୟମରେ ମିଳୁଥିବା ଦାନର ହିସାବ ସଠିକ ରହିଛି, କିନ୍ତୁ ଦାନ ବାକ୍ସରେ ପଡୁଥିବା ନଗଦ ଟଙ୍କା ଗଣତି ସମୟରେ ହିଁ ଏହି ବଡ଼ ଧରଣର ଚୋରି କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଅଧିକ ପଚରାଉଚରା ଜାରି ରହିଛି।

### ଶିଳ୍ପାୟନରେ ସବୁ...

ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି ତାହା ଶ୍ରୀ ଶର୍ମା ଦର୍ଶାଇଥିଲେ।

### ଲାଲ୍‌ଜୀ ଦେଶାଇ...

ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପରେ ତତ୍କାଳୀନ ପ୍ରଭାରୀ ଅଜୟ କୁମାରଙ୍କୁ ଅପସାରଣ କରାଯାଇଥିଲା ଓ ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁଙ୍କୁ ୨୦୨୫ ଫେବୃଆରୀରେ ଓଡ଼ିଶାର ପ୍ରଭାରୀ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ପିସିସି ସଭାପତି ଓ ଶ୍ରୀ ଲଲ୍ଲୁଙ୍କ ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିବା ଚର୍ଚ୍ଚା ହୋଇଥିଲା। ରାଜ୍ୟରେ ଆଉ କିଛିମାସ ପରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏହା ପୂର୍ବରୁ ଦଳକୁ ସଂଗଠିତ କରିବା ଓ ଦଳୀୟ କର୍ମୀଙ୍କୁ ଏକାଠି କରି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି ।

### ମହେଶ ଦୀକ୍ଷିତ...

ଗୁପ୍ତଚର ବ୍ୟୁରୋର ମୁଖ୍ୟ ଭାବେ ସେ ଜମ୍ମୁ, କାଶ୍ମୀର ଏବଂ ଲେହ ଅଞ୍ଚଳରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରବର୍ତ୍ତୀ ସମୟରେ ଜମ୍ମୁ-କାଶ୍ମୀରରେ ଆଭ୍ୟନ୍ତରୀଣ ସ୍ଥିରତା ବଜାୟ ରଖିବା ଏବଂ ସୁରକ୍ଷା ପ୍ରତିବନ୍ଧକଗୁଡ଼ିକର ମୁକାବିଲା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତୃଣମୂଳ ସ୍ତରରେ ଏକ ସୁଦୃଢ଼ ଗୁପ୍ତଚର ନେଟୱର୍କ ଗଠନ ପାଇଁ ଜଣାଶୁଣା ଦୀକ୍ଷିତ ପୂର୍ବରୁ ଆଇବି ଅଧୀନରେ ମାଓବାଦୀ ସମସ୍ୟା ଏବଂ ସୀମାପାର ଅନୁପ୍ରବେଶ ଭଳି ଅନେକ ସମ୍ବେଦନଶୀଳ ମାମଲାର ସଫଳ ପରିଚାଳନା କରିଛନ୍ତି। ବର୍ତ୍ତମାନ ବଦଳୁଥିବା ସୁରକ୍ଷା ପରିବେଶ ମଧ୍ୟରେ ଦେଶର ଏହି ଶୀର୍ଷ ଗୁପ୍ତଚର ପଦବୀ ଗ୍ରହଣ କରିବା ପରେ, ସୀମାପାର ଆତଙ୍କବାଦ, ଉଗ୍ରବାଦ ଏବଂ ନାର୍କୋ -ଆତଙ୍କବାଦୀ (ମାଦକ ଦ୍ରବ୍ୟ କାରବାର ଜନିତ ଆତଙ୍କବାଦ) ନେଟୱର୍କକୁ ମୂଳପୋଛ କରିବା ଦିଗରେ ତାଙ୍କର କ୍ଷେତ୍ରୀୟ ଅଭିଜ୍ଞତା ଦେଶ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

### ଗଞ୍ଜେଇ କାରବାରରେ...

ପଟରୁ ସେମାନଙ୍କୁ ପିଛା କରି ଆସୁଥିବା ବେଳେ ଆଉ ଏକ ଟିମ୍ ଭୁବନେଶ୍ୱରରୁ ନୟାଗଡ଼ ଆଡ଼କୁ ଯାଇଥିଲା। ଦୁଇଟି ଯାକ ଟିମ୍ ସମନ୍ୱୟ ରକ୍ଷାକରି ନୟାଗଡ଼- ଖୋର୍ଦ୍ଧା ରାସ୍ତାର ପିଚୁକୁଳି ବଜାରରେ କିଙ୍ଗପିନ୍ ଦୁର୍ବାସା ଓ ୩ ସହଯୋଗୀଙ୍କୁ ମାଡ଼ି ବସିଥିଲେ। ନୀଳାମ୍ବର ଠାରୁ ଜବତ ହୋଇଥିବା ଛିଣ୍ଡା ୧୦ ଟଙ୍କିଆ ନୋଟର ଆଉ ଫାଳେ ନୋଟ୍ ଦୁର୍ବାସା ପାଖରୁ ଜବତ ହୋଇଥିଲା। ଏଥିସହିତ ଆଉ ଏକ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମଧ୍ୟ ତା'ଠାରୁ ମିଳିଥିଲା। ୪ ଜଣଙ୍କଠାରୁ ଗୋଟିଏ କାର୍, ୭ଟି ମୋବାଇଲ ଫୋନ, ୩୮ ହଜାର ଟଙ୍କା ଓ ଗୋଟିଏ ସୁନା ଚେନ ମଧ୍ୟ ଜବତ କରିଥିଲା ଏସଟିଏଫ୍। ନୀଳାମ୍ବରଠାରୁ ମିଳିଥିବା ଛିଣ୍ଡା ନୋଟ୍ ସହ ଦୁର୍ବାସାର ନୋଟ୍ ମେଳ ଖାଉଥିବାରୁ ଦୁର୍ବାସା ହିଁ ଗଞ୍ଜେଇ ସିଣ୍ଡିକେଟର ମାଷ୍ଟରମାଇଣ୍ଡ ବୋଲି ଏସଟିଏଫ୍ ଜାଣିବାକୁ ପାଇଥିଲା। ଦୁର୍ବାସା ଓଡ଼ିଶାରୁ ଗଞ୍ଜେଇ ସଂଗ୍ରହ କରି ପଶ୍ଚିମବଙ୍ଗ, ଛତିଶଗଡ଼ ଓ ରାଜସ୍ଥାନକୁ ଚୋରା ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ନାମରେ ଏନ୍‌ଡିପିଏସ୍ ମାମଲା ରହିଥିବା ଜାଣିବାକୁ ପାଇଛି ଏସ୍‌ଟିଏଫ୍। ଗଞ୍ଜେଇ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ଜାଣିବା ଲାଗି ୪ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ସୋମବାର ଦିନ ଅଦାଲତରେ ଆବେଦନ କରିବ ଏସଟିଏଫ୍।

### ଅତିରିକ୍ତ ତହସିଲଦାରଙ୍କୁ...

୪୫୬୭ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବାଲି ବୋଝେଇ ହାଇୱା ନ ଅଟକି ଦ୍ରୁତ ଗତିରେ ପଳାଇଥିଲା। ଏନଫୋର୍ସମେଣ୍ଟ ଟିମକୁ ସାଇଟ ମାରି ଦ୍ରୁତ ଗତିରେ ପଳାଇଯିବା ସହିତ ଫୋନ ଯୋଗେ ମାଲିକଙ୍କୁ ଖବର ଦେଇଥିଲା। ବାଲି ବୋଝେଇ ହାଇୱାକୁ ଧରିବା ପାଇଁ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ଗୋଡାଇଥିଲେ ମଧ୍ୟ ହାଇୱା ଅଟକି ନ ଥିଲା କି ସାଇଟ ଦେଇ ନ ଥିଲା। କିଛି ବାଟ ଗୋଡ଼ାଇ ଯିବା ପରେ ଏକ କାର୍ ଓଡ଼ି-୦୫ଜିଜେ୧୦୬୭ ମାତ୍ରାଧିକ ହର୍ଣ୍ଣ ମାରି ହାଇୱା ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ମଝିରେ ପଶିଥିଲା। କାର୍ ମଧ୍ୟ ସରକାରୀ ଗାଡ଼ିକୁ ସାଇଟ ଦେଇ ନ ଥିଲା। ରାଜନଗର ଗୁପ୍ତି ରାସ୍ତାରେ ପ୍ରାୟ ୧୫ କିଲୋମିଟର ଯିବା ପରେ ହାଇୱା କାଠପଙ୍ଗରା ଗାଁ ଭିତରକୁ ପଶିଥିଲା। ଗାଁ ଛକ ନିକଟରେ ହାଇୱା ପଛପଟରୁ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା । ଏହାପରେ ଗାଁ ରାସ୍ତାରେ ବାଲି ଢାଳି ଦ୍ରୁତ ଗତିରେ ପଳାଇଥିଲା। ରାସ୍ତା ଉପରେ ବାଲି ଯୋଗୁଁ ହାଇୱା ମାଲିକଙ୍କ କାର୍ ସରକାରୀ ଗାଡ଼ି ଆଗରେ ରହିଯାଇଥିଲା। ସ୍ଥାନୀୟ ଲୋକ ପହଞ୍ଚି ଗାଡ଼ି ଓ ଗାଡ଼ି ମାଲିକଙ୍କୁ ଅଟକ ରଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ପହଞ୍ଚିବା ପରେ ପୁଲିସ ଉପସ୍ଥିତରେ ଗାଡ଼ି ମାଲିକ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ ସହିତ ସହିତ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିଛନ୍ତି। ପୁଲିସ କାର ଜବତ କରିବା ସହିତ ମାଲିକଙ୍କୁ ଗିରଫ କରିଥିବା ଜଣାପଡିଛି। ଫେରାର ହାଇୱାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ ଜାରି ରଖିଛି। ଏ ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦ୍ରପଡ଼ା ଖଣି ଅଧିକାରୀଙ୍କୁ ତହସିଲଦାର ଜଣାଇଛନ୍ତି।

**ANGEL ONE LIMITED**

**Regd. Off:** 601, 6th Floor, Ackruti Star, Central Road, MIDC, Andheri East, Mumbai - 400093 **SEBI Registration No (Stock Broker): INZ000161534**

**PUBLIC NOTICE**

It has come to our attention that certain unauthorized individuals, agencies and third parties operating through mobile numbers "7077513180", "6370065695", "6372757747", "7978443499", "6370065695", "63639797440" are issuing fake employment offer letters, appointment letters, interview calls and recruitment-related communications using the brand name and logo of Angel One Limited to deceive the general public.

Investors and General Public are hereby informed that Angel One Limited does not have any association and/or relation, directly or indirectly with above individuals, agencies, third parties in any capacity.

Angel One Limited will not be liable in any manner of financial loss and /or consequence of dealing with such individuals, agencies, third parties. Please note that any person dealing with them will be dealing at his/her own risk and responsibility.

**For ANGEL ONE LTD**
**Sd/-,**
**Authorized Signatory**
**Date : 27.06.2026**

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**("e" PROCUREMENT NOTICE)**
E-Mail I.D.: eerbjspr@gmail.com
Bid Identification No. S.E. JSPR (R&B)-5 of 2026-27

34001/395/2627

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of the Governor of Odisha invites on **Percentage Rate Basis** bid in **Double Cover System** in **ONLINE MODE** from eligible contractors for Building works as mentioned below.
2. **No. of Work:** 01 No.
3. **Nature of Work:** Civil
4. **Class of Contractor:** "B" Class
5. **Tender Paper Cost:** Rs. 10,000.00/- (Online)
6. **Availability of Bid Documents in the Website:** From **30.06.2026, 05.00 PM** to **14.07.2026**
7. **Date of Opening of Bid: 11.00 AM on 15.07.2026**

The bidders have to participate in **ONLINE** bidding only. Further details can be seen on the website: https://tendersodisha.gov.in. Any addendum, corrigendum or cancellation of the tender can also be seen on the said website.

**(Er. Sarbendu Sutar)**
**Additional Chief Engineer**
Jagatsinghpur (R&B) Division

OIPR-34001/34093/1/26-27/0006

ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଡ଼ାରୀ
**ODISHA ADARSHA VIDYALAYA, GUDARI**
AT/PO – Gudari, Block – Gudari, Dist – Rayagada, Pin – 765026
Email Id – gudari@oav.edu.in
**CBSE Affiliation No.:** 1520137, **School Code:** 17223, **UDISE Code:** 21271201004
**Letter No.:** 218/OAVGUD/2026, **Date:** 25/06/2026

**ADVERTISEMENT**

Applications are invited from deserving candidates on **Contractual basis** for **KGBV Type-IV Girls' Hostel, Odisha Adarsha Vidyalaya, At.- Gudari, Po.- Gudari, Dist.- Rayagada** as per the vacancies mentioned below in the table.
The detailed qualification and the eligibility criteria is given in the box.

| Sl. No. | Name of the Post | Qualification | Age | Remuneration per month | Vacancy Position | Remarks |
|---|---|---|---|---|---|---|
| 1 | WARDEN | B.A./B.Sc | 30–60 Years | **Rs. 25,621.75/- per month** (Including EPF share of Employee & Employer share) | 01 | — |

Application and other details can be downloaded from the District website: https://rayagada.odisha.gov.in/en/notice/recruitment. Interested candidates fulfilling the eligibility criteria may apply **by Speed Post only (DON'T SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY E-MAIL)** to: **Odisha Adarsha Vidyalaya** At.- Gudari, Po.- Gudari, Dist.- Rayagada, Pin – 765026, **Application Period: 27/06/2026 to 15/07/2026** (Latest by **5:00 P.M.**).
The incomplete application forms and forms received after the due date shall be summarily rejected. The authorities will not be responsible for any postal delay. Further, the authorities reserve the right to cancel any or all of the applications without any reason thereof.

**Sd/- PRINCIPAL**
Odisha Adarsha Vidyalaya
Gudari, Dist.- Rayagada

**OFFICE OF THE MUNICIPAL COUNCIL, JATNI**
Phone: **0674-2490826,** Email: municipalityjatni@gmail.com
No.: **3612,** Date: **24.06.2026**
**"E" PROCUREMENT NOTICE** 13001/1002/2627

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of Terms & Conditions of Contract and other necessary documents can be seen in the Government website: www.tendersorissa.gov.in

| | | |
|---|---|---|
| 1 | Tender Reference No. | EO/JMC/091/2026-27 |
| 2 | Tender I.D. No. | 2026_ORULB_131888_pack1 |
| 3 | Name of the Work | Civil Construction works as mentioned in website |
| 4 | No. of Works | 1 No. |
| 5 | Estimated Cost | Rs. 61,44,555.00 |
| 6 | Period of Completion | 120 Days |
| 7 | Date & Time of Bidding | From **25.06.2026, 11:00 A.M.** to **10.07.2026, 05:30 P.M.** |
| 8 | Last Date & Time for Receipt of Bids in the portal | **Dt. 10.07.2026 up to 05:30 P.M.** |
| 9 | Bid received Online shall be opened on | **13.07.2026 at 11:00 A.M.** |
| 10 | Name and address of the Officer Inviting Bid | Executive Officer, Jatni Municipality |

Further details can be seen from the procurement portal:www.tendersorissa.gov.in

**Executive Officer**
**Jatni Municipality**

OIPR-13001/13041/1/26-27/0011

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଆବେଦନକାରୀ/ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଚେରୀ ରୋଡ୍ ଶାଖା, ପୁରୀ /** ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: **ଶ୍ରୀମତୀ ଜୟଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଅଜିତ କିଶୋର ମହାପାତ୍ର / **ସହ-ଋଣଗ୍ରହୀତା: ଶ୍ରୀ ଅଜିତ କିଶୋର ମହାପାତ୍ର / ଜାମିନ୍‌ଦାର ଏବଂ କୋ-ଓବ୍ଲିଗାଣ୍ଟ: ଶ୍ରୀ ବିଶ୍ୱଜିତ ମହପାତ୍ର,** ପିତା: ଶ୍ରୀ ଅଜିତ କିଶୋର ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସୁରଙ୍ଗୀ ମଠ ଲେନ୍, ମଣିକର୍ଣ୍ଣିକା ସାହି, ସାମିଲ ହରଚଣ୍ଡୀ ସାହି, ପୋ/ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ୧୦.୦୪.୨୦୨୬ ସୁଦ୍ଧା ଟ.୫,୭୭,୦୯୨.୦୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୦.୦୪.୨୦୨୬ / ୨୩.୦୬.୨୦୨୬ | ଶ୍ରୀମତୀ ଜୟଶ୍ରୀ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ ଡିସିମିଲି, କିସମ: ଘରବାରି, ମୌଜା: ମଣିକର୍ଣ୍ଣିକା ସାହି, ହୋଲ୍ଡିଂ ନଂ.: ୪୦୦, ସର୍କଲ ନଂ.: ୪, ଏସ୍‌ଆରଓ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବନ ଖୁଣ୍ଟିଆ |
| **ଶ୍ରୀକ୍ଷେତ୍ର ଶାଖା, ପୁରୀ /** ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: **ଶ୍ରୀମତୀ ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟୀ, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ପୋ: ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ / **କୋ-ଓବ୍ଲିଗାଣ୍ଟ ଏବଂ ଜାମିନ୍‌ଦାର: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟା ମନ୍ଦିର, ନବକଳେବର ରୋଡ୍, ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ, ପିନ୍-୭୫୩୦୧୦ | ୦୯.୦୪.୨୦୨୬ ସୁଦ୍ଧା ଟ.୧୮,୮୧,୭୭୨.୩୨ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୪.୨୦୨୬ / ୨୩.୦୬.୨୦୨୬ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର୦.୦୨୯ ଡିସିମିଲି, କିସମ: ଘରବାରି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୬.୨୦୨୬
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ବୁଗୁଡ଼ାରେ ଅଘୋଷିତ ବିଦ୍ୟୁତ କାଟ୍

# ପ୍ରତିବାଦରେ ଟାୟାର ଜାଳି ରାସ୍ତା ଅବରୋଧ

ବୁଗୁଡା,୨୬।୬(ସମିସ)




ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି। ମେଘ ଘୋଟିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କିମ୍ବା ଖବର ପ୍ରକାଶ ପାଇଲେ ମଧ ବିଦ୍ୟୁତ ବିଭାଗର ଖାତିର ନାହିଁ। ବିଶେଷକରି ବୁଗୁଡା ସହରର ପ୍ରେମଚାନ୍ଦ ନଗର, ମହୁଲିଆତୋଟା ସାହି, ବୁଦ୍ଧଖୋଲ ରୋଡ ସାହି, ଅନ୍ନପୂର୍ଣ୍ଣା ନଗରରେ ଦୀର୍ଘ ଚାରି ମାସ ହେଲା ବିଦ୍ୟୁତ୍ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଗତ ଗୁରୁବାର ରାତିରେ ଲୋକେ ପୁରୁଣା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ସଡକରେ ଗଛଡାଳ ପକାଇ ଓ ଟାୟାର ଜାଳି ପ୍ରତିବାଦ କରିଥିଲେ। ରାସ୍ତା ଜାମ ଯୋଗୁଁ ଯାନବାହାନ ଚଳାଚଳ ପୁରାପୁରି ଠପ୍ ହୋଇଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାଶୁଝା କରିବାକୁ ପ୍ରୟାସ କରୁଥିବା ବେଳେ ପୁଣି ୧୧ କେଭି ତାର ପୁଣି ଛିଡିଥିଲା। ପରିସ୍ଥିତି ଜଟିଳ ହେବାରୁ ଘଟଣା ସ୍ଥଳରେ ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ପହଞ୍ଚିଥିଲେ। ବିଦ୍ୟୁତ୍ ବିଭାଗୀୟ ଜେଇଙ୍କୁ ଘଟଣା ସ୍ଥଳକୁ ଡକାଯାଇଥିଲା। ରାତି ପ୍ରାୟ ଦୁଇଟା ବେଳକୁ ନୂଆଁ କେବୁଲ ପକାଯାଇଥିଲା ବେଳେ ତିନିଟା ବେଳକୁ ବିଦ୍ୟୁତ୍ ଯୋଗାଣ ଠିକଠାକ୍ ହୋଇଥିଲା ଏବଂ ଲୋକେ ଘରକୁ ଫେରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏଭଳି ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

## ଆସିକା ସମବାୟ ଚିନିଶିଳ୍ପ ସଂକ୍ରାନ୍ତ ଜିଲ୍ଲାପାଳଙ୍କ ସମୀକ୍ଷା



ଆସିକା,୨୬।୬(ସମିସ): ଶୁକ୍ରବାର ଅପରାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତି ଭାସନ ଆସିକା ଚିନିଶିଳ୍ପ ପହଞ୍ଚି ଚିନିଶିଳ୍ପ ରେ ସମସ୍ୟା ଓ ଉନ୍ନତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମିଲ ହାଉସ ବୁଲି ଦେଖିବା ସହିତ ବୃକ୍ଷରୋପଣ କରିବା ପରେ ସମ୍ମିଳନୀ କକ୍ଷରେ ଶିଳ୍ପର ବିକାଶ ଦିଗରେ ଆଲୋଚନା କରିଥିଲେ। ଆଖୁ ଚାଷ ବୃଦ୍ଧି, ଡିଷ୍ଟଲାରୀ କାର୍ଯ୍ୟକ୍ଷମ, ଆସିକା ଫର୍ଟିର ବିକ୍ରି ବୃଦ୍ଧି ଆସିକା ଫର୍ଟିରେ ଦୁଇଟି ନୂଆ ଫ୍ଲେବରରେ ଉତ୍ପାଦନ କରିବା ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ଚିନିଶିଳ୍ପରେ କାର୍ଯ୍ୟରତ ଏନଏମଆର କର୍ମଚାରୀ ସେମାନଙ୍କ ଚାକିରି ନିୟମିତ କରିବା ବିଷୟରେ ଆଲୋଚନା କରିଥିଲେ। ଚିନିଶିଳ୍ପର ପରିଚାଳନା ପରିଷଦ ର ସଭାପତି ରବୀନ୍ଦ୍ରକୁମାର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହିତ ବହୁ କର୍ମଚାରୀ, ପରିଚାଳନା ପରିଷଦର ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା



ଛତ୍ରପୁର, ୨୬।୬(ସମିସ): ଗଞ୍ଜାମ ଜ଼ିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା ଜିଲ୍ଲପାଳ ଭି କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଜୈବିକ କୃଷି କରି ନିଜର ସ୍ୱାସ୍ଥ୍ୟ କୁ ଠିକ ରଖିବା ସହ ଆଗାମୀ ପିଢ଼ି ପାଇଁ ଯତ୍ନବାନ ହେବାପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଭାରପ୍ରାପ୍ତ ମୁଖ୍ୟ ଜ଼ିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ, ବରିଷ୍ଟ କୃଷି ବୈଜ୍ଞାନିକ ସୁଜିତ କୁମାର ନାଥ, ଶାନ୍ତନୁ କୁମାର ଶତପଥି, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା, କୃଷି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବାସନ୍ତିଲତା ଶିଆଳ, କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର, ହେମନ୍ତ ଦାସ, ଶରତ କୁମାର ଦାସ, ଜୁନମୟୀ ମହାନ୍ତି,ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରି, ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକ ଓ ପଂଚାୟତସ୍ତରୀୟ ଅଧିକାରୀ ଏବଂ ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ପୁରୁଷୋତ୍ତମ ପୁର ବ୍ଲକରୁ ପ୍ରାୟ ଶତାଧିକ ଚାଷୀ ଯୋଗ ଦେଇଥିଲେ। ସରକାରଙ୍କ ଦ୍ଵାରା ବର୍ତ୍ତମାନ ପରିସ୍ଥିତି ରେ କିଭଳି ଭାବେ କୃଷକ ମାନେ ଜୈବିକ ଚାଷକୁ ଆପଣେଇ ରାସାୟନିକ ଚାଷ ଠାରୁ ନିଜକୁ ଦୁରେଇ ରହିବା ପାଇଁ କୃଷି ବୈଜ୍ଞାନିକ, କୃଷି ଅଧିକାରୀ କୃଷକ ମାନଙ୍କ ସହ ଜୈବିକ ଚାଷ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷିଅଧିକାରୀ ସ୍ଵାଗତ ବକ୍ତବ୍ୟ ଦେଇଥିବା ବେଳେ କୃଷି ଜିଲ୍ଲା ଅଧିକାରୀ ହେମନ୍ତ ଦାସ କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ।

## ଧର୍ମେନ୍ଦ୍ରଙ୍କ ଜନ୍ମଦିନ ପାଳିତ



ପାତ୍ରପୁର, ୨୬/୬(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ପାତ୍ରପୁର ଜଗନ୍ନାଥ ମନ୍ଦିର ଠାରେ ପାଳିତ ହୋଇଯାଇଛି। ପାତ୍ରପୁର ସରପଞ୍ଚ ସଦାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ଵାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କେକ୍ କାଟି ବାଣ ଫୁଟାଇ ଜନ୍ମ ଦିନ ପାଳନ କରିଥିଲେ। ଶତାଧିକ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ବିଜେପିରେ ନେତା, କର୍ମୀ ସାମିଲ



ଛତ୍ରପୁର, ୨୬।୬(ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମଦିନ ଅବସରରେ ଛତ୍ରପୁରରେ ଆୟୋଜିତ ମେଗା ରକ୍ତଦାନ ଶିବିରରେ ଅନ୍ୟଦଳର ବହୁ ନେତା ଓ କର୍ମୀ ମାନେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଗଞ୍ଜାମ ବ୍ଲକ ସୁବଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ କେଦାର ନାଥ ସ୍ଵାଇଁ, ପୂର୍ବତନ ସମିତି ସଭ୍ୟ ଶାନ୍ତନୁ କୁମାର ନାହାକ, ପୂର୍ବତନ ନାଏବ ସରପଞ୍ଚ କୈଳାଶ ନାହାକଙ୍କ ସମେତ ବହୁ ନେତା ଓ କର୍ମୀ ମାନେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ କରି ବିଜେପିରେ ସ୍ଵାଗତ କରିଥିଲେ। ନବାଗତମାନେ ଆଗାମୀ ଦିନରେ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଜନସେବାରେ ସକ୍ରିୟ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଆକ୍ରମଣ ଘଟଣାରେ ଯୁବକ କୋର୍ଟ ଚାଲାଣ

ରଙ୍ଗେଇଲୁଣ୍ଡା ,୨୬/୬(ସମିସ): ଗୋଳନ୍ଥରା ଥାନା ଅଧୀନସ୍ଥ କନିସି ହାଟରେ ନାବାଳିକାକୁ ପିଛା କରିବାରୁ ବାପା ପଚାରିବାରୁ ଯୁବକ ଜଣକ କାତି ଆକ୍ରମଣ ଘଟଣା ସମ୍ପୃକ୍ତ ଯୁବକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନିସି ହାଟ ଓମ ନାରାୟଣ ବେହେରା(୧୯) ବୋଲି ପୋଲିସ ସୂଚନା ଦେଇଛି। ଏହି ଥାନା ଅଧୀନସ୍ଥ ନାବାଳିକା ଛାତ୍ରୀ ଜଣକ ୧୦ ଶ୍ରେଣୀ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ୪ ରୁ ୬ ମାସ ହେଲା ଛାତ୍ରୀ ଜଣକ ସ୍କୁଲ ଓ ଟିଉସନ ଯିବା ଆସିବା ସମୟରେ ସେହି ଅଞ୍ଚଳର ଓମ ନାରାୟଣ ବେହେରା ପିଛା କରି କମେଣ୍ଟ ପାସ୍ କରୁଥିଲେ। ଘଟଣା ସମ୍ପର୍କ ନାବାଳିକା ଛାତ୍ରୀ ବାପା ଜାଣିବା ପରେ ଗୁରୁବାର ସନ୍ଧ୍ୟାରେ କନିସି ହାଟରେ ଓମ ନାରାୟଣକୁ ମୋର ନାବାଳିକା ଝିଅ କୁ କାହିଁକି ପିଛା କରୁଛୁ ବୋଲି ପଚାରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହେବା ପରେ ଉତକ୍ତ ହୋଇ ଛୋଟ କାତିରେ ନାରାୟଣ ନାବାଳିକା ଛାତ୍ରୀ ବାପାକୁ ପେଟ ଭୁସି ଦେଇ ନାରାୟଣ ଚମ୍ପଟ ମାରିଥିଲେ। ଏ ନେଇ ପରିବାର ପକ୍ଷରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୩୩/୨୬ ପ୍ରକାରେ ପୋଲିସ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଆଜି କନିସି ହାଟ ଅଞ୍ଚଳରେ ନାରାୟଣ ଥିବା ଖବର ପାଇ ପୋଲିସ ଚଡାଉ କରି କାବୁ କରିବା ସହ ସନ୍ଧ୍ୟା ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୂଚନା ଦେଇଛି।

## ମନ୍ଦିର ପରିସରରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଦିଗପହଣ୍ଡି,୨୬।୬(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଜକର ଗ୍ରାମ ନିକଟରେ ଥିବା ମା' ରତ୍ନେଶ୍ୱରୀ ମନ୍ଦିର ପରିସରର ପରିତ୍ୟକ୍ତ ଜମିରୁ ଶୁକ୍ରବାର ସନ୍ଧ୍ୟାରେ ଏକ ନବଜାତ ଶିଶୁପୁତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। କେହି ଜଣେ ଅଜ୍ଞାତ ବ୍ୟକ୍ତି କ୍ଷୀର ବୋତଲ ସହ କପଡ଼ାରେ ଗୁଡ଼ାଇ ଶିଶୁଟିକୁ ମନ୍ଦିର ପରିସରରେ ଛାଡ଼ି ଚାଲିଯାଇଥିବା ସନ୍ଦେହ କରାଯାଇଛି। ଶିଶୁ ଟିର କ୍ରନ୍ଦନ ଶୁଣି କିଛି ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ସହ ଜକର ପଞ୍ଚାୟତ ସରପଞ୍ଚ ରଶ୍ମିତା କୁମାରୀ ପ୍ରଧାନଙ୍କୁ ଜଣାଇଥିଲେ। ସରପଞ୍ଚଙ୍କ ପରାମର୍ଶ କ୍ରମେ ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କେ. ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କୁ ସମୁଦାୟ ଘଟଣା ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଶିଶୁପୁତ୍ରଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ପୋଲିସ ଏନେଇ ତଦନ୍ତ ଚଳାଇଛି।

## ଜିଲ୍ଲା ଠିକାଦାର ସଂଘର ଆଲୋଚନା ସଭା

ଦିଗପହଣ୍ଡି,୨୬।୬(ସମିସ): ଦିଗପହଣ୍ଡି ବ୍ଲକ ଜକର ଗ୍ରାମ ନିକଟ ମା ' ରତ୍ନେଶ୍ୱରୀ ଶକ୍ତିପୀଠ ପରିସରରେ ଶୁକ୍ରବାର ନିଖିଳ ଓଡିଶା ଠିକାଦାର ମହାସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି।ଦିଗପହଣ୍ଡି ବ୍ଲକ ଠିକାଦାର ସଂଘ ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଉମାକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି ଗୋପାଳ ପଣ୍ଡା, ସମ୍ପାଦକ ଜି . ଗୋପାଳ ରାଓ ଦୋରାଙ୍କ ସମେତ ବିଭିନ୍ନ ବ୍ଲକ ସଂଘର କାର୍ଯ୍ୟକର୍ତ୍ତା ନୀଳାଞ୍ଚଳ ସାହୁ, ଲକ୍ଷ୍ମୀ ନାରାୟଣ ରେଡ୍ଡୀ, ମହେଶ୍ୱର ନାୟକ, ସଞ୍ଜୟ ରାଉତ, କାହ୍ନୁଚରଣ ଗୌଡ, ଦେବରାଜ ଭୂୟାଁ , ଅଶୋକ ନାୟକ, ନୀଳାଞ୍ଚଳ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ।ସଭାରେ ସାଙ୍ଗଠନିକ ଅଭିବୃଦ୍ଧି ଏବଂ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା ସଂଘର ଏକତା ବଜାୟ ରଖିବା ସହ ସମସ୍ତ ସରକାରୀ ଟେଣ୍ଡରକୁ କୌଣସି ସଦସ୍ୟ ସଂଘର ନୀତି ବିରୋଧରେ ଯାଇ ଧାର୍ଯ୍ୟ ସିଡ୍ୟୁଲ ରେଟ ଠାରୁ କମ୍ ମୂଲ୍ୟରେ ଟେଣ୍ଡର କଟ୍ ନ କରିବା ଏବଂ ସଂଘ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ୮ ଦଫା ଦାବି ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସଭାରେ ଦିଗପହଣ୍ଡି ସଂଘ ଉପସଭାପତି ଅଶୋକ କୁମାର ସାହୁ, ପ୍ରଦୀପ କୁମାର ପଣ୍ଡା, କୋଷାଧ୍ୟକ୍ଷ ତୋଫାନ କୁମାର ସାହୁ , ନୀଳମାଧବ ଗୌଡ, ଅଶୋକ ସ୍ୱାଇଁ, ମନୋଜ ପଟ୍ଟନାୟକ, ଶ୍ରୀଧର ମେକାପ , ଗୋକୁଳ ସାହୁ ଙ୍କ ସମେତ ଧରାକୋଟ, ସାନଖେମୁଣ୍ଡି, ଶେରଗଡ଼, ଆସିକା , ଦିଗପହଣ୍ଡି, ହିଞ୍ଜିଳି, ଚିକିଟି ବ୍ଲକ ଶାଖାର ବହୁ ଠିକାଦାର ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଟିପିଏସ୍ଓଡିଏଲ ତରଫରୁ ସୁନାପୁର ବେଳାଭୂମି ସଫେଇ

# ୨୫୦କେଜି ଆବର୍ଜନା ସଂଗ୍ରହ





ବ୍ରହ୍ମପୁର,୨୬।୬(ସମିସ): ପରିବେଶ ସଂରକ୍ଷଣ ଏବଂ ସମାଜ କଲ୍ୟାଣ ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ( ଟି ପି ଏ ସ୍ ଓ ଡି ଏ ଲ୍ ) ଗଞ୍ଜାମ ଜିଲ୍ଲାର ସୁନାପୁର ବେଳାଭୂମିରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରିଛି। ଯାହା କମ୍ପାନୀ ତରଫରୁ ଚାଲୁ ରହିଥିବା ଟାଟା ସଷ୍ଟେନେବିଲିଟି ମାସ ଅଭିଯାନ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ। ବନ ବିଭାଗ ସହାୟତାରେ କମ୍ପାନୀ ଏହି ସଫେଇ କାର୍ଯ୍ୟକ୍ରମ କରିଛି। ପରିବେଶ ସଂରକ୍ଷଣ ପ୍ରତି ନିଜର ଦାୟିତ୍ୱବୋଧକୁ ଦର୍ଶାଇ କମ୍ପାନୀର ବିଭିନ୍ନ ବିଭାଗର ୧୩୦ରୁ ଅଧିକ କର୍ମଚାରୀ ଏହି ସଫେଇ ଅଭିଯାନରେ ଯୋଗ ଦେଇଥିଲେ। ଯାହା ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଥିବା କମ୍ପାନୀର ସାମୂହିକ ଦାୟିତ୍ୱକୁ ଦର୍ଶାଉଛି। ଏହି ଅଭିଯାନରେ ସାମିଲ ହୋଇ ଟିପିଏସ୍ଓଡିଏଲର କର୍ମଚାରୀମାନେ ମିଳିତ ଭାବେ ୨୫୦କି.ଗ୍ରାରୁ ଅଧିକ ଆବର୍ଜନା ସଂଗ୍ରହ କରିଛନ୍ତ ସମଗ୍ର ସୁନାପୁର ବେଳାଭୂମି ଅଞ୍ଚଳରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସୁନାପୁର ବେଳାଭୂମିର ସୁନ୍ଦରତାକୁ ବଜାଏ ରଖିବା ଦିଗରେ କମ୍ପାନୀର ଏହି ଉଦ୍ୟମ ବିଶେଷ ଭାବରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମ ସମୟରେ କର୍ମଚାରୀମାନେ ସୁନାପୁର ବେଳାଭୂମି ପରିଦର୍ଶନରେ ଆସୁଥିବା ସ୍ଥାନୀୟ ସମୁଦାୟଙ୍କୁ ସଚେତନ କରାଇଥିଲେ।

ସଚେତନତା ମୂଳକ କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁର ସୁପରିଚାଳନା, ପ୍ଲାଷ୍ଟିକର ବ୍ୟବହାର ହ୍ରାସ ଏବଂ ସାମୁଦ୍ରିକ ଜୀବ ଓ ଉପକୂଳ ପରିବେଶର ସୁରକ୍ଷା ଓ ସଂରକ୍ଷଣ ବାବଦରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, "ପରିବେଶ ସୁରକ୍ଷା କେବଳ ଏକ ଯୋଜନା ବା ପ୍ରକଳ୍ପ ନୁହେଁ, ଏହା ବ୍ୟକ୍ତିଗତ ଦାୟିତ୍ୱ, ଯାହା ସାମୂହିକ ଉଦ୍ୟମରେ ହାସଲ କରାଯାଇପାରିବ। ବେଳାଭୂମି ଓ ଉପକୂଳବର୍ତ୍ତୀ ପରିବେଶ, ଜାତୀୟ ସମ୍ପଦ ଅଟେ। ତେଣୁ ପରବର୍ତ୍ତୀ ପିଢି ପାଇଁ ଏହାର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ପରିବେଶ ସଫେଇ ଭଳି ପଦକ୍ଷେପ ମାଧ୍ୟମରେ ଆମେ କମ୍ପାନୀର କର୍ମଚାରୀ ତଥା ସମାଜର ସବୁ ବର୍ଗର ଲୋକଙ୍କୁ ପରିବେଶ ସଂରକ୍ଷଣ ଓ ସବୁଜ ପୃଥିବୀ ଗଠନ ପ୍ରତି ସଚେତନ କରୁଛୁ।

କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସୋନାପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ସାମିଲ ହୋଇଛନ୍ତି। ଏହି ସଫେଇ ଅଭିଯାନ ଟିପିଏସ୍ଓଡିଏଲର ସ୍ଥାୟୀ ବିକାଶ ଏବଂ ସାମୁଦାୟିକ ସହଭାଗିତା ପ୍ରତି ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀ କର୍ମଚାରୀଙ୍କ ମଧ୍ୟରେ ପରିବେଶ ସଂରକ୍ଷଣର ଭାବନା ବଢ଼ାଇବା ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ସବୁଜ, ସୁନ୍ଦର ଓ ସୁରକ୍ଷିତ କରିବାର ଲକ୍ଷ୍ୟ ରଖିଛି।

## ସିଲ୍କ ସିଟି ଏମ୍‌ଜିଏଫ ୱାକର୍ସ କ୍ଲବ୍‌ର ତୃତୀୟ ଚାର୍ଟର ନାଇଟ୍




ବ୍ରହ୍ମପୁର,୨୬।୬(ସମିସ): ସାମ୍ପ୍ରତିକ ପରିସ୍ଥିତିରେ ପାରିବାରିକ ସମ୍ପର୍କରେ ଘଟୁଥିବା ଅବକ୍ଷୟ ମନୁଷ୍ୟ ସମାଜ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ବିଶେଷ କରି ପିଲାମାନେ ସ୍ୱାଧୀନ ଭାବେ ଓ ପରିବାର ଠାରୁ ଦୂରରେ ରହିବା ମନୋଭାବ ଯୋଗୁଁ ପିତାମାତାଙ୍କ ଶେଷ ଜୀବନ ଦୁର୍ବିସହ ହୋଇପଡୁଛି। ସେମାନଙ୍କୁ ପରିଣିତ ବୟସରେ ଜରା ନିବାସ ବା ଅସହାୟରେ ଜୀବନ କାଟିବାକୁ ପଡୁଛି। ଏଣୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା ସହ, ମାଟି ମା ଓ ମାତୃଭାଷାକୁ ଭଲ ପାଇବା ସଂସ୍କାର ଦେବା ଜରୁରୀ। ପିତାମାତା ମାନେ ଚଳନ୍ତି ଠାକୁର, ସେମାନଙ୍କ ସେବା ଓ ସମ୍ମାନ ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ସ୍ଥାନୀୟ ପାର୍କସାହି ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସିଲ୍କ ସିଟି ଏମଜିଏଫ ୱାକର୍ସ କ୍ଲବର ତୃତୀୟ ଚାର୍ଟର ନାଇଟ୍ ଓ ଇଣ୍ଟରନ୍ୟାସନାଲ କ୍ଲବର ୪୦ବର୍ଷ ପୂର୍ତ୍ତି ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜସେବୀ ତଥା ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ ଆହ୍ୱାନ ଦେଇଥିଲେ। କ୍ଲବ ସଭାନେତ୍ରୀ ଯାଜ୍ଞସେନୀ ଦେବୀ ସଭାପତିତ୍ୱ କରିବା ସହ ଅତିଥି, ସଦସ୍ୟା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ପକ୍ଷରୁ ଅଧିକ ଜନହିତକର କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ କ୍ଲବ୍ ଗଭର୍ଣ୍ଣର ରାଜ କିଶୋର ସ୍ୱାଇଁ ଓ ପୂର୍ବତନ ଗଭର୍ଣ୍ଣର ସୀମାଞ୍ଚଳ ପାଣିଗ୍ରାହୀ ଯୋଗଦେଇ କ୍ଲବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଉଷାରାଣି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଦଣ୍ଡପାଣି ପାତ୍ର, ସହସମ୍ପାଦକ ସୂର୍ଯ୍ୟ ନାରାୟଣ ଚିନାରି, ପୂର୍ବତନ ସଭାପତି କେ. ପୁଣ୍ଡରିଖା, ଏଲ. ଅନୁରାଧା, ବାଣୀଶ୍ରୀ, କ୍ଷଣପ୍ରଭା ପାଣିଗ୍ରାହୀ ଓ ସରୋଜ ଗୁପ୍ତାଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୀମାଞ୍ଚଳ ପାଣିଗ୍ରାହୀଙ୍କ ଜନ୍ମଦିନ ପାଳନ କରାଯାଇଥିବା ବେଳେ ସୁଦୀପ ସାହୁଙ୍କ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ପୋଲସରାରେ 'ବିକାଶ ଧାରା ଓଡ଼ିଶା ସାରା'



ପୋଲସରା,୨୬।୬(ସମିସ): ପୋଲସରା ବ୍ଲକ ନିକଟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଗୁରୁବାର ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି କୁ ନେଇ ୨ ବର୍ଷ ମଧ୍ୟରେ ବିକାଶ ୨ଗୁଣା ହୋଇଥିବା ନେଇ ପ୍ରକାଶ କରିଥିଲେ। ପୋଲସରା ନିର୍ବାଚନୀ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶର କଥା ମନ୍ତ୍ରୀ ବଖାଣିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ରାସନ କାର୍ଡ, ଭତ୍ତା, ଆବାସ ଯୋଜନାରେ ଘର, ଏବଂ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓପିଏସସି ହାସଲ କାରି କସ୍ତୁରୀ ଅଚାରୀଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀଗୋକୁଳାନନ୍ଦ ମଲ୍ଲିକ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ଶଶିଭୂଷଣ ମହାପାତ୍ର, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ସାଂସଦ ପ୍ରତିନିଧି ଶରତ ପାଣିଗ୍ରାହୀ, ସିଡିପିଓ ତିଲୋତମା ରାଉତ, ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା କସ୍ତୁରୀ ଆଚାରୀ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ରାସନ କାର୍ଡ, ଭତ୍ତା, ଆବାସ ଯୋଜନାରେ ଘର, ଏବଂ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା।

**୨ ବର୍ଷର ଉନ୍ନୟନ କାମର ହିସାବ ଦେଲେ ମନ୍ତ୍ରୀ**

# 'ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଦଳରେ ପୂର୍ବବର୍ଷ ବହିରେ ପାଠ ପଢ଼ାଯାଉ'

ବ୍ରହ୍ମପୁର,୨୬।୬(ସମିସ)




ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନହେବା ଯାଏଁ ଗତବର୍ଷର ପୁରୁଣା ବହିରେ ଶିକ୍ଷାଦାନ କରିବା, ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ମୂର୍ଖ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ବର୍ଜନ କରିବାକୁ ଆଜି ବ୍ରହ୍ମପୁର ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦାବି କରାଯାଇଛି। ଏହା ସହ ଜାତୀୟ ଶିକ୍ଷାନୀତି ୨୦୨୦ଆଧାରିତ ଅବୈଜ୍ଞାନିକ ପାଠ୍ୟକ୍ରମ ତଥା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସମ୍ପୃକ୍ତ ସମସ୍ତଙ୍କୁ କଠୋର ଶାସ୍ତିଦେବା, ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା ପାଇଁ ଏଆଇଡିଏସଓ ଦାବି କରିଛି। ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ସରକାର ଚଳିତ ବର୍ଷ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି। ବର୍ତ୍ତମାନ ସୁଦ୍ଧା ୨୬୦୦ରୁ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରା ପଡ଼ିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି। ଆଗକୁ ଆହୁରି ବହୁ ସଂଖ୍ୟାରେ ଭୁଲ ବାହାରିବା ସମ୍ଭାବନା ରହିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, କେବଳ ବନାନ ନୁହେଁ ବରଂ ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ସ୍ଥାନିତ କରାଯାଇଛି। ଯାହା ଶିକ୍ଷାର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବ। ସରକାର ନିଜର ଭୁଲ୍ ଲୁଚାଇବାକୁ ଯାଇ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ "ସଂଶୋଧନ ଦଲିଲ' ପ୍ରସ୍ତୁତ କରିଛନ୍ତି ବୋଲି ଅଭିଯୋଗ ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ ବ୍ୟାପକ ତ୍ରୁଟି ରହିଛି। ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା'ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି। ଏହା ସରକାରୀ ବ୍ୟବସ୍ଥାର ଚରମ ଅପାରଗତାକୁ ଦର୍ଶାଉଛି। ଏହି ସଂଶୋଧନ ଦଲିଲ ଦେଇ ଶିକ୍ଷକମାନଙ୍କୁ ଅଧିକ ଚାପଗ୍ରସ୍ତ କରି ସରକାର ନିଜର ଦାୟିତ୍ୱରୁ ଓହରି ଯିବାର ପ୍ରୟାସ କରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଆଇଡିଏସଓ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏଆଇଡିଏସଓ ପକ୍ଷରୁ ଏହି ଆନ୍ଦୋଳନକୁ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ବିଦ୍ୟାଳୟ ସ୍ତରରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଛି। ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାପ୍ରେମୀ ଜନଗଣଙ୍କୁ ସାମିଲ କରି ଏହି ଗଣଆନ୍ଦୋଳନକୁ ତୀବ୍ରତର ତଥା ଶକ୍ତିଶାଳୀ କରାଯିବ ବୋଲି ଏଆଇଡିଏସଓର ନେତୃବୃନ୍ଦ ଘୋଷଣା କରିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଶିବାନୀ ଶଙ୍କର ମିଶ୍ର, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସଂପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ ଏବଂ ଜିଲ୍ଲା ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଶିକ୍ଷା ବିରୋଧୀ ନୀତିକୁ ଦୃଢ଼ ନିନ୍ଦା କରିଥିଲେ।

## ବଜ୍ରପାତରେ ବଡ଼ଭାଇ ମୃତ, ସାନ ଗୁରୁତର

ନୂଆଗଡ଼,୨୬।୬ (ସମିସ) : ଗଜପତି ଜିଲ୍ଲା ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଅନୁଗୁର ପଞ୍ଚାୟତର କଟାମା ଗାଁରେ ବଜ୍ରପାତ ଘଟି ବଡ଼ଭାଇର ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଜେରଦ ରଇତ(୩୦) । ଖବର ନେବାରୁ ଜଣାପଡ଼ିଛି ଯେ, ଜେରଦ ଏବଂ ତାଙ୍କ ସାନଭାଇ ମୋଜେଶ ରାସନ ଚାଉଳ ଆଣିବା ପାଇଁ ମଧ୍ୟାହ୍ନରେ ନିଜ ଗ୍ରାମ କଟାମାରୁ ପ୍ରାୟ ୬କିମି ଦୁରତାରେ ଥିବା ପଞ୍ଚାୟତ ସଦରମହକୁମା ଅନୁଗୁରୁ ଯାଉଥିବା ସମୟରେ ବଜ୍ରପାତ ଘଟିଥିଲା। ଏହା ଫଳରେ ଦୁଇ ଭାଇ ଗୁରୁତର ହୋଇ



ଯାଇଥିଲେ। ଦୁଇ ଜଣଙ୍କୁ ପରିବାର ଲୋକ ତୁରନ୍ତ ଉଦ୍ଧାର କରି ଆର୍.ଉଦୟଗିରି ମେଡିକାଲରେ ଭର୍ତି କରିଥିଲେ କ୍ଷ ତେବେ ଡାକ୍ତର ବଡ଼ ଭାଇ ଜେରଦଙ୍କୁ ମୃତ ଘୋଷଣା କରିଥିଲେ। ସାନ ଭାଇ ମୋଜେଶ୍ ଗୁରୁତର ହୋଇପଡିଥିବା ଯୋଗୁଁ ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ରା. ଉଦୟଗିରି ଥାନା ପୋଲିସ ମୃତ ବଡ ଭାଇର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବାର ଜଣାପଡିଛି। ତେବେ ଏନେଇ ଆର୍.ଉଦୟଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଥାନା ସୂତ୍ରରୁ ପ୍ରକାଶ।

## ରାଜରାସ୍ତାରେ ମାଳମାଳ ଗୋରୁଗାଈ; ବଢୁଛି ଦୁର୍ଘଟଣା



ଜି ଉଦୟଗିରି,୨୬ ।୬(ସମିସ): ଜି ଉଦୟଗିରି ସହରର ରାଜରାସ୍ତାରେ ମାଳମାଳ ଗୋରୁଗାଈ ବିଚରଣ କରୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଏହା ଦିନକୁଦିନ ସମସ୍ୟା ବଢିବାକୁ ଲାଗିଛି । ଏବେ ରାସ୍ତା ଉପରେ ସାରା ରାତି ଗୋଠ ଗୋଠ ଗୋରୁଗାଈ ଶୋଇ ରହିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ବେଳେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଯାହା ଚିନ୍ତାର କାରଣ ହୋଇଛି। ନୂତନ ପରିଷଦ ଆସିଲେ କେବଳ ନାମକୁ ମାତ୍ର ଥରେ ଡକାବାଜି ଯନ୍ତ୍ରରେ ଘୋଷଣା କରି ପରିଷଦ ଦାୟିତ୍ୱ ସାରି ଦେଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ଗୋ ମାଲିକମାନେ ଅବାଧରେ ଗୋରୁ ଗାଈଙ୍କୁ ଛାଡିଥାନ୍ତି । ଏପରିକି କୌଣସି ଦୁର୍ଘଟଣା ହେଲେ ମଧ୍ୟ ମାଲିକମାନେ ନଆସିବା ଦେଖିବାକୁ ମିଳୁଛି । ଯାହାଫଳରେ ଗୋରକ୍ଷକ ମାନେ ଗାଈ ଗୋରୁଙ୍କୁ ନେଇ ସେବା କରି ସୁସ୍ଥ କରିଥାନ୍ତି। ଏହା ସହିତ ଗୋରକ୍ଷ ଙ୍କ ତରଫରୁ ଗୋରୁ ଗାଈ ଙ୍କ ପାଇଁ ରିଫଲେକ୍ଟ ବେଲ୍ଟ ବ୍ୟବସ୍ଥା କରି ଗୋରୁ ଗାଈ ଙ୍କ ବେକ ରେ ଲଗାଯିବ ବୋଲି କୁହାଯାଇଥିବା ବେଳେ ଦୁର୍ଘଟଣା କମିବା ଆଶା କରାଯାଉଛି । ଅନ୍ୟପଟେ ପରିଷଦ ତରଫରୁ ସଚେତନ କରି କାର୍ଯ୍ୟାନୁଷ୍ଠାନ ନେଲେ ଟ୍ରଫିକ ସମସ୍ୟା କରିବା ସହିତ ଦୁର୍ଘଟଣା ହ୍ରାସ ପାଇବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ମହିଳାଙ୍କୁ ନିର୍ବସ୍ତ୍ର କରି ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ କୋର୍ଟଙ୍କ ଭର୍ତ୍ସନା

ମୋହନା,୨୬/୬(ସମିସ) ପୂର୍ବ ଶତ୍ରୁତାକୁ ନେଇ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ନିର୍ବସ୍ତ୍ର କରିବା ସହ ମାଡ଼ ମାରି ଲହୁଲୁହାଣ କରିବା ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମୋହନାର ଜେଏମ୍ଏଫସି ବିକାଶ କିରଣ ମିଶ୍ର ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩(ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ମୋହନା ଥାନା ଅନ୍ତର୍ଗତ କାର୍ଚ୍ଚାବାଡ଼ି ଗ୍ରାମର ପ୍ରଭାକର ସାହୁ (୩୮ ବର୍ଷ) ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ସୁଶାନ୍ତ କୁମାର ମଲ୍ଲିକ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ରଙ୍କ ସୂଚନା ପ୍ରକାରେ ମୋହନା ଥାନା ଅନ୍ତର୍ଗତ କାର୍ଚ୍ଚାବାଡ଼ି ଗ୍ରାମର ଏତଲାକାରିଣୀ ବିଷ୍ଣୁପ୍ରିୟା ସାହୁ ତା ୨୧-୧୦-୨୦୧୭ ରିଖ ଦିନ ଟ୍ୟୁବୱେଲରୁ ପାଣି ଆଣିବାକୁ ଯାଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଜଣଙ୍କ ସେହି ସ୍ଥାନକୁ ଆସି ଅତର୍କିତ ଭାବେ ମହିଳାଙ୍କ ତଣ୍ଟି ଚିପି ତାଙ୍କୁ ଗାଁ ଦାଣ୍ଡରେ ପକାଇ ଦେଇଥିଲେ ଓ ନିର୍ବସ୍ତ୍ର କରିବା ସହ ଅସଦାଚରଣ କରିଥିଲେ । ପରେ ଏତଲାକାରିଣୀଙ୍କୁ ଅଭଦ୍ର ଭାଷାରେ ଗାଳି କରିବା ସହ ତାଙ୍କ ନାକ, କାନ ତଥା ମୁହଁକୁ ଆକ୍ରମଣ କରି ରକ୍ତାକ୍ତ କରିଦେବା ସହ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏତଲାକାରିଣୀଙ୍କ ସ୍ୱାମୀ ଏ ବିଷୟରେ ଜାଣିବା ପରେ ସେହି ଦିନ ହିଁ ଏତଲାକାରିଣୀ ମୋହନା ଥାନାରେ ମାମଲା ନମ୍ବର ୧୨୭/୨୦୧୭ ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତତ୍କାଳୀନ ଏସ.ଆଇ. ପିଙ୍କି କୁମାରୀ ମୁର୍ମୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଶେଷରେ ୭ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୩ ଅନୁଯାୟୀ ଭର୍ତ୍ସନା କରି ଏ ଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଘଟଣାର ଗମ୍ଭୀରତା ତଥା ବିଳମ୍ବିତ ନ୍ୟାୟ ବ୍ୟବସ୍ଥାକୁ ନଜରରେ ରଖି ଅଭିଯୁକ୍ତଙ୍କୁ ଭବିଷ୍ୟତରେ ମହିଳାଙ୍କ ବିରୁଦ୍ଧରେ ଏଭଳି ଧର୍ତ୍ତବ୍ୟ ଅପରାଧ ନ କରି ସମାଜରେ ଉତ୍ତମ ନାଗରିକ ହୋଇ ରହିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି ।

### ଜି .ଉଦୟଗିରି ବନ ବିଭାଗର ଅବହେଳା

# ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀ

ଜି .ଉଦୟଗିରି୨୬ ।୬(ସମିସ)

କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ବ୍ଲକ ଅଧୀନ ସାକାଡ଼ି ଗ୍ରାମରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ଲଗାତାର ଜାରି ରହିଥିବା ବେଳେ ବନ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି ଗ୍ରାମ ନିକଟସ୍ଥ ଜଙ୍ଗଲରେ ହାତୀପଲ ବିଚରଣ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ପ୍ରଭାବୀ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗ୍ରାମବାସୀଙ୍କ କହିବାନୁସାରେ, କିଛି ମାସ ପୂର୍ବରୁ ଜଙ୍ଗଲି ହାତୀ ଆକ୍ରମଣରେ ଅଞ୍ଚଳର ୫ ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଘର ଓ ଚାଷଜମିର ବ୍ୟାପକ କ୍ଷତି ହୋଇଥିଲା। ଏହା ପରେ ମଧ୍ୟ ସ୍ଥାୟୀ ପଦକ୍ଷେପ ନିଆଯାଇନଥିବାରୁ ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସମ୍ପ୍ରତି ସାକାଡ଼ି ଗ୍ରାମରେ ହାତୀ ଉପଦ୍ରବରେ ଏକ ମଠ ଘର ସମ୍ପୂର୍ଣ୍ଣ ଧ୍ୱଂସ ହେବା ସହ ଅନେକ ପରିବାରର ଘର ଏବଂ ଫସଲ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ବନବିଭାଗ କୌଣସି ପାଟ୍ରୋଲିଂ, ସତର୍କତା ବାର୍ତ୍ତା କିମ୍ବା ହାତୀ ଘଉଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି। ବନ ବିଭାଗର ଏହିଭଳି ନିଷ୍କ୍ରିୟତା କାରଣରୁ ଆମ ଜୀବନ ଓ ସମ୍ପତ୍ତି ସର୍ବଦା ବିପଦ ମଧ୍ୟରେ ରହିଛି। ଘଟଣା ଘଟିବା ପରେ ପରେ ମଧ୍ୟ କୌଣସି ବନ ବିଭାଗ ଅଧିକାରୀ କି କର୍ମଚାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରିନାହାନ୍ତି, ଯାହା ସେମାନଙ୍କର ଅବହେଳାକୁ ପ୍ରମାଣିତ କରୁଛି। ମଠ ପରିଚାଳକ ସଚିନ୍ଦ୍ର ପ୍ରଧାନ, ଅଶୋକ ମଲ୍ଲିକ, ବୁଲା ପ୍ରଧାନ, ଉଦ୍ୟ ଅନ୍ୟାନ୍ୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ବାରମ୍ବାର ଜି .ଉଦୟଗିରି ବନାଞ୍ଚଳ ଅଧିକାରୀ, ବନପାଳ ଏବଂ ସମ୍ପୃକ୍ତ ଫରେଷ୍ଟ ଗାର୍ଡଙ୍କୁ ଅବଗକରାଇଥିଲେ ମଧ୍ୟ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଇନଥିଲେ। ଏହି ଘଟଣାକୁ ନେଇ ସଚିନ୍ଦ୍ର ପ୍ରଧାନ, ଅଶୋକ ମଲ୍ଲିକ, ବୁଲା ପ୍ରଧାନ , ଉଦ୍ୟ ନାୟକ, ଅଶୋକ ନାୟକ, ହେମନ୍ତ ପ୍ରଧାନ ରାଜେଶ୍ ପ୍ରଧାନ, ଫିରୋଜ ପ୍ରଧାନ, ଅନିଲ ମାଲିକ, ସୁରେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ଅନ୍ୟ ଗ୍ରାମବାସୀ ଜି .ଉଦୟଗିରି ଥାନାରେ ଜି .ଉଦୟଗିରି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଆମ ପ୍ରତିନିଧିଙ୍କୁ କହଛନ୍ତି ଯେ ଏହା ଆମ କାମ ନୁହଁ। ଏଣୁ ବିଭାଗୀୟ ଅଧିକାରୀ ବନଖଣ୍ଡ ଅଧିକାରୀ ପ୍ରତାପ କାଟାପାଲିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପ୍ରତିଶୃତି ଦେଇଥିବା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ), କନ୍ଧମାଳ ଜିଲ୍ଲାପାଳ, ଡିଏଫଓ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ମଧ୍ୟ ଲିଖିତ ଅଭିଯୋଗ ପଠାଇଥିବା ଜଣାପଡ଼ିଛି। ଗ୍ରାମବାସୀମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାସହ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ନିବେଦନ କରିଛନ୍ତି।



**ବନ କର୍ମଚାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ**

## ହିଲ୍ ଟପ୍ ମହାବିଦ୍ୟାଳୟ ଠାରେ ଜାତୀୟ ପାଠଚକ୍ର ଅନୁଷ୍ଠିତ



ମୋହନା,୨୬।୬(ସମିସ): ଓଡ଼ିଆ ସାହିତ୍ୟ ଏକାଡେମୀ ଓ ହିଲଟପ୍ ସ୍ନାତକ ମହାବିଦ୍ୟାଳୟ, ମୋହନାର ମିଳିତ ଆନୁକୂଲ୍ୟରେ "୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପ ଓ ଉପନ୍ୟାସ' ବିଷୟ ଆଧାରିତ ଏକ-ଦିବସୀୟ ଜାତୀୟ ପାଠଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବରେ କଥାକାର ଗୌରହରି ଦାସ ଯୋଗଦେଇ ୧୯୮୦ ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିବା ସହ ନିଦରୁ ଉଠାଇବା ପାଇଁ ଆଜିର ଗଳ୍ପ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବରେ କେନ୍ଦ୍ର ଏକାଡେମୀ ପୁରସ୍କାର ପ୍ରାପ୍ତ କଥାକାର ଡ. ଅରବିନ୍ଦ ରାୟ ମଞ୍ଚାସିନ ହୋଇ ତାଙ୍କ ବକ୍ତବ୍ୟରେ ଧର୍ମର ବଜାରୀକରଣ ଏବଂ ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପ ହଜାଇଥିବା ସଂସ୍କୃତି ପରମ୍ପରାକୁ ଖୋଜୁଛି ବୋଲି ମତ ପୋଷଣ କରିଥିଲେ । ଉଦ୍ଘାଟକ ଭାବେ ଦକ୍ଷିଣାଞ୍ଚଳ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ସିତମ୍ ପେଟା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ ଜେନା ମଞ୍ଚାସିନ ଥିଲେ । ଭରତପତି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ପାଠଚକ୍ରରେ ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ କଳିଙ୍ଗ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଡ. ଚନ୍ଦ୍ର ଶେଖର ଦାସ,ଡ. ବିରଞ୍ଚି ସାହୁ, ସିଲୁ ମଣ୍ଡଳ, ପ୍ରମୁଖ କଥା ସାହିତ୍ୟର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ପର୍ବ ପାଳନ ହୋଇଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡ. ପ୍ରଣବାନନ୍ଦ ପାଙ୍ଗଯୋଶୀ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ,ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଟିକାବାଲିରେ ବ୍ଲକ୍ସ୍ତରୀୟ କୃଷକ କର୍ମଶାଳା

ଟିକାବାଲି, ୨୬।୬(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ସମ୍ପର୍କିତ ଏକ ବ୍ଲକସ୍ତରୀୟ ଆଲୋଚନାଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଟିକାବାଲି ଗୋଷ୍ଠୀ କୃଷି ଅଧିକାରୀ ସ୍ୱାଗତିକା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୧୦୦ ଜଣ ପ୍ରଗତିଶୀଳ ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ବିଶେଷଜ୍ଞମାନେ ପ୍ରାକୃତିକ କୃଷିର ଆବଶ୍ୟକତା, ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ ସାରର ବ୍ୟବହାର ଏବଂ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିଥିଲେ। ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ପଦ୍ଧତି ଆପଣେଇଲେ ଚାଷ ଖର୍ଚ୍ଚ କମିବା ସହ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ସରକାରଙ୍କ ବିଭିନ୍ନ କୃଷି ଜନକଲ୍ୟାଣ ଯୋଜନା ଓ ଏହାର ସୁଫଳ କିପରି ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି କର୍ମଶାଳାରେ ଉପସ୍ଥିତ ଚାଷୀମାନେ ଏହି ଅଭିନବ ପ୍ରଶିକ୍ଷଣକୁ ସ୍ୱାଗତ କରିବା ସହ ଶିଖିଥିବା ନୂତନ ଜ୍ଞାନକୌଶଳକୁ ନିଜ ଚାଷରେ ପ୍ରୟୋଗ କରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ ଚେୟାରମ୍ୟାନ ଦିଲୀପ କଂହର, ସମିତି ଉପାଧ୍ୟକ୍ଷା ପ୍ରସ୍ମିତା ପ୍ରଧାନ, ଅନୁସୂଚିତ ଜାତି ମୋର୍ଚ୍ଚାର ରାମବିଶି ଦିଗାଲ, ବ୍ଲକ କୃଷକ ମୋର୍ଚ୍ଚା ସଂଯୋଜକ ମିଥୁନ ଦିଗାଲ ଏବଂ ଏଫ ଆଇ ଏ ସି ଚେୟାରମ୍ୟାନ ଗ୍ରାମସେବକ କଂହର ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବ୍ଲକ କୃଷି ଅଧିକାରୀ ଶୁଭସ୍ମିତା ସାହୁ, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ଅସୀମ ପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧୀଦର୍ଶକ, ସହକାରୀ ବୈଷୟିକ ପରିଚାଳକ, କୃଷି ଅଧିଦର୍ଶକ ଓ କୃଷି ଗ୍ରାମ ସେବିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଟିକାବାଲିରେ ପ୍ରଥମ ବ୍ଲକ୍ସ୍ତରୀୟ ଶିକ୍ଷକ ସମୀକ୍ଷା ବୈଠକ

ଟିକାବାଲି, ୨୬।୬(ସମିସ): ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ପ୍ରଥମ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମୀକ୍ଷା ବୈଠକ ସ୍ଥାନୀୟ ଅଞ୍ଚଳରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସିଆରସିସି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦିଗାଲ ଶିକ୍ଷାର ମାନସୂଚକ ବୃଦ୍ଧି ଏବଂ ବିଦ୍ୟାଳୟର ସାମଗ୍ରିକ ବିକାଶ ଉପରେ ଏକ ପ୍ରେରଣାଦାୟୀ ଓ ଗଠନମୂଳକ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, କେବଳ ପାଠ୍ୟପୁସ୍ତକ ଶିକ୍ଷା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱକୁ ବୁଝି ଅଭିନବ ଉପାୟରେ ଶିକ୍ଷାଦାନ କରିବା ଆଜିର ସମୟର ଆବଶ୍ୟକତା। ଶିକ୍ଷାଦାନକୁ ସହଜ ଓ ଆକର୍ଷଣୀୟ କରିବା ପାଇଁ 'ପଞ୍ଚପଦୀ ଲେସନ ପ୍ଲାନ'ର ସଠିକ୍ ଅନୁପାଳନ ଏବଂ ସୁଲଭ ଶୈକ୍ଷିକ ଉପକରଣ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ଶିକ୍ଷକମାନଙ୍କ ସମୟାନୁବର୍ତ୍ତିତା, ବିଦ୍ୟାଳୟ ପରିବେଶର ସ୍ୱଚ୍ଛତା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ମଧ୍ୟରେ ମଧ୍ୟାହ୍ନ ଭୋଜନ, ପୋଷାକ ଓ ପାଠ୍ୟପୁସ୍ତକ ବଣ୍ଟନ, ୟୁ-ଡାଇସ୍ ପ୍ଲସ୍ ଏବଂ 'ଉଲ୍ଲାସ' ପାଠ୍ୟକ୍ରମରେ ପଞ୍ଜୀକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଆଗାମୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବ୍ଲକର ଛାତ୍ରଛାତ୍ରୀ ଯେପରି ଶତପ୍ରତିଶତ ସଫଳତା ହାସଲ କରିପାରିବେ, ସେଥିପାଇଁ ଏବେଠାରୁ ସ୍ୱେଚ୍ଛାକୃତ ଓ ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ପ୍ରଧାନ ଶିକ୍ଷକମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଶିକ୍ଷାର ଉନ୍ନତି ପାଇଁ ନିୟମିତ ଭାବେ ଅଭିଭାବକ ସମ୍ମିଳନୀ କରି ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଶେଷରେ ସମସ୍ତ ବିଦ୍ୟାଳୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁର ସମାଧାନ ସହ ବୈଠକ ସାଙ୍ଗ ହୋଇଥିଲା ।



# ଜାତୀୟ ରାଜପଥ କଡ଼ରେ ବିପଦପୂର୍ଣ୍ଣ ମାଛ ବଜାର

### ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ, ପ୍ରଶାସନିକ ଅବହେଳାକୁ ନେଇ ଜନଅସନ୍ତୋଷ

ରାୟଗଡ଼(ଗଜପତି)୨୬।୬(ସମିସ)

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାର ମାଛ ବଜାର ରାଜ ରାସ୍ତାରେ ପସରା ମେଲା ଯାଉଛି। ଏହା ଏବେ ଜନ ସାଧାରଣ ଏବଂ ବ୍ୟବସାୟୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ଦୀର୍ଘ ଦିନ ହେବ ଏଠାରେ କୌଣସି ସ୍ଥାୟୀ ବଜାର ଗୃହ ନଥିବାରୁ ମାଛ ବ୍ୟବସାୟୀମାନେ ଜାତୀୟ ରାଜପଥ ୩୨୬(ଇ)ର ରାସ୍ତା ଉପରେ ବସି ଅତି ବିପଦପୂର୍ଣ୍ଣ ଭାବେ ବ୍ୟବସାୟ କରୁଛନ୍ତି। ଫଳରେ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଉଛି। ପ୍ରତ୍ୟେକ ଦିନ ସକାଳୁ ଏହି ମାଛ ବଜାରରେ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ମାଛ କିଣିବାକୁ ଆସୁଥିବା ଲୋକେ ମୁଖ୍ୟ ରାସ୍ତା ଉପରେ ଠିଆ ହୋଇ ମାଛ କିଣୁଛନ୍ତି। ଫଳରେ ଅନେକ ଟ୍ରାଫିକ ସମସ୍ୟା ହେବା ସାଙ୍ଗକୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ଓ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଆଶ୍ଚର୍ଯ୍ୟର କଥା, ରାୟଗଡ଼ ପଞ୍ଚାୟତ ତରଫରୁ ଏହି ଗରିବ ବ୍ୟବସାୟୀଙ୍କ ଠାରୁ ନିୟମିତ ଭାବେ ଟିକସ (ଖଜଣା) ଆଦାୟ କରାଯାଉଛି। ମାତ୍ର ସେମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ କିମ୍ବା ଏକ ନିର୍ଦ୍ଦିଷ୍ଟ ବଜାର ପ୍ରାଙ୍ଗଣ ଯୋଗାଇ ଦିଆଯାଉ ନାହିଁ। ପଞ୍ଚାୟତର ଏହି ଦୋମୁହାଁ ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ, ଏହି ମାଛ ବଜାରଟି ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି। ବ୍ୟବସାୟୀ ମାନେ ଯେଉଁଠାରେ ପସରା ମେଲୁଛନ୍ତି। ସେପାଖକୁ ଲାଗି ବଜାରର ଗ୍ରାମର ଅଳିଆ ଆବର୍ଜନା କୁଢ଼ କୁଢ଼ ଜମା ହୋଇ ରହିଛି। ଚାରିଆଡ଼େ ଦୁର୍ଗନ୍ଧ ହେଉଥିଲେ ହେଁ, ବାଧ୍ୟ ହୋଇ ଲୋକେ ସେହି ଦୁର୍ଗନ୍ଧମୟ ପରିବେଶରେ ଠିଆ ହୋଇ ମାଛ କିଣାବିକା ଚାଲୁଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ଦେଖାଦେଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ପାଇଁ ଏକ ସ୍ଥାୟୀ ବଜାର ଗୃହ ନିର୍ମାଣ କରୁ ଏବଂ ଜାତୀୟ ରାଜପଥକୁ ଟ୍ରାଫିକ ଓ ଦୁର୍ଘଟଣାମୁକ୍ତ କରିବା ସହ ପରିବେଶ ସ୍ୱଚ୍ଛତା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହାଲରୁ ଦାବି ହେଉଛି। ଏନେଇ ପିଇଓ ସନ୍ତୋଷ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।



## ନଷ୍ଟ କରାଗଲା ତିନି ହଜାର କେଜି ଜବତ ଚୋରା ଗଞ୍ଜେଇ

ମୋହନା,୨୬/୬(ସମିସ) ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା ଡ୍ରଗ ଡିସ୍ପୋଜାଲ କମିଟିର ଅଧ୍ୟକ୍ଷ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଆର. ଉଦୟଗିରି ଥାନା ପକ୍ଷରୁ ବିଭିନ୍ନ ଏନଡିପିଏସ୍ ମାମଲାରେ ଜବତ ହୋଇଥିବା ୩,୧୧୬ କିଲୋଗ୍ରାମ ଚୋରା ଗଞ୍ଜେଇକୁ ନଷ୍ଟ କରାଯାଇଛି । ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟାକୁ ଅନୁସରଣ କରି ନଷ୍ଟ ପ୍ରକ୍ରିୟା କରାଯାଇଥିବାର ଜଣାପଡିଛି । ସୂଚନା ପ୍ରକାରେ ଆର୍.ଉଦୟଗିରି ଥାନା ପକ୍ଷରୁ ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ବିଗତ କିଛି ମାସ ହେଲା ଗଞ୍ଜେଇ ଧରପଗଡ ବ୍ୟାପକ ଭାବ କରାଯାଇଥିଲା । ଏହି ଧରପଗଡ ସମୟରେ ବ୍ୟାପକ ଗଞ୍ଜେଇକୁ ଜବତ କରିଥିଲା ଆର୍. ଉଦୟଗିରି ପୋଲିସ । ତେବେ ଜବତ ହେବା ପରେ ଏନଡିପିଏସ୍ ଆଇନର ବ୍ୟବସ୍ଥା ଅନୁଯାୟୀ ଆର୍. ଉଦୟଗିରି ଜେଏମଏଫସିଙ୍କ ସମ୍ମୁଖରେ ଚୋରା ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଡ୍ରଗ ଡିସ୍ପୋଜାଲ କମିଟିକୁ ନିଷ୍କାସନ ପାଇଁ ଏକ ପ୍ରସ୍ତାବ ପଠାଯାଇଥିଲା ଏବଂ ଏହାକୁ ଯଥାସମ୍ଭବ ଅନୁମୋଦନ କରାଯାଇଥିଲା। ତଦନୁସାରେ ଗଞ୍ଜାମ ଜିଲ୍ଲାର ଶେରଗଡ଼ ଠାରେ ଥିବା ସାମଗ୍ରୀ ନଷ୍ଟ କରିବା ଉପକରଣ ସାହାଯ୍ୟରେ ଜବତ ଚୋରା ଗଞ୍ଜେଇ ଗୁଡିକୁ ନଷ୍ଟ କରାଯାଇଥିଲା। ଏହି ପ୍ରକ୍ରିୟା ସମୟରେ ସେଠାରେ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପୁଲିସ ମୁଖ୍ୟାଳୟର ଉପଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ଡେପୁଟି କଲେକ୍ଟର ଏବଂ ଆର. ଉଦୟଗିରି ଥାନା ଅଧିକାରୀଙ୍କ ଉପସ୍ଥିତ ରହିଥିଲେ।



# ସୁଜାତାଙ୍କ ନାଁରେ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ

**ବିଶ୍ୱାସ ନ କରିବାକୁ ବିଜେଡି ମିଡିଆ ସଂଯୋଜକଙ୍କ ଅନୁରୋଧ**

ଭୁବନେଶ୍ୱର,୨୬।୬(ସମିସ): ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତ ବିଜେଡିରେ ଯୋଗ ଦେବା ପରେ ତାଙ୍କ ନାମରେ ମାଳ ମାଳ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଗୁଡ଼ିକରୁ ତାଙ୍କର ଗତିବିଧିଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ପୋଷ୍ଟ କରାଯାଉଛି। ହେଲେ ବାସ୍ତବରେ ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ବିଜୁ ଜନତା ଦଳରେ ସାମିଲ ହୋଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତଙ୍କ ନାଁରେ କେହି ବ୍ୟକ୍ତି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ପୋଷ୍ଟ କରୁଥିବା ନଜରକୁ ଆସିଛି। ମାତ୍ର ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ। ଫେକ୍ ଆକାଉଣ୍ଟ ଜରିଆରେ ହେଉଥିବା ପୋଷ୍ଟଗୁଡ଼ିକୁ ବିଶ୍ୱାସ ନକରିବାକୁ ସେ ଅନୁରୋଧ କରିଛନ୍ତି।

# ୩୫ ଓ ୩୬ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ

**ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'**

**'ପୁଷ୍କରା' ଓ 'ଆଶ୍ରମ' ଓ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ**

**ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ**





ଭୁବନେଶ୍ୱର, ୨୬।୬ (ସମିସ): ୨୦୨୩ ଓ ୨୦୨୪ ବର୍ଷ ପାଇଁ ୩୫ ଓ ୩୬ ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ଶୁକ୍ରବାର ଲୋକସେବା ଭବନ କନେଭେସନ ହଲ୍‌ରେ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କରାଯିବା ସହ ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୩ ମସିହା ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ମସିହା ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

୨୦୨୩ ମସିହା ନିମନ୍ତେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପୁଷ୍କରା' ଏବଂ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ଅଭିନେତା ଭାବେ ହରିହର ମହାପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୁପ୍ରିୟା ନାୟକ ଓ ନୈନା ଦାସଙ୍କୁ ପୁରସ୍କୃତ କରାଯାଇଛି। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ପିନାକୀ ସିଂ, ଶ୍ରେଷ୍ଠ ପାୱାର୍ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ପାୱାର୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଆଲିଆ ନନ୍ଦ, ଶ୍ରେଷ୍ଠ କାହାଣୀକାର ପିନାକୀ ଶ୍ରୀଚନ୍ଦନ, ଶ୍ରେଷ୍ଠ ସଂଳାପ ଲେଖକ ଭରଦ୍ୱାଜ ପଣ୍ଡା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିର୍ମଳ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ୨୦୨୪ ବର୍ଷ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତପନ କୁମାର ଦାସଙ୍କ 'ଆଶ୍ରମ' ସିନେମା ପୁରସ୍କାର ଗ୍ରହଣ କରିଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ଶ୍ରେଷ୍ଠ ଅଭିନେତା ଭାବେ ବାବୁଶାନ୍ ଏବଂ ଅଭିନେତ୍ରୀ ଭାବେ ଦେବଯାନୀ ଦେଘୁରିଆଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ପାୱାର୍ ଅଭିନେତା ଭାବେ ସୁକାନ୍ତ ରଥ, ପାୱାର୍ ଅଭିନେତ୍ରୀ ଲିପ୍ସା ମିଶ୍ର, ଶ୍ରେଷ୍ଠ ଖଳ ଅଭିନେତା ହର ରଥ, ଖଳ ଅଭିତେନ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ଶିଶୁ ଅଭିନେତା ଲତାସା ଖୁରାନା, ଶ୍ରେଷ୍ଠ କାହାଣୀକାର ଭାବେ ଅଜୟ ମହାପାତ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପକ କୁମାର ପରିଡ଼ା, ଗାୟିକା ଅର୍ପିତା ଚୌଧୁରୀ, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର 'ଅନୁଭବ', ଶ୍ରେଷ୍ଠ ପ୍ରମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ-କାହାଣୀ କହେ-ବାହୁନା କନ୍ଦା', ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର 'ସିନ୍ଦୁରା', ଶ୍ରେଷ୍ଠ ସିନେମା ପୁସ୍ତକ ଡ. ରଞ୍ଜନ କୁମାର ରଥଙ୍କ 'ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା'କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ସିନେମା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୁରସ୍କାରପ୍ରାପ୍ତ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ମିସ୍ ୟୁନିଭର୍ସ ଫାଇନାଲ୍‌ରେ ବ୍ରହ୍ମପୁର ଝିଅ ପୁନମ୍ ମନୋନୀତ




ବ୍ରହ୍ମପୁର, ୨୬।୬ (ସମିସ): ଦେଶର ସବୁଠୁ ବୃହତ୍ତମ ଓ ସଂଭ୍ରାନ୍ତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବ୍ରହ୍ମପୁରର ଝିଅ ପୁନମ ମହାରଣା। ୨୨ ବର୍ଷୀୟା ପୁନମ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ମୁକୁଟ ଜିତିବା ପରେ ଅଗଷ୍ଟରେ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଶେଷଜ୍ଞତା ହାସଲ କରିଛନ୍ତି। ରାଜ୍ୟସ୍ତରୀୟ ଚୟନ ପର୍ଯ୍ୟାୟରେ ପ୍ରାୟ ୧୦୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବିଜୟୀ ହୋଇଛନ୍ତି ଏବଂ ଏହି ସଫଳତା ପଛରେ ବାପା ବିଭୁଦେନ୍ଦ୍ର ମହାରଣା, ମା' ସଙ୍ଗୀତା ମହାରଣାଙ୍କ ପ୍ରେରଣା ଥିବା ସେ କହିଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ପୁନମ ବର୍ତ୍ତମାନ ବ୍ୟକ୍ତିତ୍ୱ ବିକାଶ, ମଞ୍ଚ ଉପସ୍ଥାପନା ଓ ଯୋଗାଯୋଗ କୌଶଳ ଉପରେ ବିଶେଷ ପ୍ରଶିକ୍ଷଣ ନେଉଛନ୍ତି। ପରିବେଶ ସୁରକ୍ଷା, ସମାଜସେବା ଓ ଉଦ୍ୟୋଗ କ୍ଷେତ୍ରରେ କାମ କରିବାକୁ ମଧ୍ୟ ସେ ନିଜର ପ୍ରମୁଖ ଲକ୍ଷ୍ୟ ବୋଲି ଉଲ୍ଲେଖ କରି ଓଡ଼ିଶା ପାଇଁ ଜାତୀୟ ମଞ୍ଚରେ ପ୍ରତିନିଧିତ୍ୱ କରିବା ଗର୍ବର ବିଷୟ ବୋଲି ପୁନମ୍ କହିଛନ୍ତି।

**ରାଜ୍ୟ କମିଟି ଘୋଷଣା କଲା ଓଜେସି**

# କମିଟିରେ ୬ ଉପସଭାପତି, ୧୦ ସାଧାରଣ ସମ୍ପାଦକ


ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ପ୍ରଥମ ରାଜ୍ୟ କମିଟି ଘୋଷଣା କରାଯାଇଛି। ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅନୁମୋଦନ କ୍ରମେ ଓଜେସିର ଏକ ୨୬ ଜଣିଆ ରାଜ୍ୟ କମିଟି ଘୋଷଣା ହୋଇଛି। ଉକ୍ତ କମିଟିରେ ୬ ଜଣ ରାଜ୍ୟ ଉପସଭାପତି, ୧୦ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ଭାବେ ସ୍ଥାନ ପାଇଛନ୍ତି। ଉପସଭାପତିମାନଙ୍କ ମଧ୍ୟରେ ବଦ୍ରି ନାରାୟଣ ମହାନ୍ତି, ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ନଜିବୁର ରେହମାନ ଖାନ୍, ପ୍ରଦୀପ ପ୍ରଧାନ, ରଞ୍ଜିତା ରାଉତ ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ରାଉତ, ସୁଜିତ୍ ସ୍ୱାଇଁ, ଶୁଭେନ୍ଦୁ ମଲ୍ଲିକ, ସୋମନାଥ ରାଉତ, ନରେଶ ମହାନ୍ତି, ଅନିତା ନାୟକ, ସଞ୍ଜୟ ରାୟ, ଲଳିତ ମୋହନ ପ୍ରଧାନ, ପ୍ରସନ୍ନ ବିଷୋୟୀ, ଦୀପକ କୁମାର ପରିଡା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଭିନ୍ନ ଭିନ୍ନ ଜିଲ୍ଲା ଓ ବର୍ଗର ନେତୃତ୍ୱ ମାନଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ବୀରେନ୍ଦ୍ର ପ୍ରଧାନ, ତପନ ରାଉତରାୟ, ଦିଲ୍ଲୀପ ରାଉତ, ଅଖିଳ ମୋହନ ଦାସ, କୃଷ୍ଣାନନ୍ଦ ସାହୁ, ଆଦିତ୍ୟ ଗିରି, କାଳିପ୍ରସାଦ ମଲ୍ଲିକ, ଅଂଶୁମାନ ଦାସ, ସୋନାଲି ମହାପାତ୍ର ଏବଂ ବିକାଶ କୁମାର ବେହେରା ପ୍ରମୁଖ ନେତୃତ୍ୱମାନଙ୍କୁ ଓଜେସି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।

# ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ପରଲୋକ

ଭୁବନେଶ୍ୱର,୨୬।୬(ସମିସ): ବରିଷ୍ଠ ସାମ୍ବାଦିକ ତଥା ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ପୂର୍ବତନ ଓଡ଼ିଶା ବ୍ୟୁରୋ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଶ୍ରୀ ଦାଶଙ୍କର ମୃତ୍ୟୁ ବେଳକୁ ବୟସ ୮୩ ବର୍ଷ ହୋଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଶରତ ଚନ୍ଦ୍ର ଦାଶଙ୍କ ଅବଦାନ ଅତୁଳନୀୟ। ସେ

**ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ**

ପ୍ରାୟ ୪୨ ବର୍ଷ ଧରି ପିଟିଆଇରେ କାର୍ଯ୍ୟ କରିଥିଲେ ଏବଂ ୨୦୦୩ ମସିହାରେ ଓଡ଼ିଶା ବ୍ୟୁରୋ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଥିଲେ। ସେ ପ୍ରଥମେ ପିଟିଆଇର ମୁମ୍ବାଇ ଓ ନୂଆଦିଲ୍ଲୀ ବ୍ୟୁରୋରେ କାର୍ଯ୍ୟ କରିବା ପରେ କଟକରେ ବ୍ୟୁରୋ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ପରେ ୧୯୯୩ ମସିହାରେ ଭୁବନେଶ୍ୱରରେ ପିଟିଆଇର ଓଡ଼ିଶା ବ୍ୟୁରୋ ମୁଖ୍ୟ ଭାବେ ଯୋଗଦେଇ ଅବସର ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଥିଲେ। ନମ୍ର ବ୍ୟବହାର, ଉଚ୍ଚ ବୃତ୍ତିଗତ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ନୈତିକତା ପ୍ରତି ଅଟୁଟ ନିଷ୍ଠା ପାଇଁ ସେ ସମସ୍ତଙ୍କ ପାଖରେ ଜଣେ ଆଦର୍ଶ ସାମ୍ବାଦିକ ଭାବେ ପରିଚିତ ଥିଲେ। ଅନେକ ଯୁବ ସାମ୍ବାଦିକଙ୍କୁ ସେ ମାର୍ଗଦର୍ଶନ କରି ସାମ୍ବାଦିକତା କ୍ଷେତ୍ରକୁ ଦକ୍ଷ ମାନବ ସମ୍ବଳ ଯୋଗାଇଥିଲେ। ଗତବର୍ଷ ତାଙ୍କର ପତ୍ନୀ ପ୍ରିୟମ୍ବଦା ଦାଶଙ୍କର ପରଲୋକ ଘଟିଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ତାଙ୍କର ପୁଅ ଅଜିତ୍ ଦାଶ ମଧ୍ୟ ଜଣେ ଜଣାଶୁଣା ସାମ୍ବାଦିକ ଓ ସେ ଦୀର୍ଘଦିନ ଧରି ନନ୍ଦିଘୋଷ ଟିଭିରେ ଇନ୍‌ପୁଟ ଏଡ଼ିଟର ଭାବରେ କାର୍ଯ୍ୟ କରୁଥିଲେ।



ତାଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ଗଣମାଧ୍ୟମ ଜଗତରେ ସେ ଜଣେ ସଫଳ ସାମ୍ବାଦିକ ଭାବରେ ପରିଚିତ ଥିଲେ ବୋଲି ଉଲ୍ଲେଖ କରି ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ନବୀନ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ମଧ୍ୟ ଶୋକ ପ୍ରକାଶ କରିବା ସହ ଏପରି ସମୟରେ ତାଙ୍କ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି କାମନା କରିଛନ୍ତି।

**ସୁରକ୍ଷା ବାହିନୀର ବଡ଼ ସଫଳତା**

# ନକ୍ସଲ ଅସ୍ତ୍ର ଡମ୍ପିଂୟାର୍ଡ ଠାବ, ୨୪ ଲକ୍ଷ ଟଙ୍କା ଜବତ



ମାଲକାନଗିରି, ୨୬।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ଦମନ ଅଭିଯାନ ବେଳେ ଓର୍ଛା ଥାନା ଅଞ୍ଚଳର ଟେକଲା ଜଙ୍ଗଲ ଓ ପାହାଡ଼ରେ ନକ୍ସଲମାନେ ଲୁଚାଇ ରଖିଥିବା ଏକ ବଡ଼ ଅସ୍ତ୍ର ଡମ୍ପ୍ ଠାବ କରାଯାଇଛି। ସୁରକ୍ଷା ବାହିନୀ ଇନ୍‌ସାସ ଓ ଏସ୍‌ଏଲ୍‌ଆର ରାଇଫଲ, ୩୦୩ ରାଇଫଲ, ୩୦-ଓସି ବନ୍ଧୁକ, ବିଜିଏଲ ଲଞ୍ଚର, ସିଙ୍ଗଲ ସଟ୍ ବନ୍ଧୁକ, ବହୁ ସଂଖ୍ୟକ ମ୍ୟାଗାଜିନ, ଶତାଧିକ ଜୀବନ୍ତ ଗୁଳି, ଡେଟୋନେଟର ଏବଂ ଯୋଗାଯୋଗ ଉପକରଣ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ନକ୍ସଲମାନଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ବଡ଼ ଧକ୍କା ଲାଗିଥିବା କୁହାଯାଉଛି। ସେହିପରି ଛୋଟେଡୋଙ୍ଗର ଥାନା ଅନ୍ତର୍ଗତ ତୋୟାମେଟା ଜଙ୍ଗଲ-ପାହାଡ଼ରେ ଚାଲିଥିବା ଅନ୍ୟ ଏକ ସର୍ଚ୍ଚ ଅଭିଯାନ ବେଳେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ୨୪ ଲକ୍ଷ ଟଙ୍କା ନଗଦ ରାଶି ଜବତ କରାଯାଇଛି। ପୁଲିସର ପ୍ରାଥମିକ ଅନୁମାନ ଅନୁଯାୟୀ, ଏହି ଟଙ୍କା ନକ୍ସଲ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ପାଇଁ ରଖାଯାଇଥିଲା। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ବିକାଶକୁ ସୁଦୃଢ଼ କରିବା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ନାରାୟଣପୁର ପୁଲିସ ପକ୍ଷରୁ କୁହାଯାଇଛି।

# ପିଏସି ଅଧ୍ୟକ୍ଷ ହେଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ବିଧାନସଭାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ବିଧାନସଭା ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ ସହ ପ୍ରାୟ ୩୫ରୁ ଅଧିକ କମିଟି ଗଠନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହି କମିଟି ଗଠନ କରିଥିବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପବ୍ଲିକ୍ ଆକାଉଣ୍ଟ କମିଟି ବା ପିଏସିର ଅଧ୍ୟକ୍ଷା ଭାବେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅରୁଣ ସାହୁ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ଆକାଶ ଦାସନାୟକ, କଳିକେଶ ନାରାୟଣ ସିଂହଦେଓ, ଅଶୋକ ମହାନ୍ତି, ବାବୁ ସିଂହ, ସନ୍ତୋଷ ଖଟୁଆ, ଅମର ନାୟକ ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ରୁଲ୍ସ କମିଟିରେ ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷ ରହିଥିବା ବେଳେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ କେଶରୀ ଦେବ, ତୁଷାରକାନ୍ତି ବେହେରା ଓ ସାଗର ଚରଣ ଦାସ ସଦସ୍ୟ ଅଛନ୍ତି। ସ୍ୱାଧିକାର କମିଟି ଅଧ୍ୟକ୍ଷ ଭାବରେ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଦାୟିତ୍ୱ ମିଳିଛି ଓ ଏହି କମିଟିରେ ଅନ୍ୟ ୬ ଜଣ ସଦସ୍ୟ ରହିଛନ୍ତି। ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ଭାବେ ପଦ୍ମଲୋଚନ ପଣ୍ଡା, ଏସ୍‌ସିଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷ ଭାବେ ଭାସ୍କର ମଢ଼େଇ, ସବ୍‌ଅର୍ଡିନେଟ୍ ଲେଜିସଲେସନ୍ କମିଟି ଅଧ୍ୟକ୍ଷ ଭାବେ ଇରାଶିଷ ଆଚାର୍ଯ୍ୟ, ପିଟିସନ କମିଟି ଅଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ଜଗଦେବ, ପେପର୍ ଲେଡ୍ କମିଟି ଅଧ୍ୟକ୍ଷ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ, ସରକାରୀ ପ୍ରତିଶ୍ରୁତି କମିଟି ଅଧ୍ୟକ୍ଷ ଭାବେ ଅଶୋକ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଲାଇବ୍ରେରୀ କମିଟି ଅଧ୍ୟକ୍ଷ ଭାବେ ଆକାଶ ଦାସନାୟକ ରହିଛନ୍ତି।

ମହିଳା ଓ ଶିଶୁ କଲ୍ୟାଣ ଅଧ୍ୟକ୍ଷ ଭାବେ ସୀମାରାଣୀ ନାୟକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟର ସମୀକ୍ଷା ପାଇଁ ଗଠିତ ବିଭାଗଗତ ସମ୍ପର୍କିତ ସ୍ଥାୟୀ କମିଟିଗୁଡ଼ିକ ପ୍ରଥମରୁ ଦଶମ ଯାଏ ଅଧ୍ୟକ୍ଷ ଭାବେ ଯଥାକ୍ରମେ ସିଦ୍ଧାନ୍ତ ମହାପାତ୍ର, ସନ୍ତୋଷ ଖଟୁଆ, ବାବୁ ସିଂହ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଭୂତି ଭୂଷଣ ପ୍ରଧାନ, ସୁଧୀର ରଞ୍ଜନ ପାଟ୍ଟଯୋଶୀ, ମନୋହର ରନ୍ଧାରୀ ଏବଂ ସନାତନ ବିଜୁଳି ରହିଛନ୍ତି। ଏହାବ୍ୟତୀତ ମହାନଦୀ ଜଳ ବିବାଦ, ଜଗନ୍ନାଥ ମନ୍ଦିର ବିକାଶ, ପରିବେଶ ପ୍ରଦୂଷଣ, ବିସ୍ଥାପନ, ରେଳ ବିକାଶ, ସୀମା ବିବାଦ, ବିଦ୍ୟୁତ ବିତରଣ ଓ ଭାଷାଗତ ସଂଖ୍ୟାଲଘୁଙ୍କ ସମସ୍ୟା ଭଳି ପ୍ରସଙ୍ଗ ଉପରେ ମଧ୍ୟ ବିଭିନ୍ନ ଗୃହ ଓ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହି କମିଟିଗୁଡ଼ିକ ସରକାରୀ କାର୍ଯ୍ୟର ସମୀକ୍ଷା କରି ବିଧାନସଭାରେ ସୁପାରିସ ଓ ରିପୋର୍ଟ ଦାଖଲ କରିବେ। ସୂଚନା ଥାଉ କି ଗତ ମାର୍ଚ୍ଚ ୩୧ ତାରିଖରେ ପୂର୍ବ କମିଟିଗୁଡ଼ିକର ଅବଧି ସମାପ୍ତ ହୋଇଥିଲା। ଏହା ପରେ ଦୁଇ ମାସରୁ ଅଧିକ ସମୟ ଧରି ନୂଆ କମିଟି ଗଠନ ହୋଇନଥିବାରୁ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏମିତି କି ଏ ସମ୍ପର୍କରେ ଏକାଧିକ ବିଧାୟକ ରାଜ୍ୟପାଳଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇବା ସହ ହସ୍ତକ୍ଷେପ ଲୋଡ଼ିଥିଲେ।

# ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁସାରେ ବଢ଼ିଲାନି ସହାୟତା ରାଶି

**ବାର କାଉନସିଲ ପରିସରରୁ ଉଠାଇ ନିଆଗଲା କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟ**

**ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟବ୍ୟାପି ପ୍ରତିବାଦ ଚେତାବନୀ**



କଟକ,୨୬।୬ (ସମିସ): ଆଇନଜୀବୀ କଲ୍ୟାଣ ପାଣ୍ଠି ୧୦ କୋଟିକୁ ବୃଦ୍ଧି ପାଇଥିଲେ ସୁଦ୍ଧା ସେହି ଅନୁପାତରେ ଆଇନଜୀବୀଙ୍କ ପାଇଁ ସହାୟତା ରାଶି ସ୍ଥିର କରାଯାଇନଥିବା ନେଇ ରାଜ୍ୟର ଓକିଲଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ଆଡଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ପରିସରକୁ ଉଠାଇ ନିଆଯାଇଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ବେଆଇନ ଭାବେ ନିଲମ୍ବନ କରାଯାଇଥିବା ନେଇ ଉଦବେଗ ପ୍ରକାଶ କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଆଜି ପରିଷଦର କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନ୍ୟ ସଦସ୍ୟମାନେ ଏଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି। ଆଇନଜୀବୀଙ୍କର ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ବ୍ୟାପୀ ଆଇନଜୀବୀମାନେ ପ୍ରତିବାଦ କରିବେ ବୋଲି ଚେତାବନୀ ଦିଆଯାଇଛି।

ଶ୍ରୀ ଦ୍ୱିବେଦୀ କହିଥିଲେ ଯେ ଆଇନଜୀବୀ କଲ୍ୟାଣ ପାଣ୍ଠି ୧୯୮୭ରେ ଗଠନ କରାଯାଇ ରାଜ୍ୟ ସରକାର ପ୍ରଥମେ ୨୦୧୪ -୨୦୧୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରିଥିଲେ। ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଏହା ୩କୋଟିକୁ ବୃଦ୍ଧି ପାଇଥିଲା, ୨୦୨୦-୨୧ ଆର୍ଥିକ ବର୍ଷରେ ଏହି କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଗତ ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ଯେତେବେଳେ ମ୍ୟାଚିଙ୍ଗ ଗ୍ରାଣ୍ଟ ୧ କୋଟି ଥିଲା ସେତେବେଳେ ୩୦ ବର୍ଷର ସଦସ୍ୟତା ଥିବାର ଆଇନଜୀବୀମାନେ ତାଙ୍କ ଅବସର ସମୟରେ ୨ ଲକ୍ଷ ୭୦ ହଜାର ରାଶି ପାଉଥିଲେ। ସେହିଭଳି ୫ କୋଟି ଥିବା ବେଳେ ତଦନୁପାତରେ ତତ୍କାଳୀନ ସରକାର ସହାୟତା ରାଶି ୪ଲକ୍ଷ ୫୦ ହଜାର ଟଙ୍କା କରିଥିଲେ।

ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ତରଫରୁ ହୋଇଥିବା ଏକ ବୈଠକ ଗତ ୨୦୨୪ ଡିସେମ୍ବର ୨୪ତାରିଖରେ ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କୁ କଲ୍ୟାଣ ପାଣ୍ଠିର ସହାୟତା ରାଶିକୁ ୯ ଲକ୍ଷ ଟଙ୍କା କରିବା ପାଇଁ ଚିଠା ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ରାଜ୍ୟ ସରକାର ଏହାକୁ ଉପେକ୍ଷା କରି ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ବେଆଇନ୍ ଭାବରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସର ମଧ୍ୟରୁ ଏଜି କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ସହ କୌଣସି ବିଚାର ବିମର୍ଶ କିମ୍ବା ଆଲୋଚନା କରାଯାଇନି। ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବରୁ ନିଲମ୍ବନ କରାଯାଇଛି। ଏଣୁ ରାଜ୍ୟ ସରକାର ୧୫ ଦିନ ମଧ୍ୟରେ ଆଇନଜୀବୀ କଲ୍ୟାଣ ପାଣ୍ଠି ସହାୟତା ରାଶିକୁ ୪୦ ୧୦୦ ପ୍ରତିଶତ ବୃଦ୍ଧି କରି ଅବସରକାଳୀନ କିମ୍ବା ମୃତ ଆଇନଜୀବୀଙ୍କୁ ସର୍ବନିମ୍ନ ୯ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ପରିଷଦର ପରିସରକୁ ଫେରାଇ ଆଣିବା, ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟି ରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରିବା, ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମା ପ୍ରଚଳନ ଓ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଦାବି କରିଛି ଆଇନଜୀବୀ ପରିଷଦ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ, ଅରୁପାନନ୍ଦ ଦାଶ, ଦିନେଶଚନ୍ଦ୍ର ରାୟ, ଗିରିଜା ଶଙ୍କର ମିଶ୍ର, ଗିରିଧାରୀ ମହାପାତ୍ର ଓ ତପନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭଲ ବର୍ଷା ପାଇଁ ଆହୁରି ୧୦ ଦିନ ଅପେକ୍ଷା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟରେ ମୌସୁମୀ ଜନିତ ବର୍ଷା ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ। ମାସ ଶେଷ ଆଡ଼କୁ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ଥିବା ବେଳେ ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି ଓ ୫ ତାରିଖ ବେଳକୁ ଭଲ ଭର୍ଷା ହେବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନ ଥିବାରୁ ଗରମ ଗୁଳୁଗୁଳି ଜାରି ରହିଛି। ବଙ୍ଗୋପସାଗରୀୟ ପବନ ରାଜ୍ୟକୁ ପ୍ରବାହ ହେଉଥିବାରୁ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ହେଉଛି। ଏହି କ୍ରମରେ ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବିଜୁଳି ଘଡ଼ଘଡ଼ି ସହ କିଛି କିଛି ବର୍ଷା ହୋଇଛି। ପ୍ରବଳ ଘଡ଼ଘଡ଼ି ଯୋଗୁଁ ରାଜ୍ୟର ଏକାଧିକ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ନେଇ ମଧ୍ୟ ଖବର ଆସିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବର୍ତ୍ତମାନ ସୁଦ୍ଧା ଦୁର୍ବଳ ଏବଂ ଅସମାନ ରହିଛି। ଜୁନ୍ ମାସର ବାକି ଦିନଗୁଡ଼ିକରେ ବ୍ୟାପକ ତଥା ଲଗାତାର ମୌସୁମୀ ବର୍ଷା ହେବାର ସମ୍ଭାବନା କମ୍ ରହିଛି। ଏହି ସମୟରେ ମୁଖ୍ୟତଃ ବିକ୍ଷିପ୍ତ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ଦେଖାଯାଇପାରେ। ବିଶ୍ୱର ବିଭିନ୍ନ ପାଣିପାଗ ମଡେଲ୍‌ର ଆକଳନ ଅନୁଯାୟୀ, ମାସ ଶେଷ ଆଡ଼କୁ ମୌସୁମୀ ଧୀରେ ଧୀରେ ଶକ୍ତିଶାଳୀ ହେବାର ସଙ୍କେତ ମିଳୁଛି। ଆସନ୍ତା ୧-୨ ଜୁଲାଇ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେଉଛି, ଏହା ପ୍ରଭାବରେ ପରବର୍ତ୍ତୀ ସମୟରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇପାରେ। ଏହାସହ ଜୁଲାଇ ଆରମ୍ଭରେ ମୌସୁମୀ ଟ୍ରଫ୍ ମଧ୍ୟ ସୁଦୃଢ଼ ହେବା ଆଶା କରାଯାଉଛି। ଏହି ସମସ୍ତ ପରିବର୍ତ୍ତନ ଯୋଗୁଁ ବର୍ଷାର ପରିମାଣ ହଠାତ୍ ନବଢ଼ି, ପର୍ଯ୍ୟାୟକ୍ରମେ ଧୀରେ ଧୀରେ ବୃଦ୍ଧି ପାଇବ।

ଉପକୂଳ ଓଡ଼ିଶାରେ ମଝିରେ ମଝିରେ ସ୍ୱଳ୍ପ ବର୍ଷା ସହ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାରେ ଜୁନ୍ ଶେଷ ଆଡ଼କୁ ବର୍ଷା ବୃଦ୍ଧି ପାଇବାର ସବୁଠାରୁ ଭଲ ସମ୍ଭାବନା ରହିଛି। ଯଦି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସଠିକ୍ ଭାବେ ସକ୍ରିୟ ହୁଏ, ତେବେ ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ଏହି ଅଞ୍ଚଳ ସର୍ବପ୍ରଥମେ ଚାଷ ଉପଯୋଗୀ ବର୍ଷା ପାଇବାର ସମ୍ଭାବନା ରହିଛି। କେନ୍ଦ୍ରୀୟ ଏବଂ ଉତ୍ତର ଓଡ଼ିଶାରେ ଜୁନ୍ ଶେଷ ପର୍ଯ୍ୟନ୍ତ ବର୍ଷାର ପରିମାଣ ଅନିୟମିତ ରହିବ। କେତେକ ସ୍ଥାନରେ ଭଲ ବର୍ଷା ହେଲେ ମଧ୍ୟ ମଝିରେ ମଝିରେ ପାଗ ଶୁଖିଲା ରହିବ। ଜୁଲାଇ ପ୍ରଥମ ସପ୍ତାହରେ ହିଁ ଅଧିକ ନିର୍ଭରଯୋଗ୍ୟ ବର୍ଷାର ସମ୍ଭାବନା ଦେଖାଯାଉଛି। ପଶ୍ଚିମ ଓଡ଼ିଶାରେ ଏହି ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ସବୁଠାରୁ ଅଧିକ ବିଳମ୍ବ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯ - ମହାରାଜା ରଣଜିତ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୧୯୮୧-କାମ୍ବୋଡ଼ିଆ ନୂଆ ସମ୍ବିଧାନ ଆପଣାଇଲା।

## ଆଜି ଆସିଥିଲେ...

# ପଣ୍ଡିତ କୃପାସିନ୍ଧୁ ମିଶ୍ର



ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶାର ସତ୍ୟବାଦୀ ଯୁଗର ଜଣେ ବରେଣ୍ୟ ସାହିତ୍ୟିକ, ପ୍ରଖ୍ୟାତ ଐତିହାସିକ, ଆଦର୍ଶ ଶିକ୍ଷକ ଏବଂ ସମାଜସେବୀ ଥିଲେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ୧୮୮୭ ମସିହା ଆଜିର ଦିନରେ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ କୃପାସିନ୍ଧୁ ମିଶ୍ର। ସେ ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ିଥିଲେ। ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ ଓ ବି.ଏ ପାସ୍ କରିଥିଲେ। ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। କୃପାସିନ୍ଧୁ ଓଡ଼ିଶାର ସ୍ଥାପତ୍ୟ, ସଂସ୍କୃତି ଓ ଇତିହାସକୁ ଆଧାର କରି ଅନେକ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପତ୍ରିକାରେ ପ୍ରକାଶ ପାଉଥିଲା। ପରେ ତାଙ୍କ ଲେଖନୀରୁ 'ବାରବାଟୀ ଦୁର୍ଗ', କୋଣାର୍କ', ଓ 'ଉତ୍କଳ ଇତିହାସ' ପ୍ରଭୃତି ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା। ଏହାପରେ ସେ ଓଡ଼ିଶାର ପ୍ରଥମ ଐତିହାସିକ ଭାବେ ଖ୍ୟାତିଲାଭ କଲେ।

ସେ କେବଳ ଜଣେ ଐତିହାସିକ ନ ଥିଲେ, ଥିଲେ ବିଶିଷ୍ଟ ଦାର୍ଶନିକ। ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ 'ଅଦୃଷ୍ଟବାଦ' ଓ 'କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ସୃଷ୍ଟି କରିଛି। କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବା ପରେ କୃପାସିନ୍ଧୁ ଚାହିଁଥିଲେ ବ୍ରିଟିଶ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ଚାକିରି କରିପାରିଥାନ୍ତେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି। ଏମାନଙ୍କ ଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା। ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ। ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା। ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏହାକୁ ତୁଲାଇଥିଲେ। ୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ। ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ। ଶିକ୍ଷା ହିଁ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନକାରୀ ଶକ୍ତି ବୋଲି ସେ ଭାବୁଥିଲେ। ଏହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ମାତ୍ର ୩୮ ବର୍ଷ ବୟସରେ ପରଲୋକ ଘଟିଥିଲା।

# ଅନେକ କଥା ଲୁଚାଉଛି ଚୀନ

ଚୀନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉନ୍ନତି କରୁଥିବା ସୁପରପାୱାର୍ ଦେଶ ବୋଲି ଦାବି କରେ। ବଡ଼ ବଡ଼ ହାଇୱେ, ବୁଲେଟ୍ ଟ୍ରେନ୍ ଏବଂ ଆକାଶଛୁଆଁ ବିଲ୍ଡିଂ ପାଇଁ ଚୀନ ଜଣାଶୁଣା, ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯାହା ଏହାର ଏଭଳି ଚେହେରାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର କରିଦେଇଛି। ଭିଡିଓରେ ବେଜିଂର ପର୍ଯ୍ୟଟନ ଅଞ୍ଚଳରୁ ଦୂରବର୍ତ୍ତୀ ସ୍ଥାନକୁ ଦେଖାଯାଇଛି। ଏଠାରେ କୁଢ଼ କୁଢ଼ ଅଳିଆ ରାସ୍ତା ଉପରେ ପଡ଼ିଥିବାର ନଜର ଆସିଛି। ଚାରିଆଡ଼େ ଅଳିଆ ଆବର୍ଜନା ବିଛୁରିତ ହୋଇ ପଡ଼ି ରହିଥିବା ବେଳେ ଇନ୍‌ଫ୍ରାଷ୍ଟ୍ରକଚର୍ ଜର୍ଜରିତ ଅବସ୍ଥାରେ ଅଛି। ସେହିପରି ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ, ଏହା କ'ଣ ସେହି ବେଜିଂ, ଯିଏ ୨୦୫୦ ମସିହାରେ ବଞ୍ଚିବା ଦାବି କରୁଥିଲା। ଚୀନ ସରକାର ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ଏବଂ ଚମକଦାର କରିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସେଠାକାର ଗ୍ରାମୀଣ ଏବଂ ଖାଦ୍ୟ ସୁରକ୍ଷାର ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ ଅଟେ। ଏଠାକାର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ଭାବମୂର୍ତ୍ତିକୁ ଚମକାଇବାରେ ଲାଗିଛନ୍ତି। ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶେଷ ଭାବରେ ସଫାସୁତୁରା ଏବଂ ଆକର୍ଷଣୀୟ ରଖାଯାଏ। ହେଲେ ଏହା ବାହାରର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗ୍ରାମାଞ୍ଚଳ ଏବଂ ଛୋଟ ସହରଗୁଡ଼ିକରେ ରାସ୍ତାଘାଟ ଭାଙ୍ଗିରୁଜି ଯାଇଛି, ଡ୍ରେନେଜ୍ ସିଷ୍ଟମ୍ ଖରାପ ଅଛି ଏବଂ ପ୍ରଦୂଷଣର ସ୍ତର ଅତ୍ୟନ୍ତ ବିପଜ୍ଜନକ। ଖାଦ୍ୟ ସୁରକ୍ଷାର ସ୍ଥିତି ଆହୁରି ଚିନ୍ତାଜନକ ଅଟେ। ଚୀନରେ 'ଗଟର ଅଏଲ୍'ର ବ୍ୟବହାର ରେଷ୍ଟୁରାଣ୍ଟଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କରାଯାଏ। କେମିକାଲ୍ ଯୁକ୍ତ ଷ୍ଟ୍ରିଟ୍ ଫୁଡ୍ ଏବଂ ନକଲି ଉତ୍ପାଦର ସ୍କାଣ୍ଡାଲ୍ କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଏହାଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ନାଗରିକଙ୍କ ସ୍ୱାସ୍ଥ୍ୟ ବିପଦରେ ପଡୁଛି। ଚୀନ ସରକାର କଠୋର ସେନ୍ସରସିପ୍ ଜରିଆରେ ନକାରାତ୍ମକ ଖବରଗୁଡ଼ିକୁ ଦବାଇ ରଖନ୍ତି। ହେଲେ ସୋସିଆଲ ମିଡିଆରେ ଅନେକ ବିଦେଶୀ ୟୁଜର୍ସ ଏବଂ କିଛି ସାହସୀ ଚୀନ ନାଗରିକ ଏହି ଭିଡିଓଗୁଡ଼ିକୁ ସେୟାର କରୁଛନ୍ତି। ନିକଟରେ ଏଭଳି ଏକ ଭାଇରାଲ୍ ଭିଡିଓରେ ଦେଖାଯାଇଛି ଯେ, ଚୀନର ବ୍ୟୟବହୁଳ



ପ୍ରଚାର ସତ୍ତ୍ୱେ ସାଧାରଣ ଲୋକଙ୍କ ଜୀବନରେ ସୁଧାର ଆସିପାରୁ ନାହିଁ। ବିଶେଷଜ୍ଞମାନଙ୍କ କହିବା କଥା ହେଲା, ଚୀନ ବିକାଶର ଚମକ ମଧ୍ୟରେ ନିଜର ଅନେକ ଅଞ୍ଚଳକୁ ଅଣଦେଖା କରୁଛି। ସହରଗୁଡ଼ିକରେ ବିଳାସପୂର୍ଣ୍ଣ ଅଟ୍ଟାଳିକା ଠିଆ ହେଉଥିବା ବେଳେ, ଦୂରଦୂରାନ୍ତ ଅଞ୍ଚଳରେ ମୌଳିକ ସୁବିଧା ସୁଯୋଗର ଅଭାବ ରହିଛି। ଚୀନ ସରକାର ପ୍ରାୟତଃ ନିଜର ଚମକଦାର ଭିତ୍ତିଭୂମିକୁ ଭାରତର ବିକାଶଶୀଳ ସହରଗୁଡ଼ିକ ସହ ତୁଳନା କରି ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ହେଲେ ଏହାର ଭିତର କଥା ସାମ୍ନାକୁ ଆସିବା ପରେ ଜଣାପଡ଼େ ଯେ, ସେଠାରେ ମଧ୍ୟ ଭାରତ ଭଳି ବାୟୁ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଘୋର ଅଭାବ ରହିଛି।

# ଯଶ୍‌ଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ତାଙ୍କ ଆଗାମୀ ଫିଲ୍ମ 'ଇଥା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ଟିଜର୍ ନିକଟରେ ରିଲିଜ୍ ହୋଇଥିଲା। ଟିଜର୍‌ରେ ଶ୍ରଦ୍ଧାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। 'କକ୍‌ଟେଲ୍ ୨'ର ରିଲିଜ୍ ଦିନ ସିନେମା ହଲ୍‌ଗୁଡ଼ିକରେ 'ଇଥା'ର ଟିଜର୍ ରିଲିଜ୍ କରାଯାଇଥିଲା। ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ 'ଇଥା' ଏକ ବାୟୋପିକ୍ ଫିଲ୍ମ। ଏହି ଚଳଚ୍ଚିତ୍ରର କାହାଣୀ ମହାରାଷ୍ଟ୍ରର କିମ୍ବଦନ୍ତୀ ମରାଠୀ ଲାବଣୀ ନୃତ୍ୟଶିଳ୍ପୀ ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିବାବେଳେ ରଣଦୀପ ହୁଡ୍ଡା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। 'ଛାବା' ପରେ ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ମହାରାଷ୍ଟ୍ରର ଲୋକକଳା ଓ ଇତିହାସର ଆଉ ଏକ ଅଧ୍ୟାୟକୁ 'ଇଥା' ମାଧ୍ୟମରେ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି। ଏହାର ଟିଜର୍ ଦେଖିବା ପରେ ପ୍ରଶଂସକମାନଙ୍କ ଉତ୍ସାହ ବଢ଼ିଯାଇଛି ଏବଂ ସେମାନେ ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ 'ସ୍ତ୍ରୀ ୨'ର ଅପାର ସଫଳତାର ପାଖାପାଖି ଦୁଇ ବର୍ଷ ପରେ ଏହିଫିଲ୍ମ ଜରିଆରେ ଶ୍ରଦ୍ଧା ବଡ଼ ପରଦାକୁ ଫେରୁଛନ୍ତି। ଏହା ରକ୍ଷାବନ୍ଧନ ଅବସରରେ ୨୮ ଅଗଷ୍ଟ, ୨୦୨୬ ରେ ସିନେମାହଲ୍‌ରେ ରିଲିଜ୍ ହେବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଚଳଚ୍ଚିତ୍ର 'ଟକ୍ସିକ୍' ମଧ୍ୟ ରିଲିଜ୍ ହେବ। ତେବେ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ 'ଟକ୍ସିକ୍'ଠାରୁ 'ଇଥା'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ବାରମ୍ବାର 'ଟକ୍ସିକ୍'ର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କାରଣରୁ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ କମିଯାଇଛି। ତେବେ ବକ୍ସ ଅଫିସ୍‌ରେ ଶ୍ରଦ୍ଧା କି ଯଶ୍ କିଏ ବାଜି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





## ପ୍ରହେଳିକା



- ପୁନେଇଁଟିଏ ସେ ଭାରି ମହାନ
  ସେଦିନ ହସଇ ଶ୍ରୀକ୍ଷେତ୍ର ଧାମ
  ଭାଇ ବଳଭଦ୍ର ସାଥେ ଭଉଣୀ
  ସିନାନ କରନ୍ତି ମଉଡ଼ମଣି
  ଶହେ ଆଠ ଗରା ଶୀତଳ ଜଳେ
  ଗାଧାନ୍ତି ସାଆନ୍ତ ଅମୃତ କାଳେ
  ପବିତ୍ର ପୁନେଇଁ ସିଏ
  ସେ ବିଧି ଦର୍ଶନ ଦିଏ କୋଟି ପୂଣ୍ୟ
  କୁହ ତା'ର ନାମ କିଏ।

  ଉତ୍ତର-ଦେବସ୍ନାନ ପୂର୍ଣ୍ଣିମ

- ଜ୍ୟେଷ୍ଠ ପୁନେଇଁରେ କାଳିଆ ଧନ
  ଶ୍ରଦ୍ଧାରେ କରନ୍ତି ଶୁଦ୍ଧ ସିନାନ
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ସେଥିଲାଗି ହୁଏ ଭକ୍ତ ଗହଳି
  ମଣ୍ଡପରେ ବସି ନାଥ
  ଶହେ ଆଠ ଗରା ଜଳରେ ଗାଧାନ୍ତି
  କୁହ'ତ ତା'ନାମ ମିତ।

  ଉତ୍ତର-ସ୍ନାନ ମଣ୍ଡପ

- ଶ୍ରୀକ୍ଷେତ୍ରର ସିଏ ମଉଡ଼ମଣି
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ରତ୍ନ ମଣ୍ଡପରେ ତାଙ୍କରି ବାସ
  ଭକ୍ତଙ୍କୁ ଦିଅନ୍ତି ନିତି ଆଶିଷ
  ଲକ୍ଷ୍ମୀକାନ୍ତ ନାମେ ଖ୍ୟାତ
  କଳା ମୁହଁ ପୁଣି ନାଲି ଯେ ଅଧର
  କୁହ ତାଙ୍କ ନାମ ମିତ।

  ଉତ୍ତର-ଜଗନ୍ନାଥ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସ୍ନାନ ବେଦୀରେ ଜଗତ ସାଇଁ



ଭୁବନାନନ୍ଦ ପାଣିଗ୍ରାହୀ

ଜଗତ ନାଥ ଜଗତ ସାଇଁ
ଜାତି ଦେବତା ଆମରି ସେଇ
ନୀଳାଚଳରେ ବିଜେ ଶ୍ରୀହରି
ସାଥିରେ ଧରି ଭଉଣୀ ଭାଇ।
ମନମୋହନ ଚକାନୟନ
ରୂପରେ ଜିଣେ କୋଟି ମଦନ
କି ଯାଦୁକରୀ ମନ୍ତର ଜାଣେ
ଦୂରରୁ ଟାଣେ ଭକତ ଜନ।
ଜ୍ୟେଷ୍ଠର ଅନ୍ତେ ପୂର୍ଣ୍ଣମୀ ତିଥି
ମଣ୍ଡପେ ଆସି ଦାରୁ ମୂରତି
ଏକ ଶ' ଆଠ କଳସୀ ଜଳେ
ପାଳନ୍ତି ପୁଣ୍ୟ ସ୍ନାହାନ ନୀତି।
ଗଜାନନଙ୍କ ବେଶେ ସୁନ୍ଦର
ଶୋହନ୍ତି ପ୍ରଭୁ ରଙ୍ଗ ଅଧର
ଦରଶନରେ ହରନ୍ତି ମନ
ଭକତ ମନେ ଖୁସି ଅପାର।
ଜ୍ୱରେ ପୀଡ଼ିତ ହୁଅନ୍ତି ସାଇଁ
ଅଣସରରେ ରୁହନ୍ତି ଯାଇ
ଆକୁଳ ଚିତ୍ତେ ଜଗତ ଜନେ
ରଥଯାତକୁ ବସନ୍ତି ଚାହିଁ। ■

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା

# ସିନାନ ପୂର୍ଣ୍ଣିମା



ସୁଧାକର ରାଉତ

ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି।
ଜୁଡ୍ଡୁ ସୁଡ୍ଡୁ ହୋଇ ଗାଧୋଇଲାବେଳେ
ଭୁଲି ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା।
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ।
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥି ଖାଇ
ସୁସ୍ଥ ହେବ ଧୀରେ ଧୀରେ।
ରତ୍ନ ସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ।
ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ।
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟା ପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି। ■

ପ୍ରତାପ ନଗରୀ, କଟକ

# ସୁମନ

## ଦୁଷ୍ଟ ଓ ଭଲ କ'ଣ



କାଳିକିଙ୍କର

ରଘୁ ଓ ଗୋବିନ୍ଦ ଗୋଟିଏ ଘରେ ରୁହନ୍ତି। ରଘୁ ଅମାନିଆ କାହାରି କଥାମାନେ ନାହିଁ। ଜିନିଷପତ୍ର ସବୁ ଭଙ୍ଗାରୁଜା କରେ। ବହି ଖାତା ଚିରାଚିରି କରେ। ଘର ଦ୍ୱାର ଅଳିଆ କରେ। ଏସବୁ ଦୁଷ୍ଟାମୀ ତାଙ୍କ ଘରେ ଅନେକଙ୍କୁ ଭଲ ଲାଗେନାହିଁ କିନ୍ତୁ କେହି କିଛି କହନ୍ତି ନାହିଁ କାରଣ ରଘୁର ମାଆ ଯିଏ କହନ୍ତି ତାଙ୍କ ସହ କଳି କରନ୍ତି। ଗୋବିନ୍ଦ ସାନ ଭାଇ। ସେ ମଧ୍ୟ ରଘୁକୁ ଦେଖି ସେମିତି କିଛି କରିବାକୁ ଗଲେ ତା' ମାଆ ତାକୁ ଆକଟ କରନ୍ତି ଓ କହନ୍ତି ସେମିତି କଲେ ତୁ ଭଲ ପିଲା ହେବୁ ନାହିଁ। ସମସ୍ତେ ତୋତେ ଦୁଷ୍ଟ କହିବେ। ଗୋବିନ୍ଦ ବୁଝିପାରେ ନାହିଁ ଯେ ଭଲ କ'ଣ ଦୁଷ୍ଟ କ'ଣ? ସେ ଯାହାହେଉ, ମାଆଙ୍କ କଥା ମାନି ରଘୁ ଭଳି ହୁଏନାହିଁ। ସେଦିନ ଘରେ ଆଲୋଚନା ହେଲା ଯେ ରଘୁ ଓ ଗୋବିନ୍ଦ ଏଥର ସ୍କୁଲକୁ ଯିବେ, ପାଠ ପଢ଼ିବେ। ନୂଆ ବହି, ବ୍ୟାଗ୍, ପୋଷାକ, ଜୋତା ଆସିଲା। ଦୁଇ ଭାଇ ଖୁସି ଯେ ସ୍କୁଲ ଗଲେ ଏମିତି ସବୁ ନୂଆ ନୂଆ ଜିନିଷ ମିଳେ। ବାଃ, ବଢ଼ିଆ ତ। ପ୍ରାୟ ସପ୍ତାହେ ହୋଇଛି କି ନାହିଁ ସ୍କୁଲରୁ ରଘୁର ମାଆଙ୍କୁ କେତେଥର ଡାକରା ଆସିଲା। ସେ ସ୍କୁଲ ଗଲେ ଓ ମୁହଁ ଶୁଖେଇ ଫେରିଲେ। ଗୋବିନ୍ଦ ମାଆଙ୍କୁ କେହି ଡାକନ୍ତି ନାହିଁ। ସେଦିନ ପୁଣି ସ୍କୁଲରୁ ଫୋନ୍ ଆସିଲା ରଘୁର ବାପାଙ୍କ ପାଖକୁ। ସେ ଗଲେ ଓ ସାଥିରେ ରଘୁକୁ ଧରି ଘରକୁ ଆସିଲେ। ରଘୁର ମାଆଙ୍କୁ କହିଲେ-ଏଥର ମୂର୍ଖ କରି ପୁଅକୁ ଘରେ ରଖ। ତା'ର ଦୁଷ୍ଟାମୀ ପାଇଁ ସ୍କୁଲରୁ ବାହାର କରି ଦିଆହେଲା। ଦିନେ ତ ପୁଅକୁ ଆକଟ କଲ ନାହିଁ। ଆଉ ଯଦି ତାକୁ ଘରେ କେହି ଆକଟ କଲା ତୁମେ ତାରି ଆଗରେ ସମସ୍ତଙ୍କ ସହ କଳି କଲ। ଦୁଷ୍ଟ ପିଲାଙ୍କୁ କେହି କୌଣସି ସ୍କୁଲରେ ରଖିବେନି। ଆମ ଗୋବିନ୍ଦ କେତେ ଭଲ ପିଲା, ଦେଖ ତା ନାଁରେ ସ୍କୁଲରେ ଭଲ ପିଲା ବୋଲି ପ୍ରଶଂସା, କୌଣସି ଆପତ୍ତି ଅଭଯୋଗ ତା ନାଁରେ ନାହିଁ। ରଘୁର ମାଆ କାନ୍ଦିବାକୁ ଲାଗିଲେ। ରଘୁ ମଧ୍ୟ ମାଆ କାନ୍ଦିବାର ଦେଖି କାନ୍ଦିବାକୁ ଲାଗିଲା। ଜେଜେ, ଜେଜେମା କହିଲେ, ଦୁଷ୍ଟ ନ ହୋଇ ଭଲ ପିଲା ହେବାକୁ ଚେଷ୍ଟାକର। ମାଆ କାନ୍ଦିବ ନାହିଁ କି ସ୍କୁଲ ତୋତେ ବାହାର କରିବ ନାହିଁ। ପରଦିନ ଗୋବିନ୍ଦ ଏକୁଟିଆ ଭାଇକୁ ନ ନେଇ ସ୍କୁଲ ଯିବାକୁ ଚାହିଁଲା ନାହିଁ। ସମସ୍ତେ ତାକୁ ବୁଝେଇଲ, ତା' ଭାଇ ଦୁଷ୍ଟ ବୋଲି ସ୍କୁଲକୁ ଯିବାକୁ ନାହିଁ କରାଯାଉଛି। ତୁ ଭଲପିଲା-କଥା ମାନୁ। ତେଣୁ ତୁ ଯାଆ। ଗୋବିନ୍ଦ କିନ୍ତୁ ଭାଇର ହାତ ଧରି ଟାଣି ଟାଣି ତାର ମାଆ ସହ ସ୍କୁଲ ନେଇଗଲା। ଗୋବିନ୍ଦର ମାଆ କହିଲେ ହେଉ, ଗୋବିନ୍ଦକୁ ସ୍କୁଲରେ ଛାଡ଼ି ରଘୁକୁ ଘରକୁ ନେଇ ଆସିବି। ସ୍କୁଲରେ ରଘୁକୁ ପୁଣି ଦେଖି ଗୁରୁମା କିଛି କହିବାକୁ ଯିବା ପୂର୍ବରୁ ଗୋବିନ୍ଦ କହିଲା ଗୁରୁମା, କ୍ଷମା କରି ଦିଅନ୍ତୁ। ମୋ ଭାଇ ଆଉ କେବେ ଦୁଷ୍ଟ ହେବନି। ଗୋବିନ୍ଦର କଥା ସମସ୍ତଙ୍କୁ ବହୁତ ଭଲ ଲାଗିଲା। ରଘୁ ମଧ୍ୟ ବୁଝିଲା ଯେ, ଦୁଷ୍ଟ କ'ଣ ଓ ଭଲ କ'ଣ। ସାନଭାଇ ଭଲ ବୋଲି ତାକୁ ଆଜି ପୁଣିଥରେ ସ୍କୁଲରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଲା। ରଘୁ ପୂର୍ବପରି ଆଉ ଦୁଷ୍ଟ ନ ହୋଇ ଭଲ ପିଲା ହେଲା। ■

ରଟିଲ, ରେଞ୍ଜ, ପୁରୀ



ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ରଙ୍ଗ ରେଖା ଛୋଟ ଛୋଟ





ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ






ଅଭିଲାଷ ଦାଶ
ଦଶମ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ବଲାଙ୍ଗୀର





ଦିପ୍ତିମୟୀ ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ଆଦ୍ୱିକ୍ ସ୍ୱାଇଁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଶିଖରପୁର, କଟକ




# ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ଅଷ୍ଟ୍ରେଲିଆ

ସାଣ୍ଟା କ୍ଲାରା, ୨୬ ।୬ (ଏଜେନ୍ସି)



ଚଳିତ ଫିଫା ବିଶ୍ୱକପ୍‌ରେ ସଦ୍ୟତମ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି । ଶୁକ୍ରବାର ସକାଳେ ଏଠାରେ ଅଷ୍ଟ୍ରେଲିଆ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଅମୀମାଂସିତ ରହିଥିଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ । ସମ୍ପୂର୍ଣ୍ଣ ମ୍ୟାଚରେ ପାରାଗୁଏ ଅପେକ୍ଷା ଅଷ୍ଟ୍ରେଲିଆ ସମସ୍ତ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିଲା । ସଟ୍ ଅନ୍ ଟାର୍ଗେଟ୍, ପାସ୍, ପୋଜେସନରେ ଅଷ୍ଟ୍ରେଲିଆ ଭଲ ଖେଳିଥିଲେ ମଧ୍ୟ ପାରାଗୁଏ ଗୋଲ୍‌ପୋଷ୍ଟ ଭେଦ କରିପାରି ନ ଥିଲା ।

ଏହି ଡ୍ର ଫଳରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏକୁ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏହି ୧ ପଏଣ୍ଟ ବଳରେ ଅଷ୍ଟ୍ରେଲିଆ ଗ୍ରୁପ୍-ଡି'ରେ ସମସ୍ତ ୩ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅର୍ଜନ କରିଛି । ଏଥିସହ ଆମେରିକା (୬ ପଏଣ୍ଟ) ପରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟରେ ସ୍ଥାନ ପକ୍କା କରିଛି । ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ମୋଟ୍ ଉପରେ ତୃତୀୟଥର ଲାଗି ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି । ଏଥିପୂର୍ବରୁ ୨୦୦୬ ଓ ୨୦୨୨ରେ କଙ୍ଗାରୁ ଦଳ ନକ୍‌ଆଉଟ୍ ଖେଳିଥିଲା । ରାଉଣ୍ଡ-୩୨ରେ ଅଷ୍ଟ୍ରେଲିଆର ମୁକାବିଲାର ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ରହିଥିବା ସହ ହେବ । ଏହି ମ୍ୟାଚ୍ ଜୁଲାଇ ୩ ତାରିଖରେ ଆର୍ଲିଂଟନରେ ଅନୁଷ୍ଠିତ ହେବ ।

ଅପରପକ୍ଷରେ ପାରାଗୁଏ ୩ଟି ମ୍ୟାଚରୁ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଛି । ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ଭାବେ ପାରାଗୁଏ ଏବେ ନକ୍‌ଆଉଟ୍ ଖେଳିବା ଆଶା ବଜାୟ ରଖିଛି ।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| **ଗ୍ରୁପ୍-ଡି'** | | | | | | |
| ଆମେରିକା | ୩ | ୨ | ୦ | ୧ | ୪ | ୬ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୧ | ୦ | ୪ |
| ପାରାଗୁଏ | ୩ | ୧ | ୧ | ୧ | -୨ | ୪ |
| ତୁର୍କୀ | ୩ | ୧ | ୦ | ୨ | ୫ | ୩ |
| **ଗ୍ରୁପ୍-ଇ'** | | | | | | |
| ଜର୍ମାନୀ | ୩ | ୨ | ୦ | ୧ | ୬ | ୬ |
| ଆଇଭରିକୋଷ୍ଟ | ୩ | ୨ | ୦ | ୧ | ୨ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୦ | ୪ |
| କୁରାସାଓ | ୩ | ୦ | ୧ | ୨ | -୮ | ୧ |
| **ଗ୍ରୁପ୍-ଏଫ'** | | | | | | |
| ନେଦରଲ୍ୟାଣ୍ଡସ | ୩ | ୨ | ୧ | ୦ | ୬ | ୭ |
| ଜାପାନ | ୩ | ୧ | ୨ | ୦ | ୪ | ୫ |
| ସ୍ୱିଡେନ | ୩ | ୧ | ୧ | ୧ | ୦ | ୪ |
| ଟ୍ୟୁନିସିଆ | ୩ | ୦ | ୦ | ୩ | -୧୦ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ ।



## ଷ୍ଟପେଜ ଟାଇମରେ ଜିତିଗଲା ତୁର୍କୀ

ଲସ୍ ଆଞ୍ଜେଲ୍ସ, ୨୬ ।୬ (ଏଜେନ୍ସି): ଏକ କଡ଼ା ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ମୁକାବିଲାରେ ତୁର୍କୀ ୩-୨ ଗୋଲରେ ଆମେରିକାକୁ ହରାଇ ଚଳିତ ଫିଫା ବିଶ୍ୱକପ୍ ଅଭିଯାନ ଶେଷ କରିଛି । ସ୍ଥାନୀୟ ଲସ୍ ଆଞ୍ଜେଲ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଆମେରିକା ଓ ତୁର୍କୀ ୨ଟି ଲେଖାଏ ଗୋଲ୍ ଦେଇଥିଲେ । ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଥିଲା । ତେବେ ଇଞ୍ଜୁରୀ ତଥା ଷ୍ଟପେଜ ଟାଇମ୍‌ର ଶେଷ ମିନିଟ୍ (୯୦+୮)ରେ ତୁର୍କୀର କାନ୍ ଆୟହାନ ଗୋଲ୍ ଦେଇ ମ୍ୟାଚର ଫଳାଫଳ ବଦଳାଇ ଦେଇଥିଲେ । କାନ୍‌ଙ୍କ ଏହି ଅନ୍ତିମ ମିନିଟ ଗୋଲ୍ ସହାୟତାରେ ତୁର୍କୀ ୩-୨ ଗୋଲ୍‌ରେ ଆୟୋଜକ ଆମେରିକାକୁ ମାତ୍ ଦେଇଛି । ଫଳରେ ବିଶ୍ୱକପ୍‌ରୁ ବିଦା ହୋଇସାରିଥିବା ତୁର୍କୀ ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି । ଅର୍ଥାତ୍ ବିଜୟ ସହ ତୁର୍କୀ ବିଶ୍ୱକପ୍ ଅଭିଯାନ ଶେଷ କରିଛି । ଅପରପକ୍ଷରେ ନକ୍‌ଆଉଟରେ ସ୍ଥାନ ପକ୍କା କରିସାରିଥିବା ଆମେରିକା ବିଶ୍ୱକପ୍‌ରେ ପ୍ରଥମ ପରାଜୟବରଣ କରିଛି । ହ୍ୟାଟ୍ରିକ ବିଜୟ ଆଶାରେ ଥିବା ଆମେରିକାକୁ ରାଉଣ୍ଡ-୩୨ ମ୍ୟାଚ ପୂର୍ବରୁ ଏହି ପରାଜୟ ଏକ ବଡ଼ ଝଟକା ବୋଲି କୁହାଯାଉଛି । ଆସନ୍ତା ବୁଧବାର ରାଉଣ୍ଡ-୩୨ରେ ବୋସନିଆକୁ ଭେଟିବ ଆମେରିକା ।

## ପ୍ରଥମଥର ନକ୍‌ଆଉଟରେ ଆଇଭରୀ କୋଷ୍ଟ



ଫିଲାଡେଲଫିଆ, ୨୬ ।୬ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଆଇଭରୀ କୋଷ୍ଟ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି । ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ଆଇଭରୀ କୋଷ୍ଟ ୨-୦ ଗୋଲ୍‌ରେ କୁରାସାଓକୁ ହରାଇଦେଇଛି । ବିଜୟୀ ଦଳ ପକ୍ଷରୁ ନିକୋଲାସ ପେପେ ୭ମ ଓ ୬୪ତମ ମିନିଟରେ ଦୁଇଟିଯାକ ଗୋଲ୍ ଦେଇଥିଲେ । ଫଳରେ ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ଜର୍ମାନୀ ପଛକୁ ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ୍‌କୁ ଯୋଗ୍ୟତା ଅର୍ଜନ କରିଛି । ପୂର୍ବରୁ ଆଇଭରୀ କୋଷ୍ଟ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ଅପରପକ୍ଷରେ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାସାଓ ୨ ପରାୟ ଓ ଗୋଟିଏ ଡ୍ର ସହ ଏକ ପଏଣ୍ଟ ପାଇ ଗ୍ରୁପ୍‌ର ନିମ୍ନ ସ୍ଥାନରେ ରହି ବିଶ୍ୱକପ ଅଭିଯାନ ଶେଷ କରିଛି ।

## ଦର୍ଶକରେ ନୂଆ ରେକର୍ଡ

ନ୍ୟୁୟର୍କ, ୨୬ ।୬ (ଏଜେନ୍ସି): ଦର୍ଶକ ଉପସ୍ଥିତିରେ ଫିଫା ବିଶ୍ୱକପ୍-୨୦୨୬ ସର୍ବକାଳୀନ ରେକର୍ଡ କରିଛି । ଗୁରୁବାର ଶେଷ ସୁଦ୍ଧା ଚଳିତ ବିଶ୍ୱକପ୍‌କୁ ୩୬ ଲକ୍ଷ ୫,୩୫୭ଜଣ ଦର୍ଶକ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଛନ୍ତି । ନ୍ୟୁ ଜର୍ସିରେ ଇକ୍ୱେଡର ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ସମୟରେ ଏହି ଘୋଷଣା କରାଯାଇଥିଲା । ଚଳିତ ସଂସ୍କରଣର ଆହୁରି ୪୮ ମ୍ୟାଚ୍ ବାକି ଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ହୋଇଛି । ଆମେରିକାରେ ଅନୁଷ୍ଠିତ ୧୯୯୪ ସଂସ୍କରଣରେ ମୋଟ୍ ୫୨ଟି ମ୍ୟାଚ୍ ଖେଳାଯାଇଥିବାବେଳେ ପାଖାପାଖି ୩.୬ ନିୟୁତ (୩୬ ଲକ୍ଷ) ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ । ତେଣୁ ଏଥର ଏହି ସଂଖ୍ୟା ଦ୍ୱି-ଗୁଣିତ ହେବ ବୋଲି ଆଶା କରାଯାଉଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା କିଛି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ସହିତ ଉଚ୍ଚ ଟିକେଟ୍ ଦର ଯୋଗୁ ଅନେକ ଲୋକ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବାକୁ ଇଚ୍ଛା କରିଥିଲେ । କିନ୍ତୁ ଯୋଗ ଦେଇପାରି ନଥିଲେ ।




| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୭, ଶନିବାର ରାତି |
| ଇଂଲଣ୍ଡ-ପାନାମା |
| ନ୍ୟୁ ଜର୍ସି, ରାତି ୨.୩୦ |
| କ୍ରୋଏସିଆ-ଘାନା |
| ଫିଲାଡେଲଫିଆ, ରାତି ୨.୩୦ |
| ଜୁନ୍-୨୮, ରବିବାର |
| ପର୍ତ୍ତୁଗାଲ-କଲମ୍ବିଆ |
| ମିଆମି, ସକାଳ ୫ଟା |
| ଉଜ୍‌ବେକିସ୍ତାନ-କଙ୍ଗୋ |
| ଆଟଲାଣ୍ଟା, ସକାଳ ୫ଟା |
| ଆଲଜେରିଆ-ଅଷ୍ଟ୍ରିଆ |
| କାନସାସ ସିଟି, ସକାଳ ୭.୩୦ |
| ଆର୍ଜେଣ୍ଟିନା-ଜୋର୍ଡାନ |
| ଆର୍ଲିଙ୍ଗଟନ, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ବଡ଼ ବିପର୍ଯ୍ୟୟ: ଜର୍ମାନୀକୁ ହରାଇଲା ଇକ୍ୱେଡର

ନ୍ୟୁୟର୍କ, ୨୬ ।୬ (ଏଜେନ୍ସି)

ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଫିଫା ବିଶ୍ୱକପ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଗତକାଲି ରାତିରେ ସ୍ଥାନୀୟ ନ୍ୟୁୟର୍କ ଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ତମ ଦଳ ଇକ୍ୱେଡର ୨-୧ ଗୋଲରେ ଚାରିଥରର ବିଜେତା ଜର୍ମାନୀକୁ ପରାସ୍ତ କରିଛି । ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ଜର୍ମାନୀ ମ୍ୟାଚର ଦ୍ୱିତୀୟ ମିନିଟରେ ଲେରୟ ସାନେଙ୍କ ଗୋଲ୍ ବଳରେ ଖାତା ଖୋଲିଥିଲା । ନିଜର ୧୫ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା ଲେରୟଙ୍କ ଏହା ପ୍ରଥମ ଗୋଲ୍ ଥିଲା । ତେବେ ନବମ ମିନିଟରେ ମାନୁଏଲ୍ ନେଉରଙ୍କଠାରୁ ପାସ୍ ପାଇ ନିଲସନ ଆଙ୍ଗୁଲୋ ଇକ୍ୱେଡର ପାଇଁ ଏହି ଗୋଲ୍‌ଟି ଶୁଝି ଦେଇଥିଲେ । ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ତରକୁ ଚାଲିଆସିଥିଲା । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୭ତମ ମିନିଟରେ ଗୋଞ୍ଜାଲୋ ପ୍ଲାଟା ଆଫ୍ରିକୀୟ ରାଷ୍ଟ୍ର ଇକ୍ୱେଡର ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି ଦେଇଥିଲେ । ଫଳରେ ବଳକା ୧୩ ମିନିଟରେ ମ୍ୟାଚକୁ ଫେରିବା ଲାଗି ଜର୍ମାନୀ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା । ପୂର୍ବରୁ ନକ୍‌ଆଉଟ୍‌ରେ ପହଞ୍ଚି ସାରିଥିବା ଜର୍ମାନୀ ତୃତୀୟ ମ୍ୟାଚରୁ ପ୍ରଥମ ପରାଜୟ ଓ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିଛି । ସେହିଭଳି ଇକ୍ୱେଡର ଗୁରୁତ୍ୱପୂର୍ଣ୍ଣ ବିଜୟ ପଏଣ୍ଟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ତୃତୀୟ ସ୍ଥାନରେ ରହି ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି । ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ଇକ୍ୱେଡର ନକ୍‌ଆଉଟରେ ପହଞ୍ଚିଛି । ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି ।

## ନାଗାତୋମାଙ୍କ ୫ମ ବିଶ୍ୱକପ୍

ଆର୍ଲିଂଟନ, ୨୬ ।୬ (ଏଜେନ୍ସି): ଜାପାନର ୟୁତୋ ନାଗାତୋମୋ ଫିଫା ବିଶ୍ୱକପରେ ଇତିହାସ ରଚିଛନ୍ତି । ପ୍ରଥମ ଏସୀୟ ଖେଳାଳି ଭାବେ ୩୯ ବର୍ଷୀୟ ନାଗାତୋମା ୫ଟି ବିଶ୍ୱକପ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି । ଗତକାଲି ସ୍ୱିଡେନ ବିପକ୍ଷ ମ୍ୟାଚ୍ ଖେଳିବାକୁ ନାଗାତୋମାଙ୍କୁ ସୁଯୋଗ ମିଳିଥିଲା । ନାଗାତୋମାଙ୍କ ଏହା ପଞ୍ଚମ ଫିଫା ବିଶ୍ୱକପ ଅଂଶଗ୍ରହଣ ଥିଲା । ଏଥିପୂର୍ବରୁ ସେ ୨୦୧୦, ୨୦୧୪, ୨୦୧୮, ୨୦୨୨ ବିଶ୍ୱକପ୍ ଖେଳିସାରିଛନ୍ତି । ପାଞ୍ଚ କିମ୍ବା ଏହାଠାରୁ ଅଧିକ ବିଶ୍ୱକପ୍ ଖେଳିବାରେ ସେ ବିଶ୍ୱର ୧୦ମ ଖେଳାଳି ହୋଇଛନ୍ତି । ଲିଓନେଲ୍ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ଛଅଟି ଲେଖାଏ ଏବଂ ଲୁକା ମୋଡ୍ରିକ୍, ଲୁଇସ୍ ସୁଆରେଜ୍, ମାନୁଏଲ୍ ନୁଏର୍, ଲୋଥାର୍ ମାଥୌସ୍, ଆଣ୍ଡ୍ରେସ୍ ଗାର୍ଡାଡୋ, ରାଫେଲ୍ ମାର୍କେଜ୍, ଆଣ୍ଟୋନିଓ କାର୍ବାଜାଲ୍ ପ୍ରତ୍ୟେକ ୫ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି ।

## ଜାପାନ, ସ୍ୱିଡେନ ଆଗେଇଲେ

ଆର୍ଲିଂଟନ, ୨୬ ।୬ (ଏଜେନ୍ସି): ଜାପାନ ଓ ସ୍ୱିଡେନ ମଧ୍ୟରେ ସ୍ଥାନୀୟ ଡଲାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି । ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୫୬ତମ ମିନିଟରେ ଡାଇଜେନ ମାଇଦାଙ୍କ ଗୋଲ୍ ବଳରେ ଜାପାନ ୧-୦ରେ ଅଗ୍ରଣୀ ଲାଭ କରିଥିଲା । କିନ୍ତୁ ଜାପାନର ଏହି ଖୁସି ମାତ୍ର ୬ ମିନିଟ୍ ପାଇଁ ରହିଥିଲା । ୬୨ତମ ମିନିଟରେ ସ୍ୱିଡେନ ଏହି ଗୋଲ୍‌ଟି ଶୁଝି ଦେଇ ୧-୧'ର ସମାନସ୍ତରକୁ ଆଣିଥିଲା । ଆଣ୍ଟୋନୀ ଏଲାଙ୍ଗା ସ୍ୱିଡେନ ପାଇଁ ଏହି ଗୋଲ୍‌ଟି ଦେଇଥିଲେ । ମ୍ୟାଚ୍ ଅମୀମାଂସିତ ରହିବା ସହ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇ ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି । ଜାପାନ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ନେଦରଲ୍ୟାଣ୍ଡସ (୭) ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରି ରାଉଣ୍ଡ-୩୨ରେ ପହଞ୍ଚିଛି । ତେବେ ସ୍ୱିଡେନ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି । କିନ୍ତୁ ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ମଧ୍ୟରେ ରହି ସ୍ୱିଡେନ ନକ୍‌ଆଉଟ୍ ଟିକଟ୍ ହାସଲ କରିଛି ।

## ନେଦରଲ୍ୟାଣ୍ଡସ ଗ୍ରୁପ୍ ବିଜେତା

କାନସାସ୍ ସିଟି, ୨୬ ।୬ (ଏଜେନ୍ସି): ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ୩-୧ ଗୋଲରେ ଟ୍ୟୁନିସିଆକୁ ହରାଇଦେଇଛି । କାନସାସ୍ ସିଟି ଷ୍ଟାଡିୟମରେ ଶୁକ୍ରବାର ଭୋର ସମୟରେ ଅନୁଷ୍ଠିତ ଏହି ଏକପାଖିଆ ମ୍ୟାଚର ତୃତୀୟ ମିନିଟରେ ଟ୍ୟୁନିସିଆର ଏଲିସ ଶିରି ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ । ଫଳରେ ନେଦରଲ୍ୟାଣ୍ଡସ ଖାତା ଖୋଲିଥିଲା । ଏହାର ୪ ମିନିଟ୍ ପରେ ବ୍ରାଏନ ବୋବିଙ୍କ ଗୋଲ୍ ବଳରେ ନେଦରଲ୍ୟାଣ୍ଡର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା । ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଅଗ୍ରଣୀକୁ ବଜାୟ ରଖିଥିବା ନେଦରଲ୍ୟାଣ୍ଡସ ଦଳ ୬୨ତମ ମିନିଟରେ ତୃତୀୟ ଗୋଲ୍‌ସ୍କୋର କରିଥିଲା । ଜନ୍ ପଲ୍ ଭାନ ହେକେ ଦଳ ପାଇଁ ଏହି ଗୋଲ୍‌ଟି ଦେଇଥିଲେ । ଟ୍ୟୁନିସିଆ ପକ୍ଷରୁ ହାଜିମ୍ ମାଷ୍ଟୌରୀ ୫୪ତମ ମିନିଟରେ ଏକମାତ୍ର ଗୋଲଟି ଶୁଝିଥିଲେ । ନେଦରଲ୍ୟାଣ୍ଡସ ୩ଟି ମ୍ୟାଚରୁ ଗୋଟିଏ ଡ୍ର ଓ ୨ଟି ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍-ଏଫ୍ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି । ଅପରପକ୍ଷରେ ହ୍ୟାଟ୍ରିକ ପରାଜୟ ସହ ଟ୍ୟୁନିସିଆ ବିଶ୍ୱକପ୍ ଅଭିଯାନ ଶେଷ କରିଛି ।



## ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ: ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି । ଫାଇନାଲରେ ଓଡ଼ିଶା ଦଳ ୩୯.୯୨ ସେକେଣ୍ଡରେ ରେସ୍ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା । ଅଭିଜ୍ଞ ଅମୀୟ ମଲ୍ଲିକ, ସରୁନ ପାୟସିଂ, ଲାଲୁ ପ୍ରସାଦ ଭୋଇ ଓ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳର ସଦସ୍ୟ ରହିଥିଲେ । ତାମିଲନାଡୁ (୪୦.୦୨ ସେକେଣ୍ଡ) ଓ ମହାରାଷ୍ଟ୍ର (୪୦.୩୭ ସେକେଣ୍ଡ) ରିଲେ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲା । ଅପରପକ୍ଷରେ ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ ୧୬.୯୨ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ମହିଳା ଡିସକସ୍ ଥ୍ରୋ'ରେ ହରିୟାଣାର ସୀମା ୫୯.୭୩ ମିଟର ସହ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିବା ସହ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ।

**ପ୍ରଥମ ଟି-୨୦**

## ପ୍ରଥମଥର ଭାରତକୁ ହରାଇଲା ଆୟର୍ଲାଣ୍ଡ

ବେଲ୍‌ଫାଷ୍ଟ, ୨୬ ।୬ (ଏଜେନ୍ସି): ଟି-୨୦ କ୍ରିକେଟ୍ ଇତିହାସରେ ଆୟର୍ଲାଣ୍ଡ ପ୍ରଥମଥର ଭାରତକୁ ହରାଇବାରେ ସମର୍ଥ ହୋଇଛି । ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଭାରତକୁ ପରାସ୍ତ କରିଛି । ୧୮୩ ରନକୁ ପିଛା କରିଥିବା ଭାରତ ୧୪୮ ରନରେ ଅଲ୍‌ଆଉଟ୍ ହୋଇଛି । ସିରିଜର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ରବିବାର ଖେଳାଯିବ । ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟି-୨୦ ମୁକାବିଲା ୨୦୦୯ରେ ଖେଳାଯାଇଥିଲା । ଇତିମଧ୍ୟରେ ୧୭ ବର୍ଷ ମଧ୍ୟରେ ୯ଟି ମୁକାବିଲା ଖେଳାଯାଇଛି । ଯେଉଁଥିରେ ଭାରତ ୮ ଓ ଆୟର୍ଲାଣ୍ଡ ଗୋଟିଏ ମ୍ୟାଚ୍ ଜିତିଛି । ୧୮୩ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । କେବଳ ଓପନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ । ଫଳରେ ଭାରତ ୭ଟି ବଲ୍ ବଳକା ଥାଇ ୧୪୮ ରନରେ ସୀମିତ ରହିଥିଲା । ଅଭିଷେକ ୭ଟି ଚୌକା ଓ ୨ଟି ଛକା ବଳରେ ୨୦ ବଲରୁ ୫୦ ରନ କରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୫, ଇଶାନ କିଶାନ ୧, ଅଧିନାୟକ ଶ୍ରେୟସ ଆୟର ୩, ତିଲକ ବର୍ମା ୧୯, ଶିବମ ଦୁବେ ୨୫, ଅକ୍ଷର ପଟେଲ ୧୫, ୱାଶିଂଟନ ସୁନ୍ଦର ୯ ରନ କରିଥିଲେ । ସଫଳ ବୋଲର ଭାବେ ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ହୋଲାର୍ଡ ଓ ମାଥ୍ୟୁ ହମ୍ପରେସ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟର୍ଲାଣ୍ଡ ୭.୧ ଓଭର ମଧ୍ୟରେ ୫୧ ରନରେ ୪ଟି ୱିକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା । କିନ୍ତୁ ଅଧିନାୟକ ଲୋରକାନ ଟକର (୩୬ ବଲରେ ୫୦ ରନ) ଓ ଗେରେଥ ଡେଲାନୀ (୩୨ ବଲରେ ୪୯ ରନ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ଦଳ ୯ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା । ଭାରତ ପକ୍ଷରୁ ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ୍ ସିଂହ ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ନ ମିଳିବା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି ।



**ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍**

## ଭୁବନେଶ୍ୱର କ୍ରୀଡ଼ାବିତ୍‌ଙ୍କୁ ୨୨ ପଦକ

ଭୁବନେଶ୍ୱର, ୨୬ ।୬ (ସମିସ)

ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ (ଓଟିଏ) ଓ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମରେ ଓଡିଶା ରାଜ୍ୟ କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଏହି ୩ ଦିନିଆ ପ୍ରତିଯୋଗିତାରେ ଭୁବନେଶ୍ୱରର କ୍ରୀଡ଼ାବିତମାନେ ମୋଟ୍ ୨୨ଟି ପଦକ ବିଜୟୀ ହୋଇଛନ୍ତି । ଯେଉଁଥିରେ ୮ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୮ କାଂସ୍ୟ ପଦକ ସାମିଲ ରହିଛି । ୧୪୨୦ ପଏଣ୍ଟ୍ସ ସହ ଭୁବନେଶ୍ୱର ପଞ୍ଚମ ସ୍ଥାନ ହାସଲ କରିଛି । କ୍ରୀଡ଼ାବିତଙ୍କ ଏହି ସଫଳତା ପରେ କୋଚ ତଥା ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ଏହେସାସ ହୋତା, ସଭାପତି ମନମୋହନ ଭଞ୍ଜ ଏବଂ କୋଷାଧ୍ୟକ୍ଷ ବିବେକାନନ୍ଦ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।




## ବିସିସିଆଇ ଇମର୍ଜିଂ ଟୁର୍ଣ୍ଣାମେଣ୍ଟ ଖେଳିବେ ସମ୍ବିତ

ଭୁବନେଶ୍ୱର, ୨୬ ।୬ (ସମିସ)



ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଖୁସି ଖବର । ରାଜ୍ୟର ଉଦୀୟମାନ ଖେଳାଳି ସମ୍ବିତ ବରାଳ ପୁଣିଥରେ ଜାତୀୟସ୍ତରରେ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି । ସେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହେବାକୁ ଥିବା ଉଦୀୟମାନ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ହୋଇଥିବା 'ଏ' ଦଳରେ ସ୍ଥାନ ପାଇଛନ୍ତି । ସର୍ବଭାରତୀୟ ଜୁନିଅର ଏବଂ ସିନିଅର ଚୟନ କମିଟି ଦ୍ୱାରା ଏହି ଦଳ ଚୟନ କରାଯାଇଛି । ଆସନ୍ତା ଜୁଲାଇ ୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ଉତ୍କର୍ଷ କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜନ ହେବ । ଚଳିତ ବର୍ଷ ଏପ୍ରିଲ୍ ଓ ମେ ମାସରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିବା ୨୫ ବର୍ଷରୁ କମ୍ ଉଦୀୟମାନ ହାଇ ପରଫର୍ମାନ୍ସ ଶିବିରରେ ସମ୍ବିତ ଚମତ୍କାର ପ୍ରଦର୍ଶନ କରିଥିଲେ । ସମ୍ବିତଙ୍କର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସୁଟ୍ ଆଉଟ୍‌ରେ ହାରିଲା ଭାରତ

ଲଣ୍ଡନ, ୨୬ ।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଏହାର ୟୁରୋପ ଲେଗ୍ ଖେଳ ଜାରି ରଖିଛି । ଶୁକ୍ରବାର ସକାଳେ ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ସୁଟ୍‌ଆଉଟ୍‌ରେ ୧-୪ ଗୋଲ୍‌ରେ ଘରୋଇ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଛି । ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଭାରତ ଓ ଇଂଲଣ୍ଡ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ । ଭାରତ ପକ୍ଷରୁ ଦିଲ୍‌ପ୍ରୀତ୍ ସିଂହ ଦୁଇଟି ଯାକ ଗୋଲ୍‌ସ୍କୋର କରିଥିଲେ । ଏହାପରେ ଫଳାଫଳ ପାଇଁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏଥିରେ ଇଂଲଣ୍ଡ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ମାତ୍ର ଗୋଟିଏ ବଲ୍ ପ୍ରତିପକ୍ଷ ପୋଷ୍ଟ ମଧ୍ୟକୁ ପଠାଇବାକୁ ସମର୍ଥ ହୋଇଥିଲା । ବିଜୟ ସହ ଇଂଲଣ୍ଡ ବୋନସ୍ ପଏଣ୍ଟ ହାତେଇନେଇଛି । ଇଂଲଣ୍ଡ ୧୪ଟି ମ୍ୟାଚରୁ ୩୧ ପଏଣ୍ଟ ପାଇ ବେଲ୍‌ଜିୟମ (୩୬) ପଛକୁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଅପରପକ୍ଷରେ ଭାରତ ୧୪ଟି ମ୍ୟାଚରୁ ୧୪ ପଏଣ୍ଟ ସହ ୯ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି । ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS